॥ ଓ୩ମ୍ ॥

[redacted]ुरुकुल के पूर्व कुलपति एवं प्रधान
[redacted]त्रसेन जी आर्य की पुण्य स्मृति में प्रकाशित

# ଆର୍ଯ୍ୟାଭିବିନୟ

# आर्याभिविनय


-: ଲେଖକ :-

**ମହର୍ଷି ଦୟାନନ୍ଦ ସରସ୍ୱତୀ**

-: लेखक :-

**महर्षि दयानन्द सरस्वती**

ଅନୁବାଦକ

**ଆଚାର୍ଯ୍ୟ ଅଖିଳେଶ ଶାସ୍ତ୍ରୀ**



-: ପ୍ରକାଶକ :-

**ଉତ୍କଳ ସାହିତ୍ୟ ସଂସ୍ଥାନ**

ଗୁରୁକୁଳ ଆଶ୍ରମ ଆମସେନା, ଖରିଆର୍ ରୋଡ୍,
[redacted]ଜି. ନୂଆପଡ଼ା (ଓଡ଼ିଶା) ୭୬୬୧୦୯[redacted]

[redacted]ଂସ୍କରଣ   ମୂଲ୍ୟ ଟ ୨[redacted]




## इस पुस्तक के सम्बन्ध में दो भाब्द –

वेदों के अद्वितीय विद्वान् , आदित्य ब्रह्मचारी महर्शि दयानन्द सरस्वती पांच हजार वर्श के पीछे व्यास, जैमिनि आदि की परंपरा में ऋशि बने तथा लुप्त वेदों का उद्धार किया, सच्चे वैदिक धर्म का पुनरुद्धार करने स्त्री जाति के लिए ि ाक्षा का द्वार खोलने, पाखण्ड का खण्डन करने, स्त्री भाूद्रों पर हो रहे अत्याचार को मिटाने के कारण अज्ञपाखण्डी, स्वार्थी, दम्भी लोगों ने स्वामी जी को असह्य कश्ट दिये, अनेक बार विश पान कराया, परन्तु स्वामी जी अपने दृढ़ नि चय से पीछे नहीं हटे । मानव मात्र के लिए मुक्ति का मार्ग दिखाकर वेद वेदांग के पढ़ने का अधिकार दिला दिया ।

ऐसे ऋशिवर का जन्म गुजरात के टंकारा ग्राम में सन 1824 के फरवरी माह में हुआ । जब इनकी आयु 18 वर्श की थी, तब छोटी बहिन तथा चाचा जी की मृत्यु को देखकर इन्हें संसार के विशयों से वैराग्य हो गया तथा योगसाधना के द्वारा सच्चे ि ाव के द ान करने और मृत्यु पर विजय पाने के लिए इन्होंने 21 वर्श की अवस्था में सदा के लिए घर छोड़ दिया , फिर योगाभ्यास सीखने के लिए 10 / 12 वर्श तक योगियों की खोज की । समाधि लगाने की विद्या सीखी तथा तत्प चात् मथुरा में गुरु विरजानन्द जी से आर्श ग्रन्थों का अध्ययन किया फिर गुरुदेव का आदे ा प्राप्त कर वेदप्रचार एवं दे ोद्धार के लिए कार्यक्षेत्र में उतर गये । स्वामी जी ने आर्यसमाज के तीसरे नियम में वेदों का पढ़ना पढ़ाना और सुनना सुनाना सब आर्यों का परम धर्म लिखा है । इसी परम धर्म को पालन करने के उन्होंने से स्वामी जी ने सारे दे ा का भ्रमण कर वेदों का प्रचार किया, क्योंकि मनु जी महाराज ने आर्य (हिन्दु) धर्म के संविधान ग्रन्थ मनुस्मृति में लिखा है

''वेदोऽखिलो धर्म मूलम् , वेद चक्षु सनातनम्'' अर्थात् वेद ही सारे ज्ञान का भंडार है एवं वेद मनुश्य का तृतीय ज्ञान नेत्र है । इसलिए जो व्यक्ति वेदों को न पढ़के अन्यत्र परिश्रम करता वह पढ़ा लिखा हो तो भी भूद्र तुल्य है ।

फिर अपने दिव्यज्ञान तथा सारे प्राचीन साहित्य में वेदों की महत्ता जानकर उनका प्रचार तों किया ही, वेदों की महत्ता प्रकट करने के लिए ऋग्वेदादि भाश्य भूमिका नामक अपूर्वग्रन्थ की भी रचना की तथा प्रत्येक वेदभक्त, श्रद्धालु व्यक्ति वेद मन्त्रों से प्रार्थना कर सके । इसी उद्दे य से वेदों के पारखी योग समाधि से भुद्ध अन्तःकरण वाले महायोगी महर्शि स्वामी दयानन्द सरस्वती जी ने भगवान् की दिव्यवाणी ऋग्वेद, यजुर्वेद से स्तुति, प्रार्थना परक 100 मन्त्रों की माला के रुप में इस ग्रन्थ की रचना की हैं । जिससे वेदभक्त श्रद्धालु आर्यजन वेदामृत का पान कर सके ।

इस अनुपम वेदव्याख्या की पुस्तक का प्रका न हिन्दी में है । अतः अहिन्दी उड़ीया भाशी वेदभक्त इसे नहीं पढ़ सकते थे । इस अभाव को दूर करने के लिये प्रसिद्ध आर्यसन्यासी, ऋशिभक्त वैदिक साहित्य के उद्भट विद्वान्, वैदिक धर्म के प्रचार–प्रसार में तन मन से समर्पित त्यागी तपस्वी, कर्मठ श्रद्धेय सन्यासी पूज्य स्वामी धर्मानन्द सरस्वती इस अपूर्व ग्रन्थरत्न का उड़ीया भाशा में अनुवाद कराके गुरुकुल आश्रम आमसेना के प्रका न विभाग उत्कल साहित्य संस्थान से हमारे पूज्य पिताश्री चौ. मित्रसेन जी आर्य की स्मृति में प्रकाि त कराया है । इसके लिए सभी आर्यजन और परम मित्र परिवार स्वामी जी का हार्दिक आभारी हैं ।

**श्री कै. रुद्रसेन सिन्धु**
**रोहतक, हरयाणा**



## ପ୍ରକାଶକୀୟ :-

**"ଆର୍ଯ୍ୟାଭିବିନୟଃ"** ଦେବର୍ଷି ଦୟାନନ୍ଦଙ୍କ ଭଗବତ୍‌ଭକ୍ତି ପୂର୍ଣ୍ଣ ଅଭୂତପୂର୍ବ ଅଦ୍ଭୁତ ଓ ଦିବ୍ୟ ରଚନା ଅଟେ । ଏଇ ଗ୍ରନ୍ଥ ଅନେକଙ୍କ ହୃଦୟରେ ଆଣିଛି ନବ-ଚେତନା, ଭରି ଦେଇଛି ଆଶାର ଉତ୍ସ ଓ ଫୁଙ୍କିଛି ଅମୋଘ ମନ୍ତ୍ର । ଅସଂଖ୍ୟାତ ଜନ ପାଇଛନ୍ତି ଏହାଦ୍ୱାରା ନବଜୀବନ ।

"ବୈଦିକ ସାହିତ୍ୟ ଆମ ଓଡ଼ିଆ ଭାଷାରେ ବହୁତ କମ୍ ଉପଲବ୍ଧ ହୁଏ । ଯଦି ବ ମିଳେ ବହୁତ ମୂଲ୍ୟରେ ପ୍ରାପ୍ତ ହୁଏ । ଏଣୁ ଏହି ଅସୁବିଧାକୁ ପୂଜ୍ୟ ଗୁରୁଦେବ ସ୍ୱାମୀ ଧର୍ମାନନ୍ଦ ସରସ୍ୱତୀ ଜାଣି କିପରି ଭାବରେ ଓଡ଼ିଶା ଜନାର୍ଦ୍ଦନ ବୈଦିକ ସାହିତ୍ୟରୁ ବିମୁଖ ନ ହୋଇ ତା ପ୍ରତି ଆକର୍ଷିତ ହୋଇ ପାରିବେ ଓ ଅତିକମ୍ ମୂଲ୍ୟରେ ବହି ପ୍ରାପ୍ତ କରି ବୈଦିକ ଧର୍ମକୁ ଜାଣିପାରିବେ, ତା'ପାଇଁ ଏକ ସ୍ୱତନ୍ତ୍ର ବିଭାଗ-"ଉତ୍କଳ ସାହିତ୍ୟ ସଂସ୍ଥାନ" ନାମରେ ଖୋଲିଛନ୍ତି । ଉକ୍ତ ସଂସ୍ଥାନରେ ସମସ୍ତ ଆର୍ଷ ସାହିତ୍ୟର ପ୍ରକାଶନ ପ୍ରଗ୍ର-ପ୍ରସାର ପାଇଁ ଅଟେ । ପୂଜ୍ୟ ସ୍ୱାମୀଜୀ ହେଉଛନ୍ତି ଆର୍ଷ ଶିକ୍ଷା ପଦ୍ଧତିର ପୃଷ୍ଠ ପୋଷକ ଓ ଓଡ଼ିଶାରେ ବୈଦିକ ଚିନ୍ତାଧାରା ପ୍ରଗ୍ର ପ୍ରସାର ହେବା ପାଇଁ ସଦା ସର୍ବଦା ଧ୍ୟାନରତ । ଉକ୍ତ ଆର୍ଯ୍ୟାଭିବିନୟ ପୁସ୍ତକ ଛୋଟ ହେଲେ ମଧ୍ୟ ତାର ଉଦ୍ଦେଶ୍ୟ ହେଉଛି ମହାନ୍ । ଏଣୁ ଉକ୍ତ ପୁସ୍ତକକୁ ପ୍ରକାଶକ କରି ଆମ୍ଭମାନଙ୍କର ଆଧ୍ୟାତ୍ମିକ ଦିଗରେ ଅଗ୍ରସର ହେବାପାଇଁ ପଥପ୍ରଦର୍ଶକ କରିଛନ୍ତି । ତେଣୁ ଆମ୍ଭେମାନେ ପୂଜ୍ୟ ସ୍ୱାମୀଜୀଙ୍କର ଚିରଋଣୀ ହୋଇରହିବୁ । ଏହି ପୁସ୍ତକଟିକୁ ଶ୍ରୀ ଆଗ୍ର୍ଯ୍ୟ ଅଖିଳେଶ ଶାସ୍ତ୍ରୀ, ଗୁରୁକୁଳର ପ୍ରଥମ ସ୍ନାତକ ଓଡ଼ିଆ ଭାଷାରେ ଅନୁବାଦ କରିଛନ୍ତି । ସେ ମଧ୍ୟ ଧନ୍ୟବାଦର ପାତ୍ର ଅଟନ୍ତି । ପ୍ରଥମ ସଂସ୍କରଣ ସମାପ୍ତ ହେଲା ପରେ ଏହି ପୁସ୍ତକର ନିରନ୍ତର ଆବଶ୍ୟକତା ଜଣାପଡ଼ିବାରୁ ପୁନଃ ଦ୍ୱିତୀୟ ସଂସ୍କରଣ ସ୍ୱ.ଚୌଧୁରୀ ମିତ୍ରସେନ ଆର୍ଯ୍ୟଙ୍କ ସ୍ମୃତିରେ ପ୍ରକାଶିତ କରାଯାଇଛି ।

ଆଶା ଓ ବିଶ୍ୱାସ ଏହି ଦ୍ୱିତୀୟ ସଂସ୍କରଣ ମଧ୍ୟ ଖୁବ୍ ଶୀଘ୍ର ଜନ ସାଧାରଣରେ ଆଦୃତ ହୋଇ ଜନମାନସକୁ ଆଧ୍ୟାତ୍ମିକବାଦ ଆଡ଼କୁ ଟାଣି ନେବାରେ ସହାୟକ ହେବ ।

—ଆପଣଙ୍କର —

**ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ**

॥ ଓ୩ମ୍ ॥

## -: ପ୍ରାର୍ଥନା :-

**ଓ୩ମ୍ ଶଂନୋ ମିତ୍ରଃ ଶଂ ବରୁଣଃ ଶଂ ନୋ ଭବ ତ୍ୱର୍ଯ୍ୟମା ।**
**ଶଂ ନ ଇନ୍ଦ୍ରୋ ବୃହସ୍ପତିଃ ଶଂ ନୋ ବିଷ୍ଣୁରୁରୁକ୍ରମଃ ॥୧॥**

(ଋଗ୍‌ବେଦ-୧ଅ.୬ବ.୧୮ମ.୪)

**ବ୍ୟାଖ୍ୟା :-** ହେ ସଚ୍ଚିଦାନନ୍ଦାନନ୍ତ ସ୍ୱରୂପ ! ହେ ନିତ୍ୟଶୁଦ୍ଧବୁଦ୍ଧମୁକ୍ତ ସ୍ୱଭାବ ! ହେ ଅଦ୍ୱିତୀୟାନୁପମଜଗଦାଦିକରଣ ! ହେ ଅଜ, ନିରାକାର ସର୍ବଶକ୍ତିମନ୍, ନ୍ୟାୟକାରିନ୍ ! ହେ ଜଗଦୀଶ, ସର୍ବଜଗଦୁତ୍ପାଦକାଧାର ! ହେ ସନାତନ, ସର୍ବମଙ୍ଗଳମୟ, ସର୍ବସ୍ୱାମିନ୍ ! ହେ କରୁଣାକରାସ୍ମତ୍ପିତଃ, ପରମସହାୟକ ! ହେ ସର୍ବାନନ୍ଦପ୍ରଦ, ସକଳଦୁଃଖବିନାଶକ ! ହେ ଅବିଦ୍ୟାନ୍ଧକାର ନିବାରକ, ବିଦ୍ୟାର୍କ ପ୍ରକାଶକ, ହେ ପରମୈଶ୍ୱର୍ଯ୍ୟଦାୟକ, ସାମ୍ରାଜ୍ୟ ପ୍ରସାରକ ! ହେ ଅଧମୋଦ୍ଧାରକ, ପତିତପାବନ ମାନ୍ୟପ୍ରଦ ! ହେ ବିଶ୍ୱବିନୋଦକ, ବିନୟ ବିଧିପ୍ରଦ, ବିଶ୍ୱାସ ବିଳାସକ ! ହେ ନିରଞ୍ଜନ, ନାୟକ, ଶର୍ମଦ, ନରେଶ ନିର୍ବିକାର ! ହେ ସର୍ବାନ୍ତର୍ଯ୍ୟାମିନ୍, ସଦୁପଦେଶକ, ମୋକ୍ଷପ୍ରଦ ! ହେ ସତ୍ୟଗୁଣାକର ନିର୍ମଳ, ନିରୀହ, ନିରାମୟ, ନିରୁପଦ୍ରବ, ଦୀନଦୟାକର, ପରମ ସୁଖଦାୟକ ! ହେ ଦାରିଦ୍ର୍ୟବିନାଶକ, ନିର୍ବୈରବିଧାୟକ, ସୁନୀତିବର୍ଦ୍ଧକ ! ହେ ପ୍ରୀତିସାଧକ, ରାଜ୍ୟବିଧାୟକ ଶତ୍ରୁ ବିନାଶକ ହେ ସର୍ବବଳପ୍ରଦାୟକ, ଦୁର୍ବଳପାଳକ, ଧର୍ମ ସୁପ୍ରାପକ ! ହେ ଅର୍ଥସୁସାଧକ, ସୁକାମବର୍ଦ୍ଧକ, ଜ୍ଞାନପ୍ରଦ ! ହେ ସକଳସଜ୍ଜନସୁଖଦ, ଦୁଷ୍ଟସୁତାଡ଼ନ, ଗର୍ବ, କୁକ୍ରୋଧ କୁଲୋଭବିଦାରକ ! ହେ ପରମେଶ, ପରେଶ, ପରମାତ୍ମନ୍, ପରବ୍ରହ୍ମନ୍ ! ହେ ଜଗଦାନନ୍ଦକ, ପରମେଶ୍ୱର, ବ୍ୟାପକ, ସୂକ୍ଷ୍ମାଚ୍ଛେଦ୍ୟ ! ହେ ଅଜରାମୃତାଭୟ



ନିର୍ବନ୍ଧନାଦେ ! ହେ ଅପ୍ରତିମପ୍ରଭାବନିର୍ଗୁଣାତୁଳବିଶ୍ୱାଦ୍ୟ-ବିଶ୍ୱବନ୍ଦ୍ୟ ବିଦ୍ୱଦ୍ୱିଳାସକେତ୍ୟାଦ୍ୟନନ୍ତ ବିଶଷଣ ବାଚ୍ୟ ! ହେ ମଙ୍ଗଳପ୍ରଦେଶ୍ୱର ! ଆପଣ ସମସ୍ତଙ୍କର "ମିତ୍ର" ଅଟନ୍ତି । ପ୍ରଭୋ ! ଆପଣ ହିଁ ସତ୍ୟ ସୁଖଦାୟକ ଅଟନ୍ତି । ହେ ସର୍ବୋତ୍କୃଷ୍ଟ, ସ୍ୱୀକରଣୀୟ ବରେଶ୍ୱର ! ଆପଣ 'ବରୁଣ' ଅର୍ଥାତ୍ ସର୍ବୋତ୍ତମ ଅଟନ୍ତି, ଭଗବନ୍ ଆମକୁ ସୁଖପ୍ରଦାନ କରନ୍ତୁ । ହେ ପକ୍ଷପାତରହିତ, ଧର୍ମନ୍ୟାୟକାରିନ୍ ! ଆପଣ 'ଅର୍ଯ୍ୟମା' (ଯମରାଜ) ଅଟନ୍ତି, ଆପଣ ହିଁ ନ୍ୟାୟୋଚିତ ସୁଖ-ପ୍ରଦାନ କରନ୍ତି । ହେ ପରମେଶ୍ୱର୍ଯ୍ୟବାନ୍ "ଇନ୍ଦ୍ର" ଈଶ୍ୱର ! ଆପଣ ଆମ୍ଭମାନଙ୍କୁ ପରମୈଶ୍ୱର୍ଯ୍ୟଯୁକ୍ତ ଶାଶ୍ୱତ ଶାନ୍ତି ପ୍ରଦାନ କରନ୍ତୁ । ହେ ମହାବିଦ୍ୟ , ବାଗ୍ମେଧିପତେ "ବୃହସ୍ପତେ" ପରମାତ୍ମନ୍ ! ଆପଣ ହିଁ ଆମ୍ଭମାନଙ୍କର (ବୃହତ୍) ସର୍ବୋତ୍ତମ ସୁଖଦାତା ଅଟନ୍ତି । ହେ ସର୍ବବ୍ୟାପକ, ଅନନ୍ତପରାକ୍ରମେଶ୍ୱର, ବିଷ୍ଣୋ ! ଆପଣ ସର୍ବସୁଖଦାତା ଅଟନ୍ତି, ଇତର କେହି ନୁହଁନ୍ତି । ଆପଣଙ୍କ ଚରଣାଶ୍ରୟରେ ଆମ୍ଭେ ଜୀବିତ, ଅନ୍ୟ କାହାରି ନୁହେଁ , କାରଣ ସର୍ବଶକ୍ତିସମ୍ପନ୍ନ, ନ୍ୟାୟକାରୀ, ଦୟାମୟ, ସର୍ବଶ୍ରେଷ୍ଠ ପିତାଙ୍କୁ ଛାଡ଼ି ଅନ୍ୟ କୌଣସି ତୁଚ୍ଛର ଆଶ୍ରୟ ଆମେ କଦାପି ଗ୍ରହଣ କରିବୁ ନାହିଁ । ପ୍ରଭୋ ! ଆପଣ ଦୃଢ଼ ପ୍ରତିଜ୍ଞ ଅଟନ୍ତି, ଅଙ୍ଗୀକୃତକୁ କେବେହେଲେ ଆପଣ ଉପେକ୍ଷା କରନ୍ତି ନାହିଁ । ତେଣୁ ଆପଣ ଆମକୁ ଯେ ସର୍ବଦା ସୁଖ-ପ୍ରଦାନ କରିବେ ଏ ଦୃଢ଼ ବିଶ୍ୱାସ ଆମ ଭକ୍ତଜନଙ୍କର ରହିଛି ।

## -: ସ୍ତୁତି :-

**ଅଗ୍ନିମିଳେ(ଡ଼) ପୁରୋହିତଂ ଯଜ୍ଞସ୍ୟ ଦେବମୃତ୍ୱିଜମ୍ ।**
**ହୋତାରଂ ରତ୍ନଧାତମମ୍ ॥୨॥** (ଋ. ୧/୧/୧/୧)

**ବ୍ୟାଖ୍ୟା :-** ବେଦରେ ମାନବ ସମାଜପ୍ରତି ପରମାତ୍ମା ଉପଦେଶ ଦେଇଛନ୍ତି- ହେ ମାନବ ! ତୁମେ ମୋର ଏପରି ସ୍ତୁତି ପ୍ରାର୍ଥନା, ଉପାସନା କର । ଯେପରି ପିତା ବା ଗୁରୁ (ଆଚାର୍ଯ୍ୟ) ନିଜର ପୁତ୍ର ବା ଶିଷ୍ୟଙ୍କୁ ଉପଦେଶ ଦେଇଥାନ୍ତି ଯେ, ତୁମେ

ପିତା ବା ଗୁରୁଙ୍କ ବିଷୟରେ ଏଭଳି ସ୍ତୁତି ଆଦି କରିବ , ସେହିପରି ସମସ୍ତଙ୍କ ପିତା ଓ ପରମଗୁରୁ ପରମେଶ୍ୱର ଆମ ଉପରେ କୃପାବାରି ବର୍ଷଣ ପୂର୍ବକ ସମସ୍ତ ବ୍ୟବହାର ଓ ବିଦ୍ୟାଦି ପଦାର୍ଥ ସମୂହର ଉପଦେଶ ପ୍ରଦାନ କରିଅଛନ୍ତି ।ଯଦ୍ୱାରା ଆମେ ଉତ୍ତମ ବ୍ୟବହାର ଜ୍ଞାନ ଓ ପରମାର୍ଥ ଜ୍ଞାନ ଉପଲବ୍ଧ କରି ପରମସୁଖ ପାଇପାରିବୁ । ପରମାତ୍ମା ସମସ୍ତଙ୍କର ଆଦିକାରଣ । ସେ ହିଁ ପରମବିଦ୍ୟା ବେଦର ମଧ୍ୟ ଆଦି କାରଣ ଅଟନ୍ତି ।

ହେ ବନ୍ଦନୀୟ ଅଗ୍ନେ ! ଆପଣ ହେଉଛନ୍ତି ଜ୍ଞାନସ୍ୱରୂପ ଆପଣଙ୍କ ସ୍ତୁତି ମୁଁ କରୁଛି । ସର୍ବ ହିତସାଧକ ! ଆପଣ "ପୁରୋହିତ" ବିଶ୍ୱବ୍ରହ୍ମାଣ୍ଡର ହିତୋପକାରକ ଅଟନ୍ତି । ହେ ଯଜ୍ଞଦେବ ! ଆପଣ ସକଳ ମାନବର ପୂଜ୍ୟତମ ଓ ଜ୍ଞାନଯଜ୍ଞାଦି ପାଇଁ କମନୀୟ । "ଋତ୍ୱିଜମ୍" ଆପଣ ବସନ୍ତ ଆଦି ଋତୁରାଜର ରଚୟିତା ଅର୍ଥାତ୍ ସାମୟିକ ସୁଖ ସମ୍ପତ୍ତିର ସମ୍ପାଦକ । "ହୋତାରମ୍" ସକଳ ଜଗତକୁ ଯୋଗ ଓ କ୍ଷେମ ପ୍ରଦାନ କରନ୍ତି ଓ ପ୍ରଳୟକାଳରେ କାରଣ ରୂପରେ ସମସ୍ତ ଜଗତର ହୋତା ଆପଣ ହିଁ ଅଟନ୍ତି । "ରତ୍ନଧାତମମ୍" ରତ୍ନ ଅର୍ଥାତ୍ ରମଣୀୟ ପୃଥିବୀ ଆଦି ଲୋକର ଧାରକ, ପାଳକ ଓ ରଚକ ଆପଣ ଅଟନ୍ତି । ତଥା ସ୍ୱଭକ୍ତଜନଙ୍କ ପାଇଁ ଆପଣ ହିଁ ରତ୍ନଗର୍ଭ ଧାରଣ କରନ୍ତି । ହେ ସର୍ବଶକ୍ତିମନ୍ ପରମାତ୍ମନ୍ ! ଏଣୁ ମୁଁ ବିନମ୍ରତାର ସହିତ ସ୍ତୁତି କରୁଅଛି । ପ୍ରଭୋ ! ମୋର ଏହି ମିନତିକୁ ସ୍ୱୀକାର କରନ୍ତୁ ଯଦ୍ୱାରା ଆପଣଙ୍କ କୃପା-ଭାଜନ ହୋଇ ଆମେ ସର୍ବଦା ଆନନ୍ଦ ଉପଭୋଗ କରିପାରିବୁ ।

-: **ପ୍ରାର୍ଥନା** :-

**ଅଗ୍ନିନା ରୟିମଶ୍ନବତ୍ ପୋଷମେବ ଦିବେଦିବେ ।**

**ଯଶସଂ ବୀରବତ୍ତମମ୍ ॥୩॥** (ଋ.୧/୧/୧/୩)

**ବ୍ୟାଖ୍ୟା :-** ହେ ମହାଦାତଃ ଈଶ୍ୱରାଗ୍ନେ ! ଆପଣଙ୍କ କୃପାକଟାକ୍ଷରେ ସ୍ତୁତିକର୍ତ୍ତା ମଣିଷ "ପୋଷମେବ" ପୁଷ୍ଟିବର୍ଦ୍ଧକ ସତ୍କୀର୍ତ୍ତିପ୍ରଦ 'ରୟିମ୍' ବିଦ୍ୟା ସୁବର୍ଣ୍ଣାଦି



ସମ୍ପତ୍ତିକୁ ନିଶ୍ଚିତ ଭାବେ ଲାଭ କରିଥାଏ । ଯାହାକି ବିଦ୍ୟା, ଶୌର୍ଯ୍ୟ, ଧୈର୍ଯ୍ୟ, ଗୃତୁର୍ଯ୍ୟ, ବଳ, ପରାକ୍ରମ ଓ ଦୃଢ଼ାଙ୍ଗ ଧର୍ମାତ୍ମା ବୀରପୁରୁଷ ଉପଲବ୍ଧି କରିଥାନ୍ତି । ପ୍ରଭୋ ! ତଦନୁରୂପ ସୁବର୍ଣ୍ଣରତ୍ନାଦି ଓ ଚକ୍ରବର୍ତ୍ତୀ ରାଜ୍ୟ ତଥା ବିଜ୍ଞାନସ୍ୱରୂପ ଧନ ମୋତେ ପ୍ରଦାନ କରନ୍ତୁ ତଥା ଆପଣଙ୍କ ଅସୀମ ଅନୁକମ୍ପା ବଳରେ ମୁଁ ଧର୍ମାତ୍ମା ହୋଇ ସର୍ବଦା ଚିରନ୍ତନ ସୁଖ ଲାଭ କରେଁ ।

-: **ସ୍ତୁତି** :-

**ଅଗ୍ନିଃ ପୂର୍ବେଭିର୍ଋଷିଭିରୀଡ୍ୟୋ ନୂତନୈରୁତ ।**

**ସ ଦେବାଂ ଏହ ବକ୍ଷତି ॥୪॥** (ଋ.୧/୧/୧/୨)

**ବ୍ୟାଖ୍ୟା :-** ହେ ସର୍ବସ୍ତୁତ୍ୟ ଈଶ୍ୱରାଗ୍ନେ ! "ପୂର୍ବେଭିଃ" ବିଦ୍ୟା-ଅଧୀତବନ୍ତ ପ୍ରାଚୀନ "ଋଷିଭିଃ" ମନ୍ତ୍ରାର୍ଥଦ୍ରଷ୍ଟା ବିଦ୍ୱଦ୍‌ଗଣ ତଥା "ନୂତନୈଃ" ବେଦାର୍ଥ ପିପଠିଷବଃ ନବୀନ ବଟୁବୃନ୍ଦଙ୍କ ଦ୍ୱାରା "ଈଡ୍ୟଃ" ସ୍ତୁତି ଯୋଗ୍ୟ "ଉତ" ଏବଂ ଆମ୍ଭ ବିଦ୍ୱାନ୍ ବା ମୂର୍ଖ ମାନବସମାଜ ଦ୍ୱାରା ମଧ୍ୟ ଆପଣ ହିଁ ସ୍ତୁତ୍ୟ ଅଟନ୍ତି । ଏଣୁ ହେ ସର୍ବ ସ୍ତୁତିପ୍ରାପକ ! ଆପଣ ଆମ୍ଭମାନଙ୍କ ପାଇଁ ଏବଂ ବିଶ୍ୱର କଲ୍ୟାଣ ନିମିତ୍ତ ଦିବ୍ୟଗୁଣ ଅର୍ଥାତ୍ ବିଦ୍ୟାଦି ସତ୍ ପଦାର୍ଥ ପ୍ରଦାନ କରନ୍ତୁ । ହେ ବିଭୋ ! ଆପଣ ହିଁ ହେଉଛନ୍ତି ସମସ୍ତଙ୍କ ଇଷ୍ଟଦେବ ।

-: **ସ୍ତୁତି** :-

**ଅଗ୍ନିର୍ହୋତା କବିକ୍ରତୁଃ ସତ୍ୟଶ୍ଚିତ୍ରଶ୍ରବସ୍ତମଃ ।**

**ଦେବୋ ଦେବେଭିରାଗମତ୍ ॥୫॥** (ଋ. ୧/୧/୧/୫/)

**ବ୍ୟାଖ୍ୟା :-** ହେ ସର୍ବଦୃକ୍ ! ସର୍ବଦ୍ରଷ୍ଟା "କ୍ରତୁଃ" ସକଳ ଜଗତର ଉତ୍ପତ୍ତିକର୍ତ୍ତା "ସତ୍ୟ"ଅବିନାଶୀ ଅର୍ଥାତ୍ ଯାହାର କେବେ ନାଶ ହୁଏ ନାହିଁ " ଚିତ୍ରଶ୍ରବସ୍ତମଃ"ଆଶ୍ଚର୍ଯ୍ୟଶ୍ରବଣାଦି (ଅଦ୍‌ଭୁତ ପ୍ରଶଂସା) ଆଶ୍ଚର୍ଯ୍ୟଗୁଣ, ଆଶ୍ଚର୍ଯ୍ୟ ଶକ୍ତି, ଆଶ୍ଚର୍ଯ୍ୟ ସ୍ୱରୂପବାନ୍ ଏବଂ ସର୍ବୋତ୍ତମ ଆପଣହିଁ ଅଟନ୍ତି; ଆପଣଙ୍କ ବ୍ୟତୀତ ଅନ୍ୟ

କେହି ନୁହନ୍ତି । ହେ ଜଗଦୀଶ ! "ଦେବେଭିଃ" ଦିବ୍ୟଗୁଣ ସହ ଆମ ହୃଦୟ ରାଜ୍ୟରେ ବିରାଜମାନ ହୁଅନ୍ତୁ ଓ ସଂସାରକୁ ମଧ୍ୟ ଦିବ୍ୟଗୁଣରେ ଜ୍ୟୋତିର୍ମୟ କରନ୍ତୁ, ଯଦ୍ୱାରା ଆମେ ଓ ଆମ ରାଷ୍ଟ୍ର ଦିବ୍ୟଗୁଣଯୁକ୍ତ ହେବ । ଆପଣହିଁ ସମସ୍ତ ରାଜ୍ୟର ଅଧିପତି ଆପଣହିଁ ଅଟନ୍ତି । ଆମେ ସମସ୍ତେ ହେଉଛୁଁ ପୁତ୍ର ତଥା ଭୃତ୍ୟପରି ॥ ୫ ॥

-: **ପ୍ରାର୍ଥନା** :-

**ଯଦଙ୍ଗ ଦାଶୁଷେ ତ୍ୱମଗ୍ନେ ଭଦ୍ରଂ କରିଷ୍ୟସି ।**

**ତବେତ୍ସତ୍ୟମଙ୍ଗିରଃ ॥୬॥** (ଋ.୧/୧/୨/୧)

**ବ୍ୟାଖ୍ୟା :-** ହେ "ଅଙ୍ଗ" ମିତ୍ରବର ! ଆପଣଙ୍କୁ ଯିଏ ନିଜର ସର୍ବସ୍ୱ (ଆତ୍ମାଦି) ସମର୍ପଣ କରେ, ତାକୁ ଆପଣ 'ଭଦ୍ରମ୍' ଅର୍ଥାତ୍ ବ୍ୟାବହାରିକ ଓ ପାରମାର୍ଥିକ ସୁଖ ନିଶ୍ଚିତ ଭାବେ ପ୍ରଦାନ କରିଥାନ୍ତି । ହେ "ଅଙ୍ଗିରଃ" ପ୍ରାଣପ୍ରିୟ ! ଆପଣ ସତ୍ୟବ୍ରତୀ ଅଟନ୍ତି ନିଜର ଭକ୍ତଜନଙ୍କୁ ପରମାନନ୍ଦ ପ୍ରଦାନ କରନ୍ତି । ଆପଣଙ୍କ ଏହି ସ୍ୱଭାବ ଆମ ପାଇଁ ଅତ୍ୟନ୍ତ ସୁଖକର । ଜଗଦୀଶ୍ୱର ! ଆପଣ ଐହିକ ଓ ପାରମାର୍ଥିକ ଉଭୟବିଧ ସୁଖ ପ୍ରଦାନ କରନ୍ତୁ, ଯଦ୍ୱାରା ସମସ୍ତ ଦୁଃଖ ଦୂରୀଭୂତ ହୋଇ ଆମ୍ଭେମାନେ ସର୍ବଦା ସୁଖରେ ରହିବୁ ॥୬॥

-: **ସ୍ତୁତି** :-

**ବାୟବାୟାହି ଦର୍ଶତେମେ ସୋମାଃ ଅରଂକୃତା ।**

**ତେଷାଂ ପାହି ଶ୍ରୁଧୀ ହବମ୍ ॥୭॥** (ଋ. ୧/୧/୩/୧)

**ବ୍ୟାଖ୍ୟା :-** ହେ ଅନନ୍ତବଳ ! ପରେଶ ବାୟୋ ଦର୍ଶନୀୟ ! ଆପଣଙ୍କ କୃପା ବଳରୁ ହିଁ ଆମେ ଆପଣଙ୍କୁ ପାଇପାରିଛୁ । ଆମ୍ଭେମାନେ ସ୍ୱକୀୟ ଅଳ୍ପ ଶକ୍ତି ଦ୍ୱାରା ସୋମ (ସୋମବଲ୍ୟାଦି) ଔଷଧ ସମୂହର ଉତ୍ତମ ରସ ଆସ୍ୱାଦନ କରି ପାରିଛୁଁ ଓ ଯାହା କିଛି ଉତ୍ତମ ପଦାର୍ଥ ଆମ ନିକଟରେ ଅଛି ସେସବୁ ଆପଣଙ୍କ ପାଇଁ "ଅରଂକୃତା" ଅଳଂକୃତ, ଅର୍ଥାତ୍ ଉତ୍ତମ ରୀତିରେ ଆମ୍ଭେ ନିର୍ମାଣ କରିଛୁ,



ସେସବୁ ଆପଣଙ୍କ ପାଇଁ ସମର୍ପିତ । ହେ ଶକ୍ତିମନ୍ ! ସେ ସବୁକୁ ଆପଣ ସ୍ୱୀକାର କରନ୍ତୁ । ଯେପରି ପୁତ୍ର ପିତାଙ୍କୁ ସାମାନ୍ୟ ବସ୍ତୁଟିଏ ପ୍ରଦାନ କଲେ ମଧ୍ୟ ପିତା ଆନନ୍ଦରେ ବିଭୋର ହୋଇ ଉଠନ୍ତି, ସେହିପରି ଆମ ଦୀନଜନ ହୃଦୟର ଏଇ ସାମାନ୍ୟ ଗୁହାରିଟିକୁ ଶୁଣନ୍ତୁ ।

—0—

-: **ପ୍ରାର୍ଥନା** :-

**ପାବକା ନଃ ସରସ୍ୱତୀ ବାଜେଭିର୍ବାଜିନୀବତୀ ।**

**ଯଜ୍ଞଂ ବଷ୍ଟୁ ଧିୟାବସୁଃ ॥୮॥** (ଋ. ୧/୧/୬/୪)

**ବ୍ୟାଖ୍ୟା :-** ହେ ବାକ୍‌ପତେ ! ସର୍ବ ବିଦ୍ୟାମୟ ! ଆପଣଙ୍କ କୃପାକଟାକ୍ଷରେ ଆମେ "ସରସ୍ୱତୀ" ସର୍ବଶାସ୍ତ୍ର ଜ୍ଞାନଯୁକ୍ତ ବାଣୀ ଲାଭକରୁଁ । "ବାଜେଭିଃ"ତଥା ଉତ୍କୃଷ୍ଟ ଅନ୍ନାଦି ସହିତ ପ୍ରବର୍ତ୍ତମାନ 'ବାଜିନୀବତୀ' ସର୍ବୋତ୍ତମ କ୍ରିୟା ବିଜ୍ଞାନଯୁକ୍ତ 'ପାବକା' ପବିତ୍ର ସ୍ୱରୂପ ଓ ପବିତ୍ରକାରିଣୀ ସର୍ବଦା ସତ୍ୟଭାଷଣ ସଂପୃକ୍ତ ମଙ୍ଗଳମୟ ବାଣୀ ଆପଣଙ୍କ ସତ୍‌ପ୍ରେରଣାରେ ଉପଲବ୍‌ଧ ହେଉ । ଆପଣଙ୍କ ଅନୁଗ୍ରହରୁ 'ଧିୟାବସୁଃ' ଅର୍ଥାତ୍ ପରମୋତ୍ତମ ବୁଦ୍ଧି ହାସଲ ପୂର୍ବକ ନିଧି ସ୍ୱରୂପ ଏହି ଦିବ୍ୟ ବାଣୀ 'ଯଜ୍ଞଂ ବଷ୍ଟୁ' ସର୍ବଶାସ୍ତ୍ର ବୋଧ ଓ ପୂଜନୀୟତମ ଆପଣଙ୍କର ବିଜ୍ଞାନ କାମନାଯୁକ୍ତ ଆମେ ହେବୁଁ । ଯଦ୍ୱାରା ଆମ ଭିତରେ ଥିବା ମୂର୍ଖତା ଲୋପପାଇ ଆମ୍ଭେ ମହା ପାଣ୍ଡିତ୍ୟଯୁକ୍ତ ହେବୁ ॥୮॥

-: **ସ୍ତୁତି** :-

**ପୁରୂତ୍ତମଂ ପୁରୂଣାମୀଶନଂ ବାର୍ଯ୍ୟାଣାମ୍ ।**

**ଇନ୍ଦ୍ରଂ ସୋମେ ସଚ୍ଚା ସୁତେ ॥୯॥** (ଋ.୧/୧/୯/୨)

**ବ୍ୟାଖ୍ୟା :-** ହେ ପରାତ୍ପର ପରମାତ୍ମନ୍ ! ଆପଣ "ପୁରୂତ୍ତମମ୍" ଅତ୍ୟନ୍ତୋତ୍ତମ ଓ ସର୍ବଶତ୍ରୁ ସଂହାରକ ଅଟନ୍ତି ତଥା ବହୁବିଧ ଜାଗତିକ ପଦାର୍ଥର

"ଈଶାନମ୍" ସ୍ୱାମୀ ଓ ଉତ୍ପାଦକ ଅଟନ୍ତି; "ବାର୍ଯ୍ୟାଣାମ୍" ବର, ବରଣୀୟ, ପରମାନନ୍ଦ ମୋକ୍ଷାଦି ପଦାର୍ଥ ସମୂହର ମଧ୍ୟ ଈଶାନ ଅଟନ୍ତି । 'ସୋମେ' ଉତ୍ପତ୍ତିସ୍ଥାନ ସଂସାର ଆପଣଙ୍କଠାରୁ (ସୁତେ) ଉତ୍ପନ୍ନ ହୋଇଥିବାରୁ (ସଗ୍) ପ୍ରୀତିପୂର୍ବକ "ଇନ୍ଦ୍ରମ୍" ପରମୈଶ୍ୱର୍ଯ୍ୟବାନ୍ ଆପଣଙ୍କ ଗୁଣଗାନ (ଅଭିପ୍ରଗାୟତ) ଅତ୍ୟନ୍ତ ପ୍ରେମଭରା ହୃଦୟରେ କରୁ, ଯଥାବତ୍ ସ୍ତୁତି ଦ୍ୱାରା ଆପଣଙ୍କ ପ୍ରେମଭାଜନ ହୋଇ ପରମୈଶ୍ୱର୍ଯ୍ୟଯୁକ୍ତ ପୂର୍ବକ ପରମାନନ୍ଦ ଲାଭ କରିବୁ ॥୯॥

### -: ପ୍ରାର୍ଥନା :-

**ତମୀଶାନଂ ଜଗତସ୍ତସ୍ଥୁଷସ୍ପତିଂ ଧିୟଂଜିନ୍ୱମବସେ ହୂମହେ ବୟମ୍ ।**
**ପୂଷାନୋ ଯଥା ବେଦସାମସଦ୍ ବୃଧେ ରକ୍ଷିତା ପାୟୁରଦବ୍ଧଃ ସ୍ୱସ୍ତୟେ ॥୧୦॥**

(ଋ. ୨/୬/୧୫/୫)

**ବ୍ୟାଖ୍ୟା :-** ହେ ସର୍ବାଧିସ୍ୱାମିନ୍ ! ଆପଣ ହିଁ ଚରାଚର ଜଗତର 'ଈଶାନମ୍' ରଚୟିତା ଅଟନ୍ତି । "ଧିୟଞ୍ଜିନ୍ୱ" ସର୍ବବିଦ୍ୟାମୟ ବିଜ୍ଞାନସ୍ୱରୂପ, ବୁଦ୍ଧିପ୍ରକାଶକ, ସର୍ବ ତର୍ପୟିତା, ପ୍ରୀଣନୀୟସ୍ୱରୂପ "ପୂଷା" ସର୍ବପୋଷକ ଅଟନ୍ତି । ଆମ୍ଭେମାନେ ଆପଣଙ୍କୁ "ନଃ ଅବସେ" ଆତ୍ମରକ୍ଷା ପାଇଁ "ହୂମହେ" ଆହ୍ୱାନ କରୁଛୁ । 'ଯଥା' ଯେପରି ଆପଣ ଆମର ବିଦ୍ୟାଦି ଧନର ଅଭିବୃଦ୍ଧି ଓ ରକ୍ଷା ସକାଶେ "ଅଦବ୍ଧଃ ରକ୍ଷିତା" ଆଳସ୍ୟ ରହିତ ହୋଇ ରକ୍ଷା କରିବାରେ ତତ୍ପର ହୋଇ ରହିଛନ୍ତି । ସେହିପରି କୃପାଦୃଷ୍ଟି ଅଭିବର୍ଷଣ କରି 'ସ୍ୱସ୍ତୟେ' ସୁସ୍ଥତା ପାଇଁ "ପାୟୁଃ" ନିରନ୍ତର ରକ୍ଷକ ହୁଅନ୍ତୁ । ଆପଣଙ୍କ ଦ୍ୱାରା ଲାଳିତ, ପାଳିତ ଆମ୍ଭେମାନେ ସର୍ବଦା ସର୍ବ ଉତ୍ତମ କର୍ମରେ ପ୍ରବୃତ୍ତ ରହି ଆନନ୍ଦ ଲାଭ କରିବୁ ॥୧୦॥

### -: ସ୍ତୁତି :-

**ଅତୋ ଦେବା ଅବନ୍ତୁ ନୋ ଯତୋ ବିଷ୍ଣୁର୍ବିଚକ୍ରମେ ।**
**ପୃଥିବ୍ୟାଃ ସପ୍ତ ଧାମଭିଃ ॥୧୧॥** (ଋ. ୧/୨/୭/୧)



**ବ୍ୟାଖ୍ୟା :-** ହେ "ଦେବାଃ" ବିଦ୍ୱଦ୍‌ଗଣ ! 'ବିଷ୍ଣୁ' ସର୍ବବ୍ୟାପକ ପରମେଶ୍ୱର ସମସ୍ତ ଜୀବର ପାପ-ପୁଣ୍ୟ ଉପଭୋଗ ପାଇଁ ଓ ସମସ୍ତ ପଦାର୍ଥର ସ୍ଥିତି ପାଇଁ ପୃଥିବୀଠାରୁ ଆରମ୍ଭ କରି (ସପ୍ତ) ସପ୍ତବିଧ "ଧାମଭିଃ" ଧାମର ଅର୍ଥାତ୍ ଉଚ୍ଚ-ନୀଚ୍ ସାତ ପ୍ରକାରର ଲୋକ ନିର୍ମାଣ କରିଛନ୍ତି ତଥା ଗାୟତ୍ର୍ୟାଦି ସପ୍ତଛନ୍ଦସଂଯୁକ୍ତ ବିସ୍ତୃତ ବିଦ୍ୟାଯୁକ୍ତ ବେଦର ରଚନା ମଧ୍ୟ କରିଛନ୍ତି । ସେହି ଲୋକ ସହିତ ବର୍ତ୍ତମାନ ସର୍ବବ୍ୟାପକ ଜଗଦୀଶ୍ୱର 'ଯତଃ' ସେହି ସାମର୍ଥ୍ୟର ସେହି ଲୋକସମୂହର ରଚନା କରିଅଛନ୍ତି, 'ଅତଃ' (ସାମର୍ଥ୍ୟାତ୍) ସେହି ସମସ୍ତ ସାମର୍ଥ୍ୟରୁ ଆମକୁ ରକ୍ଷା କରନ୍ତୁ । ହେ ବିଦ୍ୱଦ୍‌ଗଣ ! ଆପଣ ମାନେ ମଧ୍ୟ ସେହି ବିଷ୍ଣୁଙ୍କ ଆଦେଶାନୁସାରେ ଆମକୁ ରକ୍ଷା କର । 'ବିଚକ୍ରମେ' ବିବିଧ ପ୍ରକାରର ଜଗଦ୍ରଚୟିତା ବିଷ୍ଣୁଙ୍କ ନିତ୍ୟ-ପ୍ରତି ଭକ୍ତି କର ॥୧୧॥

### -: ପ୍ରାର୍ଥନା :-

**ପାହି ନୋ ଅଗ୍ନେ ରକ୍ଷସଃ ପାହି ଧୂର୍ତେରରାଣ୍ୱଃ ।**
**ପାହି ରୀଷତେ ଉତ ବା ଜିଘାଂସତୋ ବୃହତ୍‌ଭାନୋ ଯବିଷ୍ଠ୍ୟ ॥୧୨॥**

(ଋ. ୧/୩/୧୦/୫)

**ବ୍ୟାଖ୍ୟା :-** ହେ ସର୍ବ ଶତ୍ରୁ ଦାହକାଗ୍ନେ ପରମେଶ୍ୱର ! "ରାକ୍ଷସ" ହିଂସାଶୀଳ ଦୁଷ୍ଟସ୍ୱଭାବସଂପନ୍ନ ଦେହଧାରୀଙ୍କଠାରୁ "ନଃ" ଆମ୍ଭମାନଙ୍କୁ 'ପାହି' ରକ୍ଷଣ ଓ ପାଳନ କର । "ଧୂର୍ତେରରାଣ୍ୱ" ଧୂର୍ତ୍ତକୃପଣଶୀଳ ମଣିଷଠାରୁ ଆମକୁ ଦୂରେଇ ରଖ । ହେ ମହାତେଜ ବଳବତ୍ତମ ! ଆମର ଅହିତ କାମନା କରି ବିନାଶ ଗ୍ଚହୁଁଥିବା ବ୍ୟକ୍ତିଠାରୁ ଆମକୁ ରକ୍ଷାକର ॥୧୨॥

### -: ସ୍ତୁତି :-

**ତ୍ୱମସ୍ୟ ପାରେ ରଜସୋ ବ୍ୟୋମନଃ ତ୍ୱଭୂତ୍ୟୋଜା ଅବସେ ଧୃଷନ୍ମଃ ।**
**ଚକୃଷେ ଭୂମିଂ ପ୍ରତିମନମୋଜସୋଽପଃ ସ୍ୱପରିଭୂଷ୍ୟୋ ଦିବମ୍ ॥୧୩॥**

(ଋ.୧/୪/୧୪/୨)

**ବ୍ୟାଖ୍ୟା :-** ହେ ପରମୈଶ୍ୱର୍ଯ୍ୟ ପରମାତ୍ମନ୍ ! (ତ୍ୱମ୍) ଆପଣ ସ୍ୱର୍ଗଲୋକ, ଦ୍ୟୁଲୋକ ଓ ପାତାଳଲୋକ ଅର୍ଥାତ୍ ସର୍ବତ୍ର ବିରାଜିତ ହୋଇ ଦୁର୍ଜନମାନଙ୍କ ମନକୁ ଧର୍ଷଣ ଓ ତିରଷ୍କୃତ କରି ସକଳ ଜଗତ ଓ ଆମକୁ "ଅବସେ" ଉତ୍ତମରୂପେ ରକ୍ଷଣାବେକ୍ଷଣ କରିବା ପାଇଁ ସତର୍କ ହୋଇ ରହିଛନ୍ତି । ଆପଣଙ୍କ ଏହି ଅଭୟଦାନରେ ଆମ୍ଭେମାନେ ନୀର୍ଭୀକ ହୋଇ ବିଚରଣ କରୁଛୁ । କାରଣ "ଦିବମ୍" ପରମାକାଶ 'ଭୂମିମ୍' ଧରିତ୍ରୀ ତଥା 'ସ୍ୱ' ସୁଖବିଶେଷ ମଧ୍ୟସ୍ଥ ଲୋକ ଏହି ସମସ୍ତଙ୍କୁ ଆପଣ ନିଜର ଅସୀମ ସାମର୍ଥ୍ୟରେ ସର୍ଜନା କରି ଯଥାଯଥଭାବେ ଧାରଣ କରିଛନ୍ତି । "ଆ ଦିବମ୍" ଦ୍ୟୋତନାତ୍ମକ ସୂର୍ଯ୍ୟାଦି ଲୋକ 'ଅପଃ' ଅନ୍ତରୀକ୍ଷଲୋକ ଓ ଜଳ ଏ ସମସ୍ତଙ୍କ ପ୍ରତିମାନ (ପରିମାଣ) କର୍ତ୍ତା ଆପଣ ହିଁ ଅଟନ୍ତି । ଆପଣ ଅପରିମେୟ ଅଟନ୍ତି, ଦୟାକରି ଆମକୁ ସ୍ୱସୃଷ୍ଟି ପଦାର୍ଥ ବିଜ୍ଞାନ ପ୍ରଦାନ କରନ୍ତୁ ॥୧୩॥

### -: ପ୍ରାର୍ଥନା :-

**ବିଜାନୀହ୍ୟାର୍ଯ୍ୟାନ୍ ଯେ ଚ ଦସ୍ୟବୋ ବର୍ହିଷ୍ମତେଃ ରନ୍ଧୟା ଶାସଦବ୍ରତାନ୍ ।**
**ଶାକୀଭବ ଯଜମାନସ୍ୟ ଚୋଦିତ ବିଶ୍ୱେତ୍ତ ତେ ସଦ୍ ମାଦେଷୁ ଚାକନ ॥୧୪॥**

(ଋ.୧/୪/୧୦/୩)

**ବ୍ୟାଖ୍ୟା :-** ହେ ସକଳସମଦ୍ରଷ୍ଟା ଜଗଦୀଶ୍ୱର ! ଆପଣ "ଆର୍ଯ୍ୟାନ୍" ବିଦ୍ୟାଧର୍ମାଦି ଉତ୍କୃଷ୍ଟ ସ୍ୱଭାବ ସଂପନ୍ନ ଆର୍ଯ୍ୟମାନଙ୍କୁ ଧାରଣ କରନ୍ତୁ ତଥା 'ଯେ ଚ ଦସ୍ୟବଃ' ଯିଏ ନାସ୍ତିକ , ଚୋର, ଡକାୟତ, ବିଶ୍ୱାସଘାତକ, ମୂର୍ଖ, ବିଷୟ-ଲଂପଟ, ହିଂସାଦି ଦୋଷଯୁକ୍ତ, ଉତ୍ତମକର୍ମରେ ବିଘ୍ନକାରକ , ସ୍ୱାର୍ଥୀ, ସ୍ୱାର୍ଥ ସାଧନାରେ ତତ୍ପର, ବେଦବିଦ୍ୟାବିରୋଧୀ, ଅନାର୍ଯ୍ୟ ମନୁଷ୍ୟ , 'ବର୍ହିଷ୍ମତେ' ସର୍ବୋପରକାରକ ଯଜ୍ଞର ଧ୍ୱଂସ ସାଧକ ଅଟନ୍ତି, ସେହି ଦୁଷ୍ଟମାନଙ୍କୁ ଆପଣ 'ରନ୍ଧୟ' ସମୂଳେ ନଷ୍ଟ କରି ଦିଅନ୍ତୁ । 'ଶାସଦବ୍ରତାନ୍' ବ୍ରହ୍ମଚର୍ଯ୍ୟ, ଗୃହସ୍ଥ, ବାନପ୍ରସ୍ଥ , ସନ୍ନ୍ୟାସାଦି ଧର୍ମାନୁଷ୍ଠାନ ବ୍ରତ



ବିହୀନ ବେଦମାର୍ଗୋଚ୍ଛେଦକ ଅନାଚାରୀମାନଙ୍କୁ ଉପଯୁକ୍ତ ଭାବେ ଶାସନ କରନ୍ତୁ । ଅର୍ଥାତ୍ (ଦଣ୍ଡ ପ୍ରଦାନ କରନ୍ତୁ, ଯଦ୍ଦ୍ୱାରା ସେମାନେ ମଧ୍ୟ ଶିକ୍ଷିତ ହୋଇ ଶିଷ୍ଟ ପୁରୁଷ ହୁଅନ୍ତୁ, ନତୁବା ସେମାନଙ୍କର ସର୍ବଥା ପ୍ରାଣାନ୍ତ ହୋଇଯାଉ , କିମ୍ବା ଆମର ଅଧୀନତାକୁ ସ୍ୱୀକାର କରି ରହନ୍ତୁ । 'ଶାକୀ' ଆପଣ ସମସ୍ତ ପ୍ରାଣୀଙ୍କୁ ପରମଶକ୍ତି ପ୍ରଦାନ କରନ୍ତି, ଉତ୍ତମ କର୍ମରେ ପ୍ରେରଣା ଦିଅନ୍ତି ଓ ଦୁଷ୍କର୍ମରୁ ଦୂରେଇ ରଖନ୍ତି 'ସଦମାଦେଷୁ' ଉତ୍ତମ ସ୍ଥାନରେ ବାସ କରି 'ବିଶ୍ୱେତ୍ତାତେ' ଆପଣଙ୍କ ଆଦେଶାନୁକୂଳ ସର୍ବ ଉତ୍ତମ କର୍ମ 'ଚାକନ' କାମନା କରେଁ, ପ୍ରଭୋ ! ଆପଣ ତାହା ଅବଶ୍ୟ ପୂରଣ କରନ୍ତୁ ॥୧୪॥

### -: ସ୍ତୁତି :-

**ନ ଯସ୍ୟ ଦ୍ୟାବାପୃଥିବୀ ଅନୁବ୍ୟଚେ ନ ସିନ୍ଧବୋ ରଜସୋ ଅନ୍ତମାନଶୁଃ ।**
**ନୋତ ସ୍ୱବୃଷ୍ଟିମଦେ ଯସ୍ୟ ଯୁଧ୍ୟତ ଏକୋ ଅତ୍ୟଚକ୍ରୃଷେ ବିଶ୍ୱମାନଷୁକ୍ ॥୧୫॥**

(ଋ.୧/୪/୧୪/୪)

**ବ୍ୟାଖ୍ୟା :-** ହେ ପରମୈଶ୍ୱର୍ଯ୍ୟଯୁକ୍ତ ଈଶ୍ୱର ! ଆପଣ ଇନ୍ଦ୍ର ଅଟନ୍ତି । ହେ ମାନବ ! ପରମାତ୍ମାଙ୍କ ଅନ୍ତ ନାହିଁ, ତାଙ୍କ ପରିବ୍ୟାପ୍ତତାର ସୀମା ନିରୂପଣ କେହି କେବେ କରି ପାରିବେ ନାହିଁ । ଦିବ ଅର୍ଥାତ୍ ସୂର୍ଯ୍ୟାଦି ଲୋକ, ସର୍ବୋପରି ଆକାଶ, ପୃଥିବୀ ମଧ୍ୟ ନିକୃଷ୍ଟଲୋକ ଏମାନେ କେହି ହେଲେ ତାଙ୍କ ଅନ୍ତ ପାଇ ପାରିବେ ନାହିଁ, କାରଣ 'ଅନୁବ୍ୟଚଃ' ସେ ସର୍ବତ୍ର ପରିପୂର୍ଣ୍ଣ ଅଟନ୍ତି । 'ନ ସିନ୍ଧବଃ' ଅନ୍ତରୀକ୍ଷସ୍ଥ ଦିବ୍ୟଜନ ଓ ଲୋକଲୋକାନ୍ତର ମଧ୍ୟ ତାଙ୍କ ଅନ୍ତ ପାଇବାରେ ଅସମର୍ଥ, 'ନୋତସ୍ୱବୃଷ୍ଟିମଦେ' ବୃଷ୍ଟି ପ୍ରହାର ଦ୍ୱାରା ତୁମୁଳ ସଂଗ୍ରାମ କରୁଥିବା ବୃତ୍ର (ମେଘ) ଓ ବିଜୁଳୀ ମଧ୍ୟ ତାଙ୍କ ଅନ୍ତ ପାଇବାରେ ଅସମର୍ଥ । ହେ ପରମାତ୍ମନ୍ ! ଆପଣଙ୍କ ଅନ୍ତ କିଏ ଉପଲବ୍ଧି କରେ ? କାରଣ 'ଏକଃ' ସ୍ୱ ସାମର୍ଥ ଦ୍ୱାରା ହିଁ 'ବିଶ୍ୱମ୍' ଏହି ବ୍ରହ୍ମାଣ୍ଡକୁ "ଆନୁଷକ୍" ଅର୍ଥାତ୍ ତହିଁରେ ବ୍ୟାପ୍ତ ଅଛ ଓ 'ଚକୃଷେ' (କୃତବାନ୍) ଆପଣ

ତାକୁ ଉତ୍ପନ୍ନ କରିଅଛନ୍ତି, ପୁଣି ଏହି ଜଗତସ୍ଥିତ ପଦାର୍ଥଗୁଡ଼ିକ ଆପଣଙ୍କ ଅନ୍ତ କିପରି ଉପଲବ୍ଧି କରି ପାରିବେ ? (ଅନ୍ୟତ୍) ଆପଣ ଜଗତ୍‌ରୂପ କଦାପି ହୁଅନ୍ତି ନାହିଁ, ସୁତରାଂ ସ୍ୱ-ଅନନ୍ତ ସାମର୍ଥ୍ୟନିଚୟ ଦ୍ୱାରା ଜଗତ୍-ସୃଜନ ଧାରଣ ଓ ବିଳୟ ଯଥୋଚିତ କାଳ ସମୟରେ କରିଥାନ୍ତି । ପ୍ରଭୋ ! ଆପଣ ହିଁ ଆମର ଏକମାତ୍ର ପରମ ସହାୟକ ଅଟନ୍ତି ॥୧୫॥

-: **ପ୍ରାର୍ଥନା** :-

**ଉର୍ଦ୍ଧ୍ୱୋ ନ ପାହ୍ୟଂହସୋ ନି କେତୁନା ବିଶ୍ୱଂ ସମତ୍ରିଣଂ ଦହ ।**
**କୃଧୀ ନ ଉର୍ଦ୍ଧ୍ୱାଞ୍ଚରଥାୟ ଜୀବସେ ବିଦା ଦେବେଷୁ ନୋ ଦୁବଃ ॥୧୬॥**

(ଋ.୧/୩/୧୦/୪)

**ବ୍ୟାଖ୍ୟା :-** ହେ ସର୍ବୋପରି ବିରାଜିତ ପରବ୍ରହ୍ମନ୍ ! ଆପଣ 'ଉର୍ଦ୍ଧ୍ୱଃ' ସର୍ବୋତ୍କୃଷ୍ଟ ଅଟନ୍ତି, ଦୟାକରି ଆମ୍ଭମାନଙ୍କୁ ଉତ୍କୃଷ୍ଟ ଗୁଣ ପ୍ରଦାନ କରି ଉର୍ଦ୍ଧ୍ୱଦେଶରେ ଥାଇ ଆମକୁ ରକ୍ଷା କରନ୍ତୁ । ହେ ସର୍ବ ପାପପ୍ରଣାଶକେଶ୍ୱର ! ଆମକୁ 'କେତୁନା' ବିଜ୍ଞାନ ଅର୍ଥାତ୍ ବିବିଧ ବିଦ୍ୟା-ପ୍ରଦାନ କରି 'ଅହଂସଃ' ଅବିଦ୍ୟାଦି ମହାପାପରୁ 'ନିପାହି' (ନିତରାଂପାହି) ସର୍ବଥା ଦୂରେଇ ରଖନ୍ତୁ ଓ 'ବିଶ୍ୱମ୍'ଏହି ସକଳ ସଂସାରର ପାଳନ ନିତ୍ୟପ୍ରତି କରନ୍ତୁ । ହେ ସତ୍ୟମିତ୍ର ନ୍ୟାୟକାରିନ୍ ! ଯେଉଁ ପ୍ରାଣୀ (ସମତ୍ରିଣମ୍ ) ଆମଠାରେ ଶତ୍ରୁତା କରନ୍ତି ତାଙ୍କୁ ଓ କାମ କ୍ରୋଧ ଲୋଭ-ମୋହାଦି ଶତ୍ରୁମାନଙ୍କୁ 'ସନ୍ଦହ' ସମୂଳେ ଭସ୍ମସାତ୍ କରିଦିଅ 'କୃଧୀନ ଉର୍ଦ୍ଧ୍ୱାନ୍' ହେ କୃପାନିଧେ ! ଆମକୁ ଉତ୍ତମ ବିଦ୍ୟା, ଶୌର୍ଯ୍ୟ, ଧୈର୍ଯ୍ୟବିନୟ ସାମ୍ରାଜ୍ୟ, ସମ୍ମତି, ସଂପ୍ରୀତି, ସ୍ୱଦେଶ ସୁଖ ସଂପାଦନଗୁଣ ଅଧିକାଧିକ ଭାବେ ପ୍ରଦାନ କରନ୍ତୁ ଓ 'ଚରଥାୟ ଜୀବସେ' ସର୍ବାଧିକ ଆନନ୍ଦ ଉପଭୋଗ, ସମସ୍ତ ଦେଶରେ ଅବ୍ୟାହତ ଗମନ, ଆରୋଗ୍ୟ, ସୁଷ୍ଠଶରୀର, ଶୁଦ୍ଧମାନସିକବଳ ଓ ବିଜ୍ଞାନ ଇତ୍ୟାଦି ପାଇଁ ଆମକୁ ଉତ୍ତମତା ସ୍ୱପାଳନାଯୁକ୍ତ କରନ୍ତୁ । 'ବିଦା' ବିଦ୍ୟାଦି ଉତ୍ତମ ଧନ 'ଦେବେଷୁ' ବିଦ୍ୱାନ୍‌ମାନଙ୍କ ମଧ୍ୟରୁ ଆମକୁ



ପ୍ରାପ୍ତ କରାନ୍ତୁ ; ଅର୍ଥାତ୍ ବିଦ୍ୱଜ୍ଜନ ମଧ୍ୟରେ ମଧ୍ୟ ଆମେ ଉତ୍ତମ ପ୍ରତିଷ୍ଠା ଲାଭକରୁ ॥୧୬॥

-: **ପ୍ରାର୍ଥନା** :-

**ଆଦିତିର୍ଦ୍ୟୌରଦିତିରନ୍ତରିକ୍ଷମଦିତିର୍ମାତା ସପିତା ସପୁତ୍ରଃ ।**
**ବିଶ୍ୱେଦେବା ଅଦିତି ପଞ୍ଚଜନା ଅଦିତିର୍ଜାତମଦିତିର୍ଜନିତ୍ୱମ୍ ॥୧୭॥**

(୧/୬/୧୬/୫)

**ବ୍ୟାଖ୍ୟା :-** ହେ ତ୍ରୈକାଲ୍ୟାବାଧେଶ୍ୱର ! 'ଅଦିତିର୍ଦ୍ୟୋଃ' ଆପଣ ସର୍ବଦା ବିନାଶ ରହିତ ଓ ସ୍ୱପ୍ରକାଶସ୍ୱରୂପ ଅଟନ୍ତି । 'ଅଦିତିରନ୍ତରିକ୍ଷମ୍' ଅବିକୃତ ଓ ସର୍ବାଧିଷ୍ଠାତା ଅଟନ୍ତି, 'ଅଦିତିର୍ମାତା' ମୋକ୍ଷପ୍ରାପ୍ତ ଜୀବଗଣଙ୍କୁ ଅବିନଶ୍ୱର ସୁଖଦାତା ଓ ଅତ୍ୟନ୍ତ ସମ୍ମାନ କର୍ତ୍ତା ଅଟନ୍ତି । 'ସ ପିତା' ଅତଏବ ଆମମାନଙ୍କର ଅବିନାଶୀରୂପ ପିତା (ଜନକ) ଓ ପାଳକ ଅଟନ୍ତି । 'ସପୁତ୍ରଃ' ସେହି ଈଶ୍ୱର ମୁମୁକ୍ଷୁ ଧର୍ମାତ୍ମା ବିଦ୍ୱଜ୍ଜନଙ୍କୁ ନରକାଦି ଦୁଃଖରୁ ପବିତ୍ର ଓ ରକ୍ଷା କରନ୍ତି, 'ବିଶ୍ୱେଦେବା ଅଦିତିଃ' ସମସ୍ତ ଦିବ୍ୟଗୁଣ ସଂପନ୍ନ, ବିଶ୍ୱର ଧର୍ତ୍ତା, କର୍ତ୍ତା, ପାଳକ, ରଚକ, ଅବିନାଶୀ ପରମାତ୍ମା ଆପଣ ହିଁ ଅଟନ୍ତି । (ପଞ୍ଚଜନା ଅଦିତଃ) ଜଗତର ଜୀବନ ହେତୁକ ପଞ୍ଚ-ପ୍ରାଣ ମଧ୍ୟ ଆପଣଙ୍କ ଦ୍ୱାରା ସର୍ଜିତ ଓ ଆପଣ ସମସ୍ତଙ୍କ ପ୍ରାଣାଧାର ଅଟନ୍ତି । 'ଜାତମଦିତିଃ' ସେହି ଏକ ଚେତନ ବ୍ରହ୍ମ ଆପଣ ସଦା ପ୍ରାଦୁର୍ଭୂତ (ଆବିର୍ଭୂତ) (ବିରାଜମାନ) ଅଟନ୍ତି । ଅନ୍ୟ ଜୀବମାନେ କେବେ ଆବିର୍ଭୂତ ତ କେବେ ତିରୋଭୂତ ହୋଇଥାନ୍ତି । 'ଅଦିତିର୍ଜନିତ୍ୱମ୍' ଅବିନାଶୀ ସ୍ୱରୂପ ଜଗଦୀଶ୍ୱର ! ଆପଣହିଁ ସମସ୍ତ ଜଗତର (ଜନିତ୍ୱମ୍) ଜନ୍ମର ହେତୁ ଅଟନ୍ତି, ଆପଣଙ୍କ ବ୍ୟତୀତ ଅନ୍ୟ କେହି ନୁହନ୍ତି ॥୧୭॥

-: **ପ୍ରାର୍ଥନା** :-

**ଋଜୁନୀତୀ ନୋ ବରୁଣୋ ମିତ୍ରୋନୟତୁ ବିଦ୍ୱାନ୍ ।**
**ଅର୍ଯ୍ୟମା ଦେବୈଃ ସଜୋଷାଃ ॥୧୮॥** (୧/୬/୧୭/୧)

**ବ୍ୟାଖ୍ୟା :-** ହେ ମହାରାଜାଧିରାଜ ପରମେଶ୍ୱର ! ଆପଣ ଆମମାନଙ୍କୁ

ରଜୁନୀତି ସରଳ (ଶୁଦ୍ଧ)କୋମଳତ୍ୱାଦି ଗୁଣବିଶିଷ୍ଟ ଚକ୍ରବର୍ତ୍ତୀ ରାଜାମାନଙ୍କ ନୀତିକୁ "ନୟତୁ" ଦୟାପୂର୍ବକ ପ୍ରାପ୍ତ କରାନ୍ତୁ । ଆପଣ ବରୁଣ ସର୍ବୋତ୍କୃଷ୍ଟ ହେତୁ ବରୁଣ ଅଟନ୍ତି, ତେଣୁ ଆମକୁ ବରରାଜ୍ୟ, ବରବିଦ୍ୟା, ବରନୀତି ପ୍ରଦାନ କରନ୍ତୁ । ଆପଣ ସମସ୍ତଙ୍କ ମିତ୍ର ଶତ୍ରୁ ରହିତ ଅଟନ୍ତି, ଆମକୁ ମଧ୍ୟ ମିତ୍ରଗୁଣ ସଂପନ୍ନ ନ୍ୟାୟାଧୀଶ କରନ୍ତୁ । ଆପଣ ସର୍ବୋତ୍କୃଷ୍ଟ ବିଦ୍ୱାନ୍ ଅଟନ୍ତି, ଆମକୁ ମଧ୍ୟ ସତ୍ୟବିଦ୍ୟା ସଂଯୁକ୍ତ ସୁନୀତି ପ୍ରଦାନ କରି ସଦ୍ୟଃ ସାମ୍ରାଜ୍ୟାଧିକାରୀ କରନ୍ତୁ । ଆପଣ "ଅର୍ଯ୍ୟମା" (ଯମରାଜ) ପ୍ରିୟାପ୍ରିୟ-ରହିତ ନ୍ୟାୟରେ ପ୍ରବର୍ତ୍ତମାନ ସଂସାରସ୍ଥ ସକଳ-ଜୀବର ପାପ-ପୁଣ୍ୟର ଉପଯୁକ୍ତ ବ୍ୟବସ୍ଥାପକ ଅଟନ୍ତି, ଆମକୁ ମଧ୍ୟ ସେହିପରି କରନ୍ତୁ । ଯଦ୍ଦ୍ୱାରା 'ଦେବୈ' 'ସଜୋଷା' ଆପଣଙ୍କ କୃପାଦୃଷ୍ଟିରୁ ଦିବ୍ୟଗୁଣ ସଂପନ୍ନ ବିଦ୍ୱାନ୍ ପୁରୁଷଙ୍କ ସହିତ ଆପଣଙ୍କ ନିକଟରେ ରମଣ ଓ ସେବନ କରିବୁ । ହେ କୃପାସିନ୍ଧୁ ଭଗବନ୍ ! ଆମ ଉପରେ କୃପାଜଳବିନ୍ଦୁ ବର୍ଷଣ କରନ୍ତୁ, ଯଦ୍ଦ୍ୱାରା ଆମେ ସୁନୀତି ଯୁକ୍ତ ହେବା ସଙ୍ଗେ ସଙ୍ଗେ ଆମର ସ୍ୱରାଜ୍ୟ ଉତ୍ତରୋତ୍ତର ଉନ୍ନତି ଲାଭ କରିବ ॥୧୮॥

-: **ପ୍ରାର୍ଥନା** :-

**ତ୍ୱଂ ସୋମାସି ସତ୍ପତିସ୍ତ୍ୱଂ ରାଜୋତ ବୃତ୍ରହା ।**

**ତ୍ୱଂ ଭଦ୍ରୋ ଅସି କ୍ରତୁଃ ॥୧୯॥** (ଋ.୧/୬/୧୯/୫)

**ବ୍ୟାଖ୍ୟା :-** ହେ ସୋମରାଜନ୍ ସତ୍ପତେ ପରମେଶ୍ୱର ! ତୁମେ ସୋମ, ସର୍ବସାରସଂଗ୍ରାହକ, ପ୍ରାପ୍ୟସ୍ୱରୂପ, ଶାନ୍ତାତ୍ମା, ସତ୍ପୁରୁଷଙ୍କ ପ୍ରତିପାଳକ ଓ ରାଜାଧିରାଜ ଅଟ, 'ଉତ' 'ବୃତ୍ରହା' ମେଘର ରଚକ, ଧାରକ ଓ ମାରକ ଅଟ । ତୁମେ ହିଁ ଭଦ୍ରସ୍ୱରୂପ, ଭଦ୍ରକର୍ତ୍ତା ଓ 'କ୍ରତୁଃ' ସକଳ ଜଗତର କର୍ତ୍ତା ଅଟ ॥୧୯॥

-: **ପ୍ରାର୍ଥନା** :-

**ତ୍ୱଂ ନଃ ସୋମଃ ବିଶ୍ୱତୋ ରକ୍ଷା ରାଜନ୍ନଘାୟତ ।**

**ନରିଷ୍ୟେତ୍ ତ୍ୱାବତଃ ସଖ ॥୨୦॥** (ଋ.୧/୬/୨୦/୩)



**ବ୍ୟାଖ୍ୟା :-** ହେ ସୋମ ରାଜନ୍ନୀଶ୍ୱର ! ତୁମେ 'ଅଘାୟତ' ଯେଉଁ ପ୍ରାଣୀମାନେ ପାପୀ ଓ ଯେଉଁମାନଙ୍କର ପାପ-ଆକାଂକ୍ଷା ରହିଛି 'ବିଶ୍ୱତଃ' ସେହି ପ୍ରାଣୀମାନଙ୍କ ଠାରୁ ଆମକୁ 'ରକ୍ଷ' ରକ୍ଷା କର । ଆପଣଙ୍କର ଯିଏ ସହୋଦର ମିତ୍ର, 'ନ ରିଷ୍ୟେତ୍' କେବେହେଲେ ବିନଷ୍ଟ ହୁଏନାହିଁ । ସୁତରାଂ ଆପଣଙ୍କ ଦୟାଦୃଷ୍ଟିରେ ଆମ୍ଭେମାନେ ତିଳେମାତ୍ର ଦୁଃଖୀ ବା ଭୟଭୀତ ହେବୁ ନାହିଁ, କାରଣ ଯିଏ ଆପଣଙ୍କ ପରମମିତ୍ର, ସେ ବା ଦୁଃଖ ନିର୍ଯ୍ୟାତନା କାହିଁକି ଭୋଗ କରିବ ? ॥୨୦॥

-: **ପ୍ରାର୍ଥନା** :-

**ତଦ୍ୱିଷ୍ଣୋଃ ପରମଂ ପଦଂ ସଦା ପଶ୍ୟନ୍ତି ସୂରୟଃ ।**

**ଦିବୀବ ଚକ୍ଷୁରାତତମ୍ ॥୨୧॥** (ଋ.୧/୨/୭/୫)

**ବ୍ୟାଖ୍ୟା :-** ହେ ବିଦ୍ୱତ୍ ପୁରୁଷ ଓ ମୁମୁକ୍ଷୁ ଜୀବଗଣ ! ବିଷ୍ଣୁଙ୍କ ଯେଉଁ ପରମ ଅତ୍ୟନ୍ତ ଉତ୍କୃଷ୍ଟ ପଦ ତାହା ସର୍ବଜ୍ଞେୟ ଯା'ର ଉପଲବ୍ଧିରେ ଜୀବ ପୂର୍ଣ୍ଣାନନ୍ଦରେ ରମଣ କରେ ଓ ଶୀଘ୍ର ଜରାମରଣ ଦୁଃଖରେ ପତିତ ହୁଏ ନାହିଁ, ସେହି ପରମ ପଦକୁ 'ସୂରୟଃ' ଧର୍ମାତ୍ମା ଜିତେନ୍ଦ୍ରିୟ ସର୍ବହିତେଚ୍ଛୁ, ବିଦ୍ୟାବନ୍ତ ପୁରୁଷଗଣ ଯଥୋଚିତ ସୁବିଗ୍ରହ କରି ଅବଲୋକନ କରନ୍ତି, ତାହାହିଁ ହେଉଛି ପରମାତ୍ମାଙ୍କ ପଦ । ଦୃଷ୍ଟାନ୍ତସ୍ୱରୂପ ଯେପରି ଅନ୍ତରିକ୍ଷରେ 'ଚକ୍ଷୁଃ' ନେତ୍ରର ବ୍ୟାପ୍ତି ଅଥବା ସୂର୍ଯ୍ୟ-ଆଲୋକ ସର୍ବତ୍ର ପରିବ୍ୟାପ୍ତ, ସେହିପରି 'ଦିବୀବଚକ୍ଷୁରାତତମ୍' ପରଂବ୍ରହ୍ମ ସର୍ବତ୍ର ଏକରସ ପରିପୂର୍ଣ୍ଣ ଅଟନ୍ତି । ସେହି ପରମପଦ ସ୍ୱରୂପ ପରମାତ୍ମା ପରମପଦବାଚ୍ୟ, ଏଇ ପଦ ଉପଲବ୍ଧି କରି ଜୀବ ସମସ୍ତ ପ୍ରକାର ଦୁଃଖ ଜଂଜାଳରୁ ମୁକ୍ତ ହୋଇଥାଏ । ଅନ୍ୟଥା କଦାପି ପରମସୁଖ ଲାଭ କରିପାରେ ନାହିଁ । ଅତଏବ ପରମାତ୍ମାଙ୍କ ସାକ୍ଷାତ୍କାର ପାଇଁ ସମସ୍ତେ ପ୍ରଗାଢ଼ ପ୍ରଯତ୍ନ କରିବା ଉଚିତ ॥୨୧॥

-: **ପ୍ରାର୍ଥନା** :-

**ସ୍ଥିରାବଃ ସନ୍ତ୍ୱାୟୁଧା ପରାଣୁଦେ ବୀଳୁ (ଡୁ) ଉତ ପ୍ରତିଷ୍କଭେ ।**

**ଯୁଷ୍ମାକମସ୍ତୁ ତବିଷୀ ପନୀୟସୀ ମା ମର୍ତ୍ତ୍ୟସ୍ୟ ମାୟିନଃ ॥୨୨॥**

(ଋ.୧/୩/୧୮/୨)

**ବ୍ୟାଖ୍ୟା :-** (ପରମେଶ୍ୱରୋହି ସର୍ବଜୀବେଭ୍ୟ ଆଶୀର୍ଦଦାତି) ଜଗଦୀଶ୍ୱର ସମସ୍ତ ଜୀବକୁ ଆଶୀର୍ବାଦ ଦେଉଛନ୍ତି- ହେ ଜୀବଗଣ 'ବଃ' (ଯୁଷ୍ମାକମ୍) ତୁମ୍ଭମାନଙ୍କପାଇଁ ଆୟୁଧ ଅର୍ଥାତ୍ ଶତଘ୍ନୀ (ତୋପ) ଭୁଶୁଣ୍ଡୀ (ବନ୍ଧୁକ) ଧନୁଷ, ବାଣ, କରତାଳ (ତରବାରୀ) ଶକ୍ତି (ବର୍ଛି) ଆଦି ଶସ୍ତ୍ର-ସ୍ଥିର ଓ 'ବୀଳୁ' ସୁଦୃଢ଼ ହୁଅନ୍ତୁ । ସୁଦୃଢ଼ କାହିଁକି କରିବାକୁ ହେବ ? 'ପରାଣୁଦେ' ତୁମରି ଶତ୍ରୁ ମାନଙ୍କର ପରାଜୟ ପାଇଁ, ଯଦ୍ଧ୍ୱାରା ତୁମ୍ଭମାନଙ୍କୁ କୌଣସି ଦୁଷ୍ଟ ଶତ୍ରୁ କଦାପି ଦୁଃଖ ନିର୍ଯ୍ୟାତନା ଦେଇ ପାରିବେ ନାହିଁ । 'ଉତ ପ୍ରତିଷ୍କଭେ' ଶତ୍ରୁମାନଙ୍କ ଗତିକୁ ଅଟକାଇବା ପାଇଁ 'ଯୁଷ୍ମାକମସ୍ତୁ ତବିସୀ ପନୀୟସୀ' ତୁମର ସମୂଳରୂପ ଉତ୍ତମସେନା ସଂସାରରେ ପ୍ରଶଂସାଭାଜନ ହୁଅନ୍ତୁ, ଯେପରି ତୁମ ସହିତ ଲଢ଼ିବା ପାଇଁ କେହି ଇଚ୍ଛା ମଧ୍ୟ କରିବେ ନାହିଁ । ମାତ୍ର 'ମା ମର୍ତ୍ତ୍ୟସ୍ୟ ମାୟିନଃ' ଅନ୍ୟାୟ ଆଚରଣକାରୀ ପୁରୁଷକୁ ଆମେ ଆଶୀର୍ବାଦ ଦେଇ ନାହୁଁ । ଦୁଷ୍ଟ, ପାପୀ, ନାସ୍ତିକ, ପୁରୁଷମାନଙ୍କ ବଳ ଓ ରାଜ୍ୟୈଶ୍ୱର୍ଯ୍ୟାଦି କଦାପି ବୃଦ୍ଧି ନ ହେଉ ବରଂ ସେମାନଙ୍କର ପରାଜୟ ହିଁ ସର୍ବଦା ହେଉଥାଉ ।

ହେ ବନ୍ଧୁଗଣ ! ଆସନ୍ତୁ ସମସ୍ତେ ମିଳିମିଶି **'ସଂ ଗଚ୍ଛଧ୍ୱଂ ସଂ ବଦ ଧ୍ୱଂ.....'** ମନ୍ତ୍ରଗାନ ପୂର୍ବକ ସମସ୍ତ ଦୁଃଖ କଷ୍ଟର ବିନାଶ ପାଇଁ ତଥା ବିଜୟଲାଭ ପାଇଁ ପରମାତ୍ମାଙ୍କ ଶରଣାପନ୍ନ ହେବା, ତାଙ୍କୁ ପ୍ରସନ୍ନ ରଖିବା, ଯଦ୍ଧ୍ୱାରା ତାଙ୍କ ଆଶୀର୍ବାଦ ଲାଭ କରି ସର୍ବଦା ଶତ୍ରୁଙ୍କ ଠାରୁ ବିଜୟ ହାସଲ କରିପାରିବା ॥୨୨॥

-: **ସ୍ତୁତି** :-

**ବିଷ୍ଣୋଃ କର୍ମାଣି ପଶ୍ୟତ ଯତୋ ବ୍ରତାନି ପସ୍ପଶେ ।**

**ଇନ୍ଦ୍ରସ୍ୟ ଯୁଜ୍ୟଃ ସଖା ॥୨୩॥** (ଋ.୧/୨/୭/୪)

**ବ୍ୟାଖ୍ୟା :-** ହେ ଜୀବଗଣ ! 'ବିଷ୍ଣୋଃ' ସର୍ବବ୍ୟାପକ ପରମେଶ୍ୱରଙ୍କ ଦ୍ୱାରା ବିରଚିତ ଏଇ ଦିବ୍ୟ ଜଗତର ଉତ୍ପତ୍ତି, ସ୍ଥିତି, ପ୍ରଳୟ ଆଦି କର୍ମଗୁଡ଼ିକୁ ଉତ୍ତମରୂପେ ଅବଲୋକନ କର ।



**ପ୍ରଶ୍ନ :-** ସର୍ବବ୍ୟାପକ ବିଷ୍ଣୁଙ୍କର ଏଇ ସବୁ କର୍ମ ବୋଲି ଆମ୍ଭେମାନେ କିପରି ଜାଣିବୁ ?

**ଉତ୍ତର :-**'ଯତୋ ବ୍ରତାନି ପସ୍ପଶେ' ସେହି ପରମେଶ୍ୱରଙ୍କ ଅସୀମ ସାମର୍ଥ୍ୟରୁ ହିଁ ଆମ୍ଭେମାନେ ଏହି ସୁନ୍ଦର ମାନବ ଶରୀର ଧାରଣ କରି ବ୍ରହ୍ମଚର୍ଯ୍ୟାଦି ବ୍ରତ, ସତ୍ୟଭାଷଣାଦି ବ୍ରତ ଓ ଈଶ୍ୱରଙ୍କ ନିୟମ ପାଳନରେ ସମର୍ଥ ହୋଇଅଛୁ । କାରଣ 'ଇନ୍ଦ୍ରସ୍ୟ ଯୁଜ୍ୟଃ ସଖା' ଇନ୍ଦ୍ରିୟଗୁଡ଼ିକ ସହିତ ପ୍ରବର୍ତ୍ତମାନ କର୍ମ କର୍ତ୍ତା ଭୋକ୍ତା ଜୀବର ସେ ହିଁ ଏକମାତ୍ର ମିତ୍ର ଅଟନ୍ତି, ଅନ୍ୟ କେହି ନୁହନ୍ତି । କାରଣ, ଈଶ୍ୱର ଜୀବର ଅନ୍ତର୍ଯ୍ୟାମୀ । ପରମାତ୍ମାଙ୍କ ବ୍ୟତୀତ ଜୀବର ହିତସଂପାଦନକାରୀ ଅନ୍ୟ କେହି ନୁହନ୍ତି , ଅତଏବ ପ୍ରତ୍ୟେକ ମୁହୂର୍ତ୍ତରେ ସେହି ପରମାତ୍ମାଙ୍କ ସହିତ ମିତ୍ରତା ସ୍ଥାପନ କରିବା ଆବଶ୍ୟକ ॥୨୩॥

-: **ପ୍ରାର୍ଥନା** :-

**ପରାଣୁଦସ୍ୟ ଭଗବନ୍ନମିତ୍ରାନ୍ତ୍ସୁବେଦା ନୋ ବସୁ କୃଧି ।**

**ଅସ୍ମାକଂ ବୋଧ୍ୟବିତା ମହାଧନେ ଭବା ବୃଧଃ ସଖୀନାମ୍ ॥୨୪॥**

(ଋ.୫/୩/୨୧/୫)

**ବ୍ୟାଖ୍ୟା :-** ହେ ମଘବନ୍ ! ପରମୈଶ୍ୱର୍ଯ୍ୟବାନ୍ , ଇନ୍ଦ୍ର ପରମାତ୍ମନ୍ ! 'ଅମିତ୍ରାନ୍' ଆମର ଶତ୍ରୁମାନେ 'ପରାଣୁଦସ୍ୱ', ପରାଜିତ ହୁଅନ୍ତୁ । ହେ ଦାତଃ ! 'ସୁବେଦା ନୋ ବସୁକୃଧି' 'ଅସ୍ମାକଂ ବୋଧ୍ୟବିତା' ପୃଥିବୀ ପୃଷ୍ଠରେ ଥିବା ଯାବତୀୟ ସଂପତ୍ତି ଆମ୍ଭମାନଙ୍କପାଇଁ ସୁଲଭ ହେଉ । 'ମହାଧନେ' ସମରାଙ୍ଗଣରେ ଆମର, ତଥା ଆମ ସୁହୃଦ୍‌ବର୍ଗଙ୍କର 'ଅବିତା' ରକ୍ଷକ 'ବୃଧଃ' ବର୍ଦ୍ଧକ 'ଭବା' ଏକମାତ୍ର ଆପଣ ହୁଅନ୍ତୁ । 'ବୋଧି' ଆମେ ମଧ୍ୟ ଆପଣଙ୍କର ଅଟୁଁ । ହେ ଭଗବନ୍ ! ଯେତେବେଳେ ଆପଣ ଆମ୍ଭମାନଙ୍କର ରକ୍ଷକ ଯୋଦ୍ଧା ହେବେ ସେତେବେଳେ ଆମର ସର୍ବତ୍ର ବିଜୟ

ହେବ, ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ ॥୨୪॥

-: ପ୍ରାର୍ଥନା :-

**ଶଂ ନୋ ଭଗଃ ଶମୁନଃ ଶଂସୋ ଅସ୍ତୁ ଶଂ ନଃ ପୁରନ୍ଧିଃ ଶମୁ ସନ୍ତୁରାୟଃ ।**
**ଶଂ ନୋ ସତ୍ୟସ୍ୟ ସୁୟମସ୍ୟ ଶଂ ସଃ ଶଂନୋ ଅର୍ଯ୍ୟମାପୁରୁଜାତୋଽସ୍ତୁ ॥୨୫॥**

(ଋ.୫/୩/୨୮/୨)

**ବ୍ୟାଖ୍ୟା :-** ହେ ଜଗଦୀଶ୍ୱର ! 'ଭଗଃ' ଆପଣ ଓ ଆପଣଙ୍କ ପ୍ରଦତ୍ତ ସକଳୈଶ୍ୱର୍ଯ୍ୟ 'ଶଂ ନଃ' ଆମ୍ଭମାନଙ୍କ ପାଇଁକଲ୍ୟାଣପ୍ରଦ ହେଉ ଓ 'ଶମୁନଃ, ଶଂସୋ ଅସ୍ତୁ'ଆପଣଙ୍କ କୃପାଦୃଷ୍ଟିରୁ ଆମର ସୁଖଦ-ପ୍ରଶଂସା ସର୍ବତ୍ର ହେଉ ।'ପୁରନ୍ଧିଃ'ଶମୁ ସନ୍ତୁ ରାୟଃ ସଂସାରର ଧାରଣକର୍ତ୍ତା ଆପଣ,ବାୟୁ ପ୍ରାଣ ଓ ସମସ୍ତ ସଂପଦ ଆନନ୍ଦ ପ୍ରଦାୟକ ହେଉ । 'ଶନ୍ନଃ ସତ୍ୟସ୍ୟ ସୁୟମସ୍ୟ ଶଂସଃ' ଦୁନିଆରେ ପ୍ରଶଂସିତ ସତ୍ୟ, ଯଥାର୍ଥ ଧର୍ମ ସୁସଂଯମ ଓ ଜିତେନ୍ଦ୍ରିୟାଦି ଲକ୍ଷଣ ଆମ ପାଇଁ ପରମାନନ୍ଦପ୍ରଦ ଓ ଶାନ୍ତିଯୁକ୍ତ ହେଉ । 'ଶନ୍ନୋ ଅର୍ଯ୍ୟମା' ହେ ନ୍ୟାୟକାରିନ୍ ଭଗବନ୍ ! 'ପୁରୁଜାତଃ' ଆପଣ ଅନନ୍ତ ସାମର୍ଥ୍ୟଯୁକ୍ତ ଅଟନ୍ତି, ଆମ ଉପରେ ସର୍ବଦା କଲ୍ୟାଣ ଦାନ କରନ୍ତୁ ॥୨୫॥

-: ସ୍ତୁତି :-

**ତ୍ୱମସି ପ୍ରଶସ୍ୟୋ ବିଦଥେଷୁ ସହନ୍ତ୍ୟ ।**
**ଅଗ୍ନେ ରଥୀରଧ୍ୱଣାମ୍ ॥୨୬॥** (ଋ.୫/୮/୩୫/୨)

**ବ୍ୟାଖ୍ୟା :-** ହେ 'ଅଗ୍ନେ' ସର୍ବଜ୍ଞ ତୁମେ ହିଁ 'ପ୍ରଶସ୍ୟ' ସର୍ବତ୍ର ସର୍ବସ୍ତୁତ୍ୟ ଅଟ, ଅନ୍ୟ କେହି ନୁହଁନ୍ତି । 'ବିଦଥେଷୁ' ଯଜ୍ଞ ଓ ଯୁଦ୍ଧରେ ତୁମେହିଁ ସ୍ତୁତି କରିବା ଯୋଗ୍ୟ ଅଟ । ଯେଉଁ ବ୍ୟକ୍ତି ତୁମର ସ୍ତୁତିକୁ ଛାଡ଼ି ଅନ୍ୟ ଜଡ଼ାଦି ପଦାର୍ଥର ସ୍ତୁତି କରେ, ସେ ଯଜ୍ଞ ଓ ଯୁଦ୍ଧରେ କଦାପି ବିଜୟ ଲାଭ କରିପାରେ ନାହିଁ । 'ସହନ୍ତ୍ୟ' ତୁମେହିଁ ଶତ୍ରୁ ସମୂହର ଘାତକ ଅଟ । 'ରଥୀରଧ୍ୱରାଣାମ୍' ଅଧ୍ୱର ଅର୍ଥାତ୍ ଯଜ୍ଞ ଓ ସମରରେ ତୁମେହିଁ ରଥୀ ଅଟ । ଆମ ଶତ୍ରୁମାନଙ୍କର ଯୋଦ୍ଧାମାନଙ୍କୁ ତୁମେହିଁ



ପରାସ୍ତ କରି ଦିଅ, ତେଣୁ କେବେ ମଧ୍ୟ ଆମର ପରାଜୟ ନ ହୋଇ, ସର୍ବଦା ବିଜୟ ହିଁ ବିଜୟ ହୋଇଥାଏ ॥୨୬॥

-: ପ୍ରାର୍ଥନା :-

**ତନ୍ନ ଇନ୍ଦ୍ରୋ ବରୁଣୋ ମିତ୍ରୋ ଅଗ୍ନିରାପ ଓଷଧିର୍ବନିନେଜୁଷନ୍ତ ।**
**ଶର୍ମନ୍ତ୍ସ୍ୟାମ ମରୁତାମୁପସ୍ଥେ ୟୁୟଂ ପାତ ସ୍ୱସ୍ତିଭି ସଦା ନଃ ॥୨୭॥**

(ଋ.୫/୩/୨୭/୫)

**ବ୍ୟାଖ୍ୟା :-** ହେ ଭଗବନ୍ ! 'ତନ୍ନ ଇନ୍ଦ୍ର' ସୂର୍ଯ୍ୟ, 'ବରୁଣ' ଚନ୍ଦ୍ରମା 'ମିତ୍ରଃ' ବାୟୁ, ଅଗ୍ନି, 'ଆପଃ' ଜଳ , 'ଔଷଧିଃ' ବୃକ୍ଷାଦି ବନସ୍ଥିତ ସମସ୍ତ ପଦାର୍ଥ ଆପଣଙ୍କ ଆଜ୍ଞାବଳରେ ସୁଖଦ ହୋଇ ଆମର ସେବ୍ୟ ହେଉଁ । ହେ ରକ୍ଷକେଶ୍ୱର ! 'ମରୁତାମୁପସ୍ଥେ' ପ୍ରାଣାଦି ପବନ ସମୂହର କୋଳରେ ଉପବେଶିତ ହୋଇ ଆପଣଙ୍କ କୃପାକଟାକ୍ଷରେ 'ଶର୍ମନ୍ତ୍ ସ୍ୟାମ' ଆମେ ସର୍ବଦା ସୁଖ-ସଂପନ୍ନ ହେଉ । 'ସ୍ୱସ୍ତିଭିଃ' ସର୍ବବିଧ ରକ୍ଷଣ ଦ୍ୱାରା 'ୟୁୟଂପାତଃ' (ଆଦରାର୍ଥେ ବହୁବଚନମ୍) ଆପଣ ରକ୍ଷା କରନ୍ତୁ, ଯେପରି କୌଣସି ପ୍ରକାର କ୍ଷତି ହେବ ନାହିଁ ॥୨୭॥

-: ସ୍ତୁତି :-

**ଋଷିର୍ହିପୂର୍ବଜା ଅସ୍ୟେକ ଈଶାନ ଓଜସା ।**
**ଇନ୍ଦ୍ର ଘ୍ରେକ୍ଷୁୟତେ ବସୁ ॥୨୮॥** (ଋ.୫/୮/୧୭/୧)

**ବ୍ୟାଖ୍ୟା :-** ହେ ଈଶ୍ୱର ! 'ଋଷିଃ' ସର୍ବଜ୍ଞ 'ପୂର୍ବଜା' ସର୍ବ ପୂର୍ବଜଙ୍କ 'ଏକଃ' ଅଦ୍ୱିତୀୟ । 'ଈଶାନଃ' ଈଶନ କର୍ତ୍ତା ଅର୍ଥାତ୍ ଈଶ୍ୱର ସେ ସବୁର କର୍ତ୍ତା । ଈଶ୍ୱର ପ୍ରଳୟକାଳରେ ସ୍ଥିତିମାନ୍ 'ଓଜସା' ଆପଣ ଅନନ୍ତ ପରାକ୍ରମ ଯୁକ୍ତ ଅଟନ୍ତି । ହେ ଇନ୍ଦ୍ର ମହାରାଜାଧିରାଜ ! 'ଘ୍ରେକ୍ଷୁୟତେ ବସୁ' ଧନଦ ପ୍ରଭୋ ! ଆପଣ ନିଜର ଭକ୍ତଜନଙ୍କ ଉପରେ କୃପାବାରି ବର୍ଷଣ କରନ୍ତି, କାରଣ ଆପଣ ଅତ୍ୟନ୍ତ ଆର୍ଦ୍ର ସ୍ୱଭାବଯୁକ୍ତ ଅଟନ୍ତି ॥୨୮॥

### --: ପ୍ରାର୍ଥନା :--

**ନେହ ଭଦ୍ରଂ ରକ୍ଷସ୍ୱିନେ ନାବୟୈ ନୋପୟା ଉତ । ଗବେ ଚ ଭଦ୍ରଂ ଧେନବେ**
**ବୀରାୟ ଚ ଶ୍ରବସ୍ୟତେ ଽନେହସୋ ବ ଉତୟଃ ସୁ ଉତୟୋ ବ ଉତୟଃ ॥୨୯॥**

(ଋ.୬/୪/୯/୨)

**ବ୍ୟାଖ୍ୟା :-** ହେ ଭଗବନ୍ ! 'ରକ୍ଷସ୍ୱିନେ ଭଦ୍ରଂ ନେହ' ପାପୀ, ହିଂସ୍ରକ, ଦୁଷ୍ଟାତ୍ମାମାନଙ୍କୁ କଦାପି ଆପଣ ସୁଖ ପ୍ରଦାନ କରନ୍ତୁ ନାହିଁ 'ନାବୟୈ' ଧର୍ମ ବିରୁଦ୍ଧାଗ୍ରହୀମାନଙ୍କୁ ମଧ୍ୟ କଦାପି ସୁଖ ଦିଅନ୍ତୁ ନାହିଁ । ତଥା "ନୋପୟ ଉତ" ଯେଉଁମାନେ ଅଧାର୍ମିକଙ୍କ ସହିତ ସାଥୀ ହୁଅନ୍ତି, ସେମାନଙ୍କୁ ମଧ୍ୟ ସୁଖ ଦିଅନ୍ତୁ ନାହିଁ । ଆପଣଙ୍କ ନିକଟରେ ଆମର ଏତିକି ମାତ୍ର ପ୍ରାର୍ଥନା ଆପଣ ଦୁଷ୍ଟାତ୍ମାମାନଙ୍କୁ କେବେହେଲେ କୌଣସି ପ୍ରକାର ସୁଖ ଦିଅନ୍ତୁ ନାହିଁ ; କାରଣ, ଏପରି ବ୍ୟବସ୍ଥା ଯଦି କାର୍ଯ୍ୟକାରୀ ନ ହୁଏ, ତେବେ ଧର୍ମପ୍ରତି କାହାରି ଆଉ ଶ୍ରଦ୍ଧା, ଆଗ୍ରହ ରହିବ ନାହିଁ ଓ ସମସ୍ତେ ଅଧର୍ମାଚରଣରେ ପ୍ରବୃତ୍ତ ରହିବେ । ଅତଏବ ହେ ପ୍ରଭୋ ! ସର୍ବଦା ଧର୍ମାତ୍ମାଜନଙ୍କୁ ସୁଖ ପ୍ରଦାନ କରନ୍ତୁ । ଆମର ଶମ, ଦମାଦି ଇନ୍ଦ୍ରିୟ ସମୂହ, ଦୁଧିଆଳୀ ଗାଈ, ବୀରପୁତ୍ର, ବଳଶାଳୀଭୃତ୍ୟ 'ଶ୍ରବସ୍ୟତେ' ବିଦ୍ୟା, ବିଜ୍ଞାନ ଓ ଅନ୍ନାଦ୍ୟୈଶ୍ୱର୍ଯ୍ୟଯୁକ୍ତ ରାଜା ଓ ଧନାଢ୍ୟଜନଙ୍କ ପାଇଁ 'ଅନେହସ' ନିଷ୍ପାପ, ନିରୁପଦ୍ରବ, ନିଷ୍କଳ, ସ୍ଥିର, ଶାଶ୍ୱତ ସୁଖ ପ୍ରଦାନ କରନ୍ତୁ । 'ବ ଉତୟୋ ବ ଉତୟଃ (ବଃ ଯୁଷ୍ମାକଂ ବହୁବଚନମାଦରାର୍ଥମ୍) ହେ ସର୍ବରକ୍ଷକେଶ୍ୱର ! ଆପଣ ସମସ୍ତଙ୍କ ରକ୍ଷାକାରୀ ଅଟନ୍ତି । ଆପଣ ନିଜର ଭକ୍ତଜନଙ୍କୁ ଭଦ୍ରଂ ଅର୍ଥାତ୍ କଲ୍ୟାଣ ପ୍ରଦାନ କରିଥାନ୍ତି ॥୨୯॥

### -: ସ୍ତୁତି :-

**ବସୁର୍ବସୁପତିର୍ହି କମସ୍ୟଗ୍ନେ ବିଭାର୍ବସୁଃ ।**
**ସ୍ୟାମତେ ସୁମତାବପି ॥୩୦॥** (ଋ. ୬/୩/୪୦)

**ବ୍ୟାଖ୍ୟା :-** ହେ ପରମାତ୍ମନ୍ ! ଆପଣ 'ବସୁଃ' ଅର୍ଥାତ୍ ନିକଟନିକଟରେ



ସମସ୍ତଙ୍କୁ ବସାନ୍ତି ଓ ସମସ୍ତଙ୍କଠାରେ ବସନ୍ତି । 'ବସୁପତିଃ' ପୃଥିବ୍ୟାଦି ବାସ ହେତୁଭୂତର ପତି ଅଟନ୍ତି । 'କମସି' ହେ ଅଗ୍ନେ ! ବିଜ୍ଞାନାନନ୍ଦ ପ୍ରକାଶସ୍ୱରୂପ ! ଆପଣ ସମସ୍ତଙ୍କ ସୁଖ-କାରକ, ସୁଖ-ସ୍ୱରୂପ ଓ 'ବିଭାବସୁ' ସତ୍ୟପ୍ରକାଶକ ଧନସମ୍ପନ୍ନ ଅଟନ୍ତି । ହେ ଭଗବନ୍ ! 'ତେ ସୁମତୌ' ଆପଣଙ୍କ ସର୍ବୋତ୍କୃଷ୍ଟ ଜ୍ଞାନ ଓ ପରସ୍ପର ପ୍ରେମରେ ଆମ୍ଭେମାନେ ସ୍ଥିର ହେଉଁ ॥୩୦॥

### -: ପ୍ରାର୍ଥନା :-

**ବୈଶ୍ୱାନରସ୍ୟ ସୁମତୌ ସ୍ୟାମ ରାଜାହି କଂ ଭୁବନାନାମଭି ଶ୍ରୀଃ ।**
**ଇତୋ ଜାତୋ ବିଶ୍ୱମିଦଂ ବିଚଷ୍ଟେ ବୈଶ୍ୱାନରୋ ଯତତେ ସୂର୍ଯ୍ୟେଣ ॥୩୧॥**

(ଋ. ୧/୭/୬/୧)

**ବ୍ୟାଖ୍ୟା :-** ହେ ମାନବଗଣ ! ଯିଏ ଆମର, ସକଳ ଜଗତର ରାଜା ଓ ନିଖିଳଭୁବନର ସ୍ୱାମୀ 'କମ୍' ସର୍ବସୁଖଦାତା 'ଅଭିଶ୍ରୀଃ' ସର୍ବନିଧି (ଶୋଭନଶୀଳ) ଅଟନ୍ତି । ସେ 'ବୈଶ୍ୱାନରୋ ଯତତେ' ସୂର୍ଯ୍ୟେଣ' ଜାଗତିକ ସମସ୍ତ ପ୍ରାଣୀର ନାୟକ ଓ ସୂର୍ଯ୍ୟଙ୍କ ସହ ପ୍ରକାଶକ ଅଟନ୍ତି, ଅର୍ଥାତ୍ ସମସ୍ତ ପ୍ରକାଶକ ପଦାର୍ଥ ତାଙ୍କ ଦ୍ୱାରା ବିରଚିତ । 'ଇତୋ ଜାତୋ ବିଶ୍ୱମିଦଂ ବିଚଷ୍ଟେ' ସେହି ସର୍ବଶକ୍ତିସମ୍ପନ୍ନ ଈଶ୍ୱରଙ୍କ ସାମର୍ଥ୍ୟରୁହିଁ ସଂସାରର ଉତ୍ପତ୍ତି ଅର୍ଥାତ୍ ଏହି ସଂସାରର ସର୍ଜନା ସେହିଁ କରିଅଛନ୍ତି । 'ବୈଶ୍ୱାନରସ୍ୟ ସୁମତୌ ସ୍ୟାମ' ସେହି ବୈଶ୍ୱାନର ପରମେଶ୍ୱରଙ୍କ ସୁଶୋଭନ (ଉତ୍କୃଷ୍ଟ) ଜ୍ଞାନରେ ଆମ୍ଭେମାନେ ଅବଶ୍ୟମେବ ସୁଖସ୍ୱରୂପ ଓ ବିଜ୍ଞାନଯୁକ୍ତ ହେବୁଁ । ହେ ମହାରାଜାଧିରାଜ ! ଦୟାକରି ଆମର ସମସ୍ତ ଅଭିଳାଷକୁ ପୂରଣ କରନ୍ତୁ ॥୩୧॥

### -: ସ୍ତୁତି :-

**ନ ଯସ୍ୟ ଦେବା ଦେବତା ନ ମର୍ତ୍ତା ଆପଶ୍ଚନ ଶବସୋ ଅନ୍ତମାପୁଃ ।**
**ସ ପରିକ୍ୱା ତ୍ୱକ୍ଷସା କ୍ଷ୍ମୋ ଦିବଶ୍ଚ ମରତ୍ୱାନୋ ଭବତ୍ୱିନ୍ଦ୍ର ଉତୀ ।୩୨॥**

(ଋ. ୧/୭/୧୦/୫)

**ବ୍ୟାଖ୍ୟା :-** ହେ ଅନନ୍ତବଳ ! 'ନ ଯସ୍ୟ' ଯେଉଁ ପରମାତ୍ମଙ୍କ ଓ ତାଙ୍କ ସାମର୍ଥ୍ୟର 'ଦେବାଃ' ଇନ୍ଦ୍ରିୟଗଣ 'ଦେବତାଃ' ବିଦ୍ୱାନ୍ ସୂର୍ଯ୍ୟାଦି ଓ ବୁଦ୍ଧ୍ୟାଦି 'ନ ମର୍ତ୍ତାଃ' ସାଧାରଣ ମନୁଷ୍ୟ 'ଆପଶ୍ଚନ' ଆପ, ପ୍ରାଣ, ବାୟୁ, ସମୁଦ୍ର ଆଦି କେହି ଅନ୍ତ ପାଇ ପାରନ୍ତି ନାହିଁ, ମାତ୍ର 'ପରିକ୍ମା' ପ୍ରକୃଷ୍ଟତୟା ଏମାନଙ୍କ ମଧ୍ୟରେ ବ୍ୟାପକ ହୋଇ, ଅତିରିକ୍ତ (ଏତତ୍ ବିଲକ୍ଷଣ) ଭିନ୍ନରୂପେ ପରିପୂର୍ଣ୍ଣ ଅଟନ୍ତି । ଏଣୁ 'ମରୁତ୍ୱାନ୍' ଅତ୍ୟନ୍ତ ବଳଶାଳୀ ଇନ୍ଦ୍ର ପରମାତ୍ମା 'ତ୍ୱକ୍ଷସା' ଶତ୍ରୁ ବଳଛେଦନବଳଦ୍ୱାରା 'କ୍ଷ୍ମଃ' ପୃଥିବୀ ଓ 'ଦିବଶ୍ଚ' ସ୍ୱର୍ଗକୁ ଧାରଣ କରନ୍ତି । ଅତଏବ 'ଇନ୍ଦ୍ରଃ' ପରମାତ୍ମା 'ଉତୋ' ଆମର ରକ୍ଷାପାଇଁ 'ଭବତୁ' ତତ୍ପର ହୁଅନ୍ତୁ ॥୩୨॥

-: **ପ୍ରାର୍ଥନା** :-

**ଜାତବେଦସେ ସୁନବାମ ସୋମମରାତୀୟତୋ ନି ଦହାତି ବେଦଃ ।**
**ସ ନଃ ପର୍ଷଦତି ଦୁର୍ଗାଣି ବିଶ୍ୱା ନାବେବ ସିନ୍ଧୁଂ ଦୁରିତାତ୍ୟଗ୍ନିଃ ॥୩୩॥**

(ଋ. ୧/୭/୭/୧)

**ବ୍ୟାଖ୍ୟା :-** ହେ 'ଜାତବେଦଃ' ପରବ୍ରହ୍ମନ୍ ! ଆପଣ ଜାତବେଦ ଅଟନ୍ତି, ଏହି ଛିତିଶୀଳ ଜଗତର ଜ୍ଞାତା ଓ ସର୍ବବ୍ୟାପକ ଅଟନ୍ତି, ବିଦ୍ୱଜ୍ଜନଜ୍ଞେୟ, ଅନନ୍ତ ଧନକୁବେର, ଅନନ୍ତଜ୍ଞାନବାନ୍ ହେତୁ ଆପଣଙ୍କ ନାମ 'ଜାତବେଦ' ଅଟେ । 'ବୟଂ ସୋମଂ ସୁନବାମ' ଆମନିକଟରେ ଯାହା କିଛି ସୋମପ୍ରିୟଗୁଣ ବିଶିଷ୍ଟାଦି ରହିଛି, ସେସବୁ ଆପଣଙ୍କ ପାଇଁ ଉଦ୍ଦିଷ୍ଟ । ଏଣୁ ହେ ପରମକୃପାଳୁ ! 'ଅରାତୀୟତଃ' ଧାର୍ମିକ ପୁରୁଷମାନଙ୍କ ବିରୋଧୀ ଦୁଷ୍ଟଜନଙ୍କ 'ବେଦଃ' ଧନୈଶ୍ୱର୍ଯ୍ୟ ପଦାର୍ଥ ଗୁଡ଼ିକୁ 'ନିହତ' ନଷ୍ଟ କରନ୍ତୁ, ଯଦ୍ୱାରା ସେମାନେ ଦୁଷ୍କର୍ମ ପରିତ୍ୟାଗକରି ଉତ୍ତମକର୍ମ ସଂପାଦନ କରିବାରେ ତତ୍ପର ହେବେ । "ନଃ" ଆମ୍ଭମାନଙ୍କୁ 'ଦୁର୍ଗାଣି ବିଶ୍ୱା' ଦୁଃସହ ଦୁଃଖରାଶିରୁ 'ପର୍ଷଦତି' ସଂପୂର୍ଣ୍ଣରୂପେ ଦୂରରେ ରଖି ନିତ୍ୟଶାଶ୍ୱତ ସୁଖ ପ୍ରଦାନ କରନ୍ତୁ । 'ନାବେବ ସିନ୍ଧୁମ୍' ଯେପରି ଦୁର୍ଲ୍ଲଂଘନୀୟ ନଦୀ ଓ ସମୁଦ୍ର ପାରି ହେବାପାଇଁ ନଉକା ହେଉଛି



ସାଧନ, ସେହିପରି 'ଦୁରିତାତ୍ୟଗ୍ନିଃ' ପାପଜନିତ ନିର୍ଯ୍ୟାତନାରୁ ପୃଥକ୍ କରି ଆମକୁ ସଂସାର-ସାଗର ମଧ୍ୟରେ ପରମସୁଖଦାୟୀ ମୁକ୍ତି ପ୍ରଦାନ କରନ୍ତୁ ।

-: **ସ୍ତୁତି** :-

**ସବଜ୍ରଭୃଦସ୍ୟୁହା ଭୀମ ଉଗ୍ରଃ ସହସ୍ରଚେତା ଶତନୀଥ ଋଭ୍ୱା ।**
**ଚମ୍ରୀଷୋ ନ ଶବସା ପାଞ୍ଚଜନ୍ୟୋ ମରୁତ୍ୱାନ୍ନୋ ଭବତ୍ୱିନ୍ଦ୍ର ଉତୀ ॥୩୪॥**

(ଋ. ୧/୭/୧୦/୨)

**ବ୍ୟାଖ୍ୟା :-** ହେ ଦୁଷ୍ଟଦଳନ ପରମାତ୍ମନ୍ ! ଆପଣ 'ବଜ୍ରଭୃତ' ଅଛେଦ୍ୟ (ଦୁଷ୍ଟଜନ ବିନାଶକ) ସାମର୍ଥ୍ୟଦ୍ୱାରା ସର୍ବଶିଷ୍ଟ ହିତୋପକାରକ, ଦୁଷ୍ଟବିନାଶକ ନ୍ୟାୟ-ଆଚରଣକୁ ଧାରଣ କରିଅଛନ୍ତି । 'ପ୍ରାଣୋ ବୈବଜ୍ର' ଇତ୍ୟାଦି ଶତପଥର ପ୍ରମାଣ । 'ଦସ୍ୟୁହା' ଆପଣ ଦୁଷ୍ଟ ପାପୀମାନଙ୍କ ବିନାଶକାରୀ ଅଟନ୍ତି । 'ଭୀମ' ଯେଉଁମାନେ ଆପଣଙ୍କ ନ୍ୟାୟାଚରଣ ଆଦେଶକୁ ତ୍ୟାଗକରନ୍ତି, ସେମାନଙ୍କୁ ଆପଣ ଅତ୍ୟନ୍ତ ଭୟଭୀତ କରାଇଥାନ୍ତି । 'ସହସ୍ରଚେତା' ଆପଣ ସଂଖ୍ୟାତୀତ ବିଜ୍ଞାନାଦି ଗୁଣସଂପନ୍ନ ଅଟନ୍ତି । 'ଶତନୀଥଃ' ଅଜସ୍ର ପଦାର୍ଥର ଦାତା ଆପଣହିଁ ଅଟନ୍ତି । 'ଋଭ୍ୱା' ଅତ୍ୟନ୍ତ ବିଜ୍ଞାନାଦି ପଦାର୍ଥ ଗୁଡିକର ପ୍ରକାଶକ, ଜ୍ୟୋତିର୍ମୟ ଓ ମହାବଳଶାଳୀ ଅଟନ୍ତି । 'ନ ଚମ୍ରୀଷୋ' ଆପଣ କେବେହେଲେ କୌଣସି ସେନାର ବଶବର୍ତ୍ତୀ ହୁଅନ୍ତି ନାହିଁ । 'ଶବସା' ସ୍ୱ ଅନନ୍ତ ସାମର୍ଥ୍ୟ ଦ୍ୱାରା ଆପଣ 'ପାଞ୍ଚଜନ୍ୟ' ପଞ୍ଚପ୍ରାଣକୁ ସର୍ଜନା କରିଅଛନ୍ତି । 'ମରୁତ୍ୱାନ୍' ସର୍ବବିଧ ବାୟୁର ଆଧାର ଓ ଗୃଳକ ଆପଣହିଁ ଅଟନ୍ତି । ଅତଏବ ହେ 'ଇନ୍ଦ୍ର' ଅନନ୍ତ ସାମର୍ଥ୍ୟ ଯୁକ୍ତ ଇନ୍ଦ୍ର ! ଆପଣ ଆମର ସର୍ବବିଧ ରକ୍ଷଣାବେକ୍ଷଣ ପାଇଁ ସର୍ବଦା ତତ୍ପର ହୁଅନ୍ତୁ, ଯେପରି, ଆମର ଯେ କୌଣସି କାର୍ଯ୍ୟ କେବେମଧ୍ୟ ଅନିଷ୍ଟକର ହେବନାହିଁ ॥୩୪॥

-: **ପ୍ରାର୍ଥନା** :-

**ସେମଂ ନ କାମମାପୃଣ ଗୋଭିରଶ୍ୱୈଃ ଶତକ୍ରତୋ ।**

**ସ୍ତବାମ ତ୍ୱା ସ୍ୱାଧ୍ୟଃ ॥୩୫॥** (ଋ. ୧/୧/୩୧/୪)

**ବ୍ୟାଖ୍ୟା :-** ହେ 'ଶତକ୍ରତୋ' ଅନନ୍ତକ୍ରିୟେଶ୍ୱର ! ଆପଣ ଅସଂଖ୍ୟ ବିଜ୍ଞାନାଦି ଯଜ୍ଞଦ୍ୱାରା ପ୍ରାପ୍ୟ ଓ ଅନନ୍ତକ୍ରିୟାବଳଯୁକ୍ତ ଅଟନ୍ତି । ଅତଏବ ହେ ଦୟାଳୁ ! ଆପଣ 'ଗୋଭିରଶ୍ୱୈଃ' ଗାଇ, ଉତ୍ତମ ଇନ୍ଦ୍ରିୟ, ଶ୍ରେଷ୍ଠ ପଶୁ, ସର୍ବୋତ୍ତମ ଅଶ୍ୱବିଦ୍ୟା (ବିମାନାଦିଯୁକ୍ତ)ତଥା ଅଶ୍ୱ ଅର୍ଥାତ୍ ଶ୍ରେଷ୍ଠ ଘୋଟକାଦି ପଶୁ ଓ ଚକ୍ରବର୍ତ୍ତି ରାଜ୍ୟୈଶ୍ୱର୍ଯ୍ୟ ଦ୍ୱାରା 'ସେମଂ ନଃ କାମମାପୃଣ' ଆମର ସମସ୍ତ କାମନା ପୂରଣ କରନ୍ତୁ । ଯଦ୍ଦ୍ୱାରା ଆମେ 'ସ୍ତବାମ ତ୍ୱା ସ୍ୱାଧ୍ୟଃ' ସୁବୁଦ୍ଧି ସଂପନ୍ନ ହୋଇ ଉତ୍ତମ ରିତୀରେ ଆପଣଙ୍କ ସ୍ତୁତି କରିବୁ । ଆମର ଦୃଢ଼ ବିଶ୍ୱାସ, ଆପଣଙ୍କ ବ୍ୟତୀତ ଅନ୍ୟ କେହି ଆମର କାମନା ପୂର୍ଣ୍ଣ କରି ପାରିବେ ନାହିଁ । ଯିଏ ଆପଣଙ୍କୁ ଉପେକ୍ଷା କରି ଅନ୍ୟର ଧ୍ୟାନ ଓ ଯାଚନା କରେ ତାର ସମସ୍ତ କାମନା ନଷ୍ଟ ହୋଇଯାଏ ॥୩୫॥

-: **ସ୍ତୁତି** :-

**ସୋମ ଗୀର୍ଭିଷ୍ଟ୍ୱା ବୟଂ ବର୍ଦ୍ଧୟାମୋ ବଚୋବିଦଃ ।**
**ସୁମୃଡ଼ୀକୋ ନ ଆ ବିଶ ॥୩୬॥** (ଋ. ୧/୬/୨୧/୧)

**ବ୍ୟାଖ୍ୟା :-** ହେ 'ସୋମ' ସର୍ବଜଗଦୁତ୍ପାଦକେଶ୍ୱର ! ଆପଣଙ୍କୁ 'ବଚୋବିଦଃ' ଶାସ୍ତ୍ରବିତ୍ ଆମ୍ଭେମାନେ ସ୍ତୁତି ସମୂହ ଦ୍ୱାରା 'ବର୍ଦ୍ଧୟାମଃ' ସର୍ବୋପରି ବିରାଜମାନ ବୋଲି ଜାଣୁଁ । 'ସୁମୃଡ଼ୀକେ ନ ଆ-ବିଶ' କାରଣ, ଆପଣହିଁ ଆମ୍ଭମାନଙ୍କୁ ଉପଯୁକ୍ତ ସୁଖପ୍ରଦାନ କରୁଛନ୍ତି, ଏଣୁ ଆମକୁ ଏପରି ଆଦେଶ ଦିଅନ୍ତୁ, ଯଦ୍ଦ୍ୱାରା ଆମେ ଅବିଦ୍ୟାନ୍ଧକାରରୁ ମୁକ୍ତ ହୋଇ ବିଦ୍ୟାରୂପକ ସୂର୍ଯ୍ୟାଲୋକରେ ଆଲୋକିତ ହେବା ସଙ୍ଗେ ସଙ୍ଗେ ଆନନ୍ଦ ପୂର୍ବକ ଜୀବନ ଧାରଣ କରିବୁ ॥୩୬॥

-: **ପ୍ରାର୍ଥନା** :-

**ସୋମ ରାରନ୍ଧି ନୋ ହୃଦି ଗାବୋ ନ ଯବସେଷ୍ୱା ।**
**ମର୍ଯ୍ୟ ଇବ ସ୍ୱ ଓକ୍ୟେ ॥୩୭॥** (ଋ.୧/୬/୨୧/୩)



**ବ୍ୟାଖ୍ୟା :-** ହେ 'ସୋମ' ସୌମ୍ୟ ସୁଖ ପ୍ରଦେଶ୍ୱର ! ଆପଣ କୃପାକରି 'ରାରନ୍ଧ ନୋ ହୃଦି' ଆମ ହୃଦମନ୍ଦିରରେ ଯଥାବତ୍ ରମଣ କରନ୍ତୁ । ଯେପରି ସୂର୍ଯ୍ୟ-କିରଣ ବିଦ୍ୱାନ୍ ପୁରୁଷଙ୍କ ମନ ଓ ଗାଈ ପଶୁ ସ୍ୱ ସ୍ୱ ବିଷୟ ଓ ଘାସାଦିରେ ରମଣ କରନ୍ତି ଅଥବା ଯେପରି 'ମର୍ଯ୍ୟଇବ ସ୍ୱ ଓକ୍ୟେ' ମନୁଷ୍ୟମାନେ ନିଜର ବାସଗୃହରେ ରମଣ କରନ୍ତି, ସେହିପରି ଆପଣ ମଧ୍ୟ ସର୍ବଦା ପ୍ରକାଶ ସ୍ୱରୂପ ଆମ ହୃଦୟାକାଶରେ ରମଣ କରନ୍ତୁ, ଯଦ୍ଦ୍ୱାରା ଆମ୍ଭେମାନେ ଯଥୋଚିତ ଜ୍ଞାନ ତଥା ଆନନ୍ଦ-ଉପଲବ୍ଧି କରି ପାରିବୁ ॥୩୭॥

-: **ସ୍ତୁତି** :-

**ଗୟସ୍ଫାନୋ ଅମୀବହା ବସୁବିତ୍ ପୁଷ୍ଟି ବର୍ଦ୍ଧନଃ ।**
**ସୁମିତ୍ରଃ ସୋମ ନୋ ଭବ ॥୩୮॥** (ଋ. ୧/୬/୨୧/୨)

**ବ୍ୟାଖ୍ୟା :-** ହେ ପରମାତ୍ମାଙ୍କଭକ୍ତ ଜୀବଗଣ ! ଯେଉଁ ପରମେଶ୍ୱର ସମସ୍ତଙ୍କ ଇଷ୍ଟ ଦେବତା ଅଟନ୍ତି, ସେହି 'ଗୟସ୍ଫାନଃ' ପ୍ରଜା, ଧନ, ଜନପ୍ରଦ ଓ ସ୍ୱରାଜ୍ୟଙ୍କୁ ସମୃଦ୍ଧଶାଳୀ କରନ୍ତି ଓ 'ଅମୀବହା' ଶରୀର ଇନ୍ଦ୍ରିୟ ଜନିତ ଓ ମାନସରୋଗର ନାଶ କରିଥାନ୍ତି । 'ବସୁବିତ୍' ସମସ୍ତ ପୃଥିବ୍ୟାଦି ବସ୍ତୁର ଅର୍ଥାତ୍ ସର୍ବଜ୍ଞ ଓ ବିଦ୍ୟାରୂପ ଧନର ପ୍ରଦାତା ଅଟନ୍ତି, 'ପୁଷ୍ଟିବର୍ଦ୍ଧନଃ' ଶରୀର, ଇନ୍ଦ୍ରିୟ, ମନ ଓ ଆତ୍ମାର ପୁଷ୍ଟି ବର୍ଦ୍ଧନ କରନ୍ତି । 'ସୁମିତ୍ରଃ ସୋମ ନୋ ଭବ' ସେହିଁ ସମସ୍ତଙ୍କ ପରମମିତ୍ର ଅଟନ୍ତି । ଅତଏବ ହେ ଜୀବଗଣ ! ସେହି ପରମାତ୍ମାଙ୍କଠାରେ ପ୍ରାର୍ଥନା କରିବା- ହେ ସୋମ ସର୍ବଜଗଦୁତ୍ପାଦକ ! ଆପଣହିଁ ଆମର ପରମ ସୁହୃତ୍ , ସମସ୍ତ ଜୀବର ମିତ୍ର ଅଟନ୍ତି, ଏଣୁ ହେ ଦେବ ! ଆପଣଙ୍କ ନିକଟରେ ହିଁ ଆମେ ମିତ୍ରତା-ସ୍ଥାପନା କରୁଅଛୁ ॥୩୮॥

-: **ପ୍ରାର୍ଥନା** :-

**ତ୍ୱଂ ହି ବିଶ୍ୱତୋମୁଖ ବିଶ୍ୱତଃ ପରିଭୂରସି ।**
**ଅପ ନଃ ଶୋଶୁଚଦଘମ୍ ॥୩୯॥** (ଋ.୧/୭/୫/୬)

**ବ୍ୟାଖ୍ୟା :-** ହେ ଅଗ୍ନେ ପରମାତ୍ମନ୍ ! 'ତ୍ୱଂ ହିଂ ତୁମେ ହିଁ 'ବିଶ୍ୱତଃ ପରିଭୁରସି' ସର୍ବତ୍ର ପରିବ୍ୟାପ୍ତ ହୋଇ ରହିଛି । ତେଣୁ ତୁମେ 'ବିଶ୍ୱତୋମୁଖ' ଅଟ ।ହେ ସର୍ବତୋମୁଖ ଅଗ୍ନେ ! ତୁମେ ସ୍ୱକୀୟ ଅସୀମ ସାମର୍ଥ୍ୟ ଦ୍ୱାରା ସର୍ବ ଜୀବ ହୃଦୟ ଗହ୍ୱରରେ ସତ୍ୟ-ଉପଦେଶ କରୁଅଛ, ତାହାହିଁ ତୁମର ମୁଖ ଅଟେ । ହେ କୃପାଳୋ ! 'ଅପ ନଃ ଶୋଶୁଚଦଘମ୍' ଆପଣଙ୍କ ଇଚ୍ଛାରେ ହିଁ ଆମର ସମସ୍ତ ପାପ ଦୂରୀଭୂତ ହେଉ, ଯଦ୍ଦ୍ୱାରା ଆମ୍ଭେମାନେ ପାପରହିତ ହୋଇ ଆପଣଙ୍କ ଭକ୍ତି ଓ ଆଦେଶ ପାଳନ କରିବାରେ ସର୍ବଦା ତତ୍ପର ହୋଇ ରହିବୁ ॥୩୯॥

-: **ସ୍ତୁତି** :-

**ତମୀଳ (ଡ଼) ତ ପ୍ରଥମଂ ଯଜ୍ଞସାଧଂ ବିଶ ଆରୀରାହୁତ ମୃଞ୍ଜମାନମ୍ ।**
**ଊର୍ଜଃ ପୁତ୍ରଂ ଭରତଂ ସୃପ୍ରଦାନୁଂ ଦେବା ଅଗ୍ନିଂ ଧାରୟନ୍ଦ୍ରବିଣୋଦାମ୍ ॥୪୦॥**

(ଋ.୧/୭/୩/୩)

**ବ୍ୟାଖ୍ୟା :-** ହେ ମାନବ ଗଣ ! 'ତମୀଡ଼ତ' ସେହି ଅଗ୍ନିଙ୍କର ସ୍ତୁତି କର । ସେହି ଅଗ୍ନିଙ୍କ ସ୍ୱରୂପ କିପରି ଅଟେ ? 'ପ୍ରଥମମ୍' ପ୍ରତିଟି କର୍ମରେ ପ୍ରଥମେ ପ୍ରବର୍ତ୍ତମାନ ଓ ସମସ୍ତ କର୍ମର ଆଦିକାରଣ ଓ 'ଯଜ୍ଞସାଧମ୍' ସମସ୍ତ ସଂସାର ଓ ବିଜ୍ଞାନାଦି ଯଜ୍ଞ ସିଦ୍ଧିଦ ଓ ସର୍ବଜନକ ଅଟନ୍ତି । ହେ 'ବିଶଃ' ମାନବ ! ତୁମ୍ଭେମାନେ ତାଙ୍କୁ ସ୍ୱାମୀ ଜାଣି 'ଆରୀ' ପ୍ରାପ୍ତ ହୁଅ; ସେ ପରମବ୍ରହ୍ମଙ୍କୁ ହିଁ ବିଦ୍ୱାନ୍ ପୁରୁଷମାନେ ଆହ୍ୱାନ କରିଥାନ୍ତି, ଓ ବିଜ୍ଞାନାଦି ସିଦ୍ଧି ଉପଲବ୍ଧି କରିଥାନ୍ତି । 'ଊର୍ଜଃ ପୁତ୍ରଂ ଭରତମ୍' ପୃଥିବ୍ୟାଦି ଜଗତ୍‌ରରୂପ ଅନ୍ନର ପୁତ୍ର ଅର୍ଥାତ୍ ପାଳକ ତଥା ଭରତ ଅର୍ଥାତ୍ ସେହି ଅନ୍ନର ଭରଣ ପୋଷଣ ଓ ଧାରଣ କର୍ତ୍ତା ଅଟନ୍ତି । 'ସୁ ପ୍ରଦାନୁମ୍' ନିଖିଳ ଜଗତ୍‌ର ଗତି, ଶକ୍ତି ଓ ଜ୍ଞାନଦାତା ଅଟନ୍ତି । ତାଙ୍କୁ 'ଦେବା ଅଗ୍ନି ଧାରୟନ୍ ଦ୍ରବିଣୋଦାମ୍' ଦେବ (ବିଦ୍ୱଦ୍‌ଗଣ) ଅଗ୍ନି ମନେ କରିଥାନ୍ତି ଓ ଧାରଣ କରନ୍ତି । ସେହିଁ ସମସ୍ତ ଜଗତ୍‌କୁ ଦ୍ରବିଣ ଅର୍ଥାତ୍ ନିର୍ବାଦ ଯୋଗ୍ୟ ଅନ୍ନ-ଜଳାଦି ପଦାର୍ଥ ଓ ବିଦ୍ୟାଦି ପଦାର୍ଥ ପ୍ରଦାନ କରନ୍ତି । ସେହି



ଅଗ୍ନି ପରମାତ୍ମାଙ୍କ ବ୍ୟତୀତ ଅନ୍ୟ କାହାରି ଭକ୍ତି ବା ଯାଚନା କଦାପି କରିବା ଉଚିତ ନୁହେଁ ॥୪୦॥

-: **ପ୍ରାର୍ଥନା** :-

**ତମୂତୟେ ରଣୟଞ୍ଛୂରସାତୌ ତଂ କ୍ଷେମସ୍ୟ କ୍ଷିତୟଃ କଣ୍ୱତ ତ୍ରାମ୍ ।**
**ସ ବିଶ୍ୱସ୍ୟ କରୁଣସ୍ୟେଶ ଏକୋ ମରୁତ୍ୱାନ୍ନୋ ଭବତ୍ୱିନ୍ଦ୍ରଉତୀ ॥୪୧॥**

(ଋ. ୧/୭/୯/୨)

**ବ୍ୟାଖ୍ୟା :-** ହେ ମାନବ ! 'ତମୂତୟଃ' ସେହି ଇନ୍ଦ୍ର ପରମାତ୍ମାଙ୍କ ପ୍ରାର୍ଥନା ଓ ଶରଣାଗତି ଦ୍ୱାରା ଆମେ 'ଉତୟଃ' ଅନନ୍ତ ରକ୍ଷଣ ଓ ବଳାଦି ଗୁଣକୁ ଉପଲବ୍ଧି କରିପାରିବା । 'ଶୂରସାତୌ' ଯୁଦ୍ଧରେ ଯଥାବତ୍ 'ରଣୟନ୍' ରମଣ ଓ ରଣଭୂମିରେ ଶୂରବୀରଗଣଙ୍କ ଗୁଣ ପାରସ୍ପରିକ ପ୍ରୀତ୍ୟାଦି ପ୍ରଦାନ କରାଇବେ ! 'ତଂ କ୍ଷେମସ୍ୟ କ୍ଷିତୟଃ' ହେ ଶୂରବୀର ମାନବ ! ତମେ ତାଙ୍କୁହିଁ କ୍ଷେମ କୁଶଳତାର 'ତ୍ରାମ୍' ରକ୍ଷକ 'କୃଣ୍ୱତ' ଜାଣ, ଯଦ୍ଦ୍ୱାରା ତୁମର ପରାଜୟ କେବେ ମଧ୍ୟ ହେବନାହିଁ । କାରଣ ସ ବିଶ୍ୱସ୍ୟ' ସେ କରୁଣାମୟ ଅର୍ଥାତ୍ ସମସ୍ତ ଜଗତ୍‌ର କରୁଣା-କର୍ତ୍ତା ଅଟନ୍ତି, 'ଏକଃ' ତାଙ୍କ ବ୍ୟତୀତ ଅନ୍ୟ କେହି ନୁହନ୍ତି । ସେହି ପରମାତ୍ମା 'ମରୁତ୍ୱାନ୍ନୋ' ପ୍ରାଣ, ବାୟୁ, ଜଳ, ସେନାଯୁକ୍ତ 'ଉତୀ' ଉତ୍ତମ ରୀତିରେ କୃପାବିନ୍ଦୁ ଢାଳି ରକ୍ଷା କରନ୍ତୁ । ଈଶ୍ୱର ରକ୍ଷିତ ଆମ୍ଭେମାନେ କେବେହେଲେ ପରାଜୟ ବରଣ କରିବୁ ନାହିଁ ॥୪୨॥

-: **ସ୍ତୁତି** :-

**ସ ପୂର୍ବୟା ନିବିଦା କବ୍ୟତାୟୋରିମାଃ ପ୍ରଜା ଅଜନୟନ୍ମନୂନାମ୍ ।**
**ବିବସ୍ୱତା ଚକ୍ଷସା ଦ୍ୟାମପଶ୍ଚଦେବା ଅଗ୍ନିଂ ଧାରୟନ୍ଦ୍ରବିଣୋଦାମ୍ ॥୪୨॥**

(ଋ. ୧/୭/୩/୨)

**ବ୍ୟାଖ୍ୟା :-** ହେ ମାନବ ! ସେହି 'ପୂର୍ବୟା ନିବିଦା' ଆଦି ସନାତନ, ସତ୍ୟତା ଆଦି ଗୁଣଯୁକ୍ତ ଅଗ୍ନି ପରମାତ୍ମା ଥିଲେ, ଅନ୍ୟ କେହି ନଥିଲେ । ସୃଷ୍ଟି

ସର୍ଜନାର ପ୍ରଥମକାଳରେ ସ୍ୱ ପ୍ରକାଶ ସ୍ୱରୂପ ଏକ ଈଶ୍ୱର ପ୍ରଜାଙ୍କ ଉତ୍ପତ୍ତିର ଈକ୍ଷତା (ବିଗ୍ରହ) 'କାବ୍ୟତାୟୋରିମାଃ' ସର୍ବଜ୍ଞତାଦି ସାମର୍ଥ୍ୟଦ୍ୱାରା ସେ ସର୍ବବିଦ୍ୟାଯୁକ୍ତ ବେଦଚତୁଷ୍ଟୟ 'ମନୂନାମ୍' ମନନଶୀଳଯୁକ୍ତ ମାନବ ଓ ଅନ୍ୟ ପଶୁ ବୃକ୍ଷାଦି ତଥା 'ପ୍ରଜାଃ' ପ୍ରଜାଗଣଙ୍କୁ ମଧ୍ୟ 'ଅଜନୟନ୍' ଉତ୍ପନ୍ନ କଲେ । (ପାରସ୍ପରିକ ବ୍ୟବହାର ପାଇଁ) ସେହିଁ ମନନଶୀଳ ମାନବଗଣଙ୍କ ସ୍ତୁତିର ଯୋଗ୍ୟ ଅଟନ୍ତି । 'ବିବସ୍ୱତା ଚକ୍ଷସା' ସୂର୍ଯ୍ୟାଦି ତେଜସ୍ୱୀ ସମସ୍ତ ପଦାର୍ଥର ପ୍ରକାଶକ ବଳ ଦ୍ୱାରା ସ୍ୱର୍ଗ (ସୁଖବିଶେଷ) ସମସ୍ତ ଲୋକ 'ଅପଃ' ଅନ୍ତରିକ୍ଷ, ପୃଥିବ୍ୟାଦି ମଧ୍ୟମ ଲୋକ ଓ ନିକୃଷ୍ଟ ଦୁଃଖବିଶେଷ ନରକ ଓ ସର୍ବ ଦୃଶ୍ୟମାନ ତାରକାଗଣ ସେହିଁ ରଚନା କରିଛନ୍ତି । ସେ ସଚ୍ଚିଦାନନ୍ଦ ସ୍ୱରୂପ ମରମେଶ୍ୱର ଦେବାଧିଦେବ ଅଟନ୍ତି । ସେହି 'ଦ୍ରବିଣୋଦାମ୍' ବିଜ୍ଞାନାଦି ଧନର ଦାତାଙ୍କୁ 'ଦେବାଃ' ବିଦ୍ୱାନ୍ ପୁରୁଷମାନେ ଅଗ୍ନିରୂପେ ଜାଣନ୍ତି, ଆମ୍ଭେମାନେ ତା'ଙ୍କର ହିଁ ଭକ୍ତି ବିଶେଷ ଭାବେ କରିବା ଉଚିତ୍ ॥୪୨॥

## -: ପ୍ରାର୍ଥନା :-

**ବୟଂ ଜୟେମ ତ୍ୱୟା ଯୁଜା ବୃତମସ୍ମାକମଂଶମୁଦବା ଭରେ ଭରେ ।**
**ଅସ୍ମଭ୍ୟମିନ୍ଦ୍ର ବରିବଃ ସୁଗଂ କୃଧି ପ୍ର ଶତ୍ରୂଣାଂ ମଘବନ୍ ବୃଷ୍ଣ୍ୟାରୁଜ**
**॥୪୩॥** (ଋ. ୧/୭/୧୪/୧)

**ବ୍ୟାଖ୍ୟା :-** ହେ ଇନ୍ଦ୍ର ପରମାତ୍ମନ୍ ! 'ତ୍ୱୟା ଯୁଜା ବୟଂ ଜୟେମ' ଆପଣଙ୍କ ସହ ପ୍ରବର୍ତ୍ତମାନ, ଆପଣଙ୍କ ସାହାଯ୍ୟରେ ହିଁ ଆମେମାନେ ଶତ୍ରୁଙ୍କୁ ଜିଣିବାରେ ସମର୍ଥ ହେବୁ । (ସ ଶତ୍ରୁ 'ଆବୃତମ୍' ଆମରିହିଁ ବଳଦ୍ୱାରା ଆବୃତ) ହେ ମହାରାଜାଧିରାଜେଶ୍ୱର ! 'ଭରେ ଭରେ ଅସ୍ମାକମଂଶମୁଦବା' ପ୍ରତ୍ୟେକ ଯୁଦ୍ଧରେ ଆମର ଅଂଶସ୍ୱରୂପ ସୈନ୍ୟଗଣଙ୍କୁ 'ଉଦଦ' ଉତ୍ତମରୂପେ ରକ୍ଷା କରନ୍ତୁ ! ଯଦ୍ଦ୍ୱାରା ଆମେ ସର୍ବଦା ସର୍ବତ୍ର ବିଜୟ ଲାଭ କରିବୁ । କାରଣ, ଆପଣ ନିଜର ଭକ୍ତମାନଙ୍କୁ କେବେ ହେଲେ ପରାଜିତ ହେବାକୁ ଦିଅନ୍ତି ନାହିଁ । ହେ 'ଇନ୍ଦ୍ର ମଘବନ୍'



ମହାଧନେଶ୍ୱର 'ଶତ୍ରୂଣାଂ ବୃଷ୍ଣ୍ୟା' ଆମର ଶତ୍ରୁମାନଙ୍କ ବଳ ବିକ୍ରମକୁ 'ପ୍ର-ରୁଜ' ପ୍ରଭଗ୍ନ -ରୁଗ୍ଣକରି ନଷ୍ଟ କରି ଦିଅନ୍ତୁ । 'ଅସ୍ମଭ୍ୟଂ ବରିବଃ ସୁଗଂ କୃଧି' ଆମ ସକାଶେ ଚକ୍ରବର୍ତ୍ତୀ ସାମ୍ରାଜ୍ୟ, ଧନୈଶ୍ୱର୍ଯ୍ୟ ସୁଖକୁ ପ୍ରଦାନ କରନ୍ତୁ ଅର୍ଥାତ୍ ଆପଣଙ୍କ କରୁଣା-କଟାକ୍ଷରେ ଆମର ରାଜ୍ୟ, ଧନୈଶ୍ୱର୍ଯ୍ୟ ଦ୍ୱାରା ସର୍ବଦା ସମୁନ୍ନତ ହେଉ ॥୪୩॥

## -: ସ୍ତୁତି :-

**ଯୋ ବିଶ୍ୱସ୍ୟ ଜଗତଃ ପ୍ରାଣତସ୍ପତିର୍ଯୋ ବ୍ରହ୍ମଣେ ପ୍ରଥମୋ ଗା ଅବିନ୍ଦନ୍ ।**
**ଇନ୍ଦ୍ରୋ ଯୋ ଦସ୍ୟୂଁରଧରାଂ ଅବାତିରନ୍ମରୁତ୍ୱନ୍ତଂ ସଖ୍ୟାୟ ହବାମହେ ॥୪୪॥**

(ଋକ୍. ୧/୭/୧୨/୫)

**ବ୍ୟାଖ୍ୟା :-** ହେ ମାନବ ! ଯିଏ ପ୍ରତ୍ୟେକ ସ୍ଥାବର, ଜଙ୍ଗମ, ଓ 'ପ୍ରାଣତଃ' ତଥା ଚେତନାଶୀଳ ଜଗତର 'ପତିଃ' ଅଧିଷ୍ଠାତା ଓ ପାଳକ ଅଟନ୍ତି ତଥା ଯିଏ ସକଳ ଜଗତରେ ସର୍ବ ପ୍ରଥମରୁ ରହିଛନ୍ତି ଓ 'ବ୍ରହ୍ମଣେ ଗାଃ ଅବିନ୍ଦନ୍' ଯାହାଙ୍କର ଏହି ନିୟମ ଅଟଳ ଯେ, ବ୍ରହ୍ମ ଅର୍ଥାତ୍ ବିଦ୍ୱାନ୍ ପୁରୁଷମାନଙ୍କ ପାଇଁ ହିଁ ଏଇ ପୃଥିବୀୟ ଲାଭ ଓ ରାଜ୍ୟ ଅଟେ, ଯେଉଁ 'ଇନ୍ଦ୍ର' ପରମୈଶ୍ୱର୍ଯ୍ୟବାନ୍ ପରମାତ୍ମା ଦସ୍ୟୁଜନଙ୍କୁ 'ଅଧିରାନ୍' ନିମ୍ନପଥଗାମୀ କରନ୍ତି ତାଡ଼ନା ଦିଅନ୍ତି ଓ ମାରନ୍ତି, ସେହି 'ମରୁତ୍ୱନ୍ତଂ ସଖ୍ୟାୟ ହବାମହେ' ପରମପିତା ମରୁତ୍ୱାନ୍ ଅର୍ଥାତ୍ ପରମାନନ୍ତ ବଳଯୁକ୍ତ ଇନ୍ଦ୍ର ପରମାତ୍ମା, ସର୍ବସଖା ପରମେଶ୍ୱରଙ୍କର ଆମ୍ଭେମାନେ ସମସ୍ତେ ମିଳିମିଶି ସୌହାର୍ଦ୍ଦ୍ୟପୂର୍ବକ ପ୍ରାର୍ଥନା ଓ ଅଭ୍ୟର୍ଥନା କରିବା । ସେ ନିଶ୍ଚୟ ନିଜର ସୌଖ୍ୟ ଗୁଣକୁ ଆମ୍ଭମାନଙ୍କୁ ପ୍ରଦାନ କରିବେ , ଏଥିରେ ସନ୍ଦେହ କରିବାର କାରଣ କିଛି କରିନାହିଁ ॥୪୪॥

## -: ପ୍ରାର୍ଥନା :-

**ମୃଳା ( ଡ଼ା ) ନୋ ରୁଦ୍ରୋତ ନୋ ମୟସ୍କୃଧି କ୍ଷୟଦ୍ୱୀରାୟ ନମସା ବିଧେମତେ ।**
**ଯଚ୍ଛଂ ଚ ଯୋଶ୍ଚ ମନୁରାୟେଜେ ପିତା ତଦଶ୍ୟାମ ତବ ରୁଦ୍ର ପ୍ରଣୀତିଷୁ ॥୪୫॥**

(ଋ. ୧।୮।୪୨॥

**ବ୍ୟାଖ୍ୟା :-** ହେ ଦୁଷ୍ଟ-କ୍ରନ୍ଦନକାରୀ ରୁଦ୍ରେଶ୍ୱର ! ଆମକୁ 'ମୃଡ' ସୁଖୀକରାଅ ତଥା 'ମୟସ୍କୃଧି' ମୟ ଅର୍ଥାତ୍ ଅତ୍ୟନ୍ତ ସୁଖପ୍ରଦାନ କରନ୍ତୁ । 'କ୍ଷୟଦ୍ୱୀରାୟ ନମସା ବିଧେମତେ' ହେ ଶତ୍ରୁ ବୀର ସଂହାରକ, ଆମର ରକ୍ଷା କରନ୍ତୁ । 'ଯୃଚ୍ଛମ୍' ହେ ରୁଦ୍ର ! ଆପଣ ଆମର ପିତା (ଜନକ) ଓ ପାଳକ ଅଟନ୍ତି, ଆମର ସମସ୍ତ ପ୍ରଜାଗଣଙ୍କୁ ସୁଖୀ କରନ୍ତୁ । 'ୟୋଷ୍ଟ' ପ୍ରଜାମାନଙ୍କ ସମସ୍ତ ରୋଗକୁ ଦୂର କରନ୍ତୁ, ଯେପରି 'ମନୁରାୟେଜେ' ମାନ୍ୟକାରକ ପିତା ନିଜର ପ୍ରଜାମାନଙ୍କ ସଂଗତ ଓ ଅନେକ ପ୍ରକାର ଲାଳନ ପାଳନ କରିଥାନ୍ତି, ସେହିପରି ଆପଣ ମଧ୍ୟ ଆମର ପାଳନ-ପୋଷଣ କରନ୍ତୁ । ହେ ରୁଦ୍ର ଭଗବନ୍ ! 'ତବ ପ୍ରଣୀତେଷୁ' ଆପଣଙ୍କ ଆଜ୍ଞାର ପ୍ରଣୟ ଅର୍ଥାତ୍ ଉତ୍ତମ ନ୍ୟାୟଯୁକ୍ତ ରୀତି-ନୀତିରେ ପ୍ରବୃତ୍ତ ହୋଇ 'ତଦଶ୍ୟାମ' ଶୂରବୀର ସେବିତ ଚକ୍ରବର୍ତ୍ତୀ ସାମ୍ରାଜ୍ୟକୁ ଆପଣଙ୍କ କୃପାକଟାକ୍ଷରେ ଲାଭ କରିପାରିବୁ ॥୪୫॥

-: **ସ୍ତୁତି** :-

**ଦେବା ନ ଯଃ ପୃଥିବୀଂ ବିଶ୍ୱଧାୟା ଉପକ୍ଷେତି ହିତମିତ୍ରୋ ନ ରାଜା ।**
**ପୁରଃ ସଦଃ ଶର୍ମସଦୋ ନ ବୀରୋ ଅନବଦ୍ୟା ପତିଜୁଷ୍ଟେବ ନାରୀ**
**॥୪୬॥** (ଋକ୍.୧/୫/୧୯/୩)

**ବ୍ୟାଖ୍ୟା :-** ହେ ପ୍ରିୟବନ୍ଧୁ ବିଦ୍ୱାନ୍‌ଗଣ ! 'ଦେବୋନ' ଈଶ୍ୱର ସମସ୍ତ ଜଗତର ବାହ୍ୟ ଓ ଅନ୍ତରକୁ ସୂର୍ଯ୍ୟସମ ପ୍ରକାଶ କରୁଅଛନ୍ତି । 'ଯଃ ପୃଥିବୀମ୍' ଯେଉଁ ପରମାତ୍ମା ପୃଥିବ୍ୟାଦି ରଚନା କରି ଧାରଣ କରିଅଛନ୍ତି ଓ 'ବିଶ୍ୱଧାୟା ଉପକ୍ଷେତି' ବିଶ୍ୱଧାରକ ଶକ୍ତିର ନିବାସ ଓ ଧାରଣକର୍ତ୍ତା ତଥା ନିଖିଳ ଜଗତର ପରମମିତ୍ର ଅଟନ୍ତି ଅର୍ଥାତ୍ ଯେପରି 'ହିତୋମିତ୍ର ନ ରାଜା' ପ୍ରିୟ ମିତ୍ରବାନ୍ ରାଜା ନିଜର ପ୍ରଜାମାନଙ୍କୁ ଯଥାଯଥଭାବେ ଉତ୍ତମରୀତିରେ ପାଳନ କରନ୍ତି, ସେହିପରି ଆମର ଏକମାତ୍ର ପାଳନକର୍ତ୍ତା ସେହିଁ ଅଟନ୍ତି, ଅନ୍ୟ କେହି ନୁହନ୍ତି । 'ପୁରଃ ସଦଃ ଶର୍ମସଦୋ



ନ ବୀରଃ' ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ପୁରସଦଃ ଅଟନ୍ତି, (ଈଶ୍ୱରାଭିମୁଖୀ) ଅଟନ୍ତି । ସେମାନେ ହିଁ ଶର୍ମସଦଃ ଅର୍ଥାତ୍ ସୁଖରେ ସର୍ବଦା ସ୍ଥିର ହୋଇରହନ୍ତି । ଯଥା 'ନ ବୀରାଃ' ପୁତ୍ରମାନେ ପିତୃ-ଗୃହରେ ଆନନ୍ଦରେ ବସବାସ କରନ୍ତି, ସେହିପରି ଯେଉଁମାନେ ପରମାତ୍ମାଙ୍କ ଭକ୍ତ ସେମାନେ ସର୍ବଦା ସୁଖୀ ହୋଇ ରହନ୍ତି, ମାତ୍ର ଯେଉଁମାନେ ଅନନ୍ୟଚିତ୍ତ ହୋଇ ନିରାକାର, ସର୍ବବ୍ୟାପକ, ଈଶ୍ୱରଙ୍କର ସତ୍ୟ, ଶ୍ରଦ୍ଧା ସଂକଳ୍ପ ପୂର୍ବକ ଭକ୍ତିକରନ୍ତି, ଯେପରିକି 'ଅନବଦ୍ୟା ପତିଜୁଷ୍ଟେବ ନାରୀ' ଅତ୍ୟନ୍ତୋତ୍ତମଗୁଣଯୁକ୍ତ ପତିଙ୍କ ସେବାରେ ତତ୍ପର ପତିବ୍ରତା ନାରୀ ରାତି-ଦିନ, କାୟମନୋବାକ୍ୟରେ ଅତ୍ୟନ୍ତ ପ୍ରୀତିପୂର୍ବକ ଅନୁକୂଳ ଆଚରଣ କରନ୍ତି, ସେହିପରି ପ୍ରେମବିହ୍ୱଳିତ ହୋଇ ସେହି ପରମାତ୍ମାଙ୍କ ଭକ୍ତି କରିବା ଉଚିତ, କାରଣ ତଦ୍ଦ୍ୱାରା ସର୍ବଦା ସୁଖ-ପୂର୍ବକ ରହିପାରିବା ॥୪୬॥

-: **ପ୍ରାର୍ଥନା** :-

**ସା ମା ସତ୍ୟୋକ୍ତିଃ ପରିପାତୁ ବିଶ୍ୱତୋଦ୍ୟାବା ଚ ଯତ୍ର ତତନନ୍ନହାନି ଚ । ବିଶ୍ୱମନ୍ୟନ୍ନି**
**ବିଶତେ ଯଦେଜତି ବିଶ୍ୱାହାପୋ ବିଶ୍ୱାହୋଦେତି ସୂର୍ଯ୍ୟଃ ॥୪୭॥**

(ଋ.୭/୮/୧୨/୨)

**ବ୍ୟାଖ୍ୟା :-** ହେ ସଭିଙ୍କ ରକ୍ଷାକର୍ତ୍ତା ଈଶ୍ୱର ! 'ସା ମା ସତ୍ୟୋକ୍ତିଃ' ଆପଣଙ୍କ ସତ୍ୟ ଆଜ୍ଞାକୁ, ଆମ୍ଭେମାନେ ପାଳନ କରିଛୁଁ, ତାହା ଆମକୁ 'ବିଶ୍ୱତଃ ପରିପାତୁ' ସଂସାର-ସାଗରରେ ସର୍ବଥା ପରିପାଳନ ଓ ଦୁଷ୍ଟ-କର୍ମରୁ ଦୂରରେ ରଖି ସର୍ବଦା ସତ୍ୟ କର୍ମ ଆଚରଣପାଇଁ ପ୍ରେରଣା ଦାନ କରିବ । କେବେହେଲେ ଅଧର୍ମ ଆଚରଣ ପାଇଁ ମନ ନବଳୁ ଓ 'ଦ୍ୟାବା ଚ' ଦିବ୍ୟ ସୁଖଦ୍ୱାରା ସର୍ବଦା ଯୁକ୍ତ ହୋଇ ଯଥାବତ୍ ଆମର ରକ୍ଷାକରୁ । 'ଯତ୍ର' ଯେଉଁ ଦିବ୍ୟ ସୃଷ୍ଟିରେ 'ଆହାନି' ସୂର୍ଯ୍ୟାଦିଗଣ ଓ ଦିବସାଦିକୁ 'ତତନନ୍' ଆପଣହିଁ ବିସ୍ତାର କରିଅଛନ୍ତି, ସେମାନେ ଆମର ରକ୍ଷା କରନ୍ତୁ । 'ବିଶ୍ୱମନ୍ୟତ୍' ଆପଣଙ୍କଠାରୁ ଭିନ୍ନ ବିଶ୍ୱ ଅର୍ଥାତ୍ ସମଗ୍ରଜଗତ୍ ଯେତେବେଳେ ଆପଣଙ୍କ

ସାମର୍ଥ୍ୟଦ୍ୱାରା (ପ୍ରଳୟରେ) 'ନି ବିଶତେ' ପ୍ରବେଶ କରେ (କାର୍ଯ୍ୟ-କାରଣାତ୍ମକ ହୋଇଥାଏ) ସେତେବେଳେ ମଧ୍ୟ ଆପଣହିଁ ଆମର ରକ୍ଷା କରିଥାନ୍ତି । 'ଯଦେଜତି' ଯେତେବେଳେ ଏଇ ସଂପୂର୍ଣ୍ଣ ଜଗତ୍ ଆପଣଙ୍କ ସାମର୍ଥ୍ୟ ଦ୍ୱାରା ସଂଗୃହୀତ ହୋଇ ଉତ୍ପନ୍ନ ହୁଏ, ସେତେବେଳେ ମଧ୍ୟ ଆପଣ ସମସ୍ତ ଯାତନାରୁ ଆମକୁ ରକ୍ଷା କରନ୍ତୁ । 'ବିଶ୍ୱହାପୋ ବିଶ୍ୱହା' ଯେଉଁମାନେ ବିଶ୍ୱର ହନ୍ତା, ଆପଣ ସେମାନଙ୍କୁ ନଷ୍ଟ କରି ଦିଅନ୍ତୁ । କାରଣ, ଆପଣଙ୍କ ଅସୀମ ସାମର୍ଥ୍ୟ ଦ୍ୱାରା ଜଗତର ଉତ୍ପତ୍ତି, ସ୍ଥିତି ଓ ପ୍ରଳୟ ହୋଇଥାଏ, ଆପଣଙ୍କ ସମ୍ମୁଖରେ ଯେତେବଡ଼ (ଦୁଷ୍ଟଜନ) ହେଲେ ମଧ୍ୟ ସେ କ'ଣ କରି ପାରିବ ? ଆପଣ ଜଗତର ପ୍ରତ୍ୟେକ ଅଂଶରେ ବିଦ୍ୟମାନ । ଦୟାକରି ଆମ ହୃଦୟରେ ସୂର୍ଯ୍ୟଙ୍କ ପରି ଜ୍ୟୋତି ପ୍ରଦାନ କରନ୍ତୁ । ଯଦ୍ଦ୍ୱାରା ଆମର ସମସ୍ତ ଅବିଦ୍ୟାନ୍ଧକାର ଦୂରୀଭୂତ ହେବ ॥୪୭॥

-: ସ୍ତୁତି :-

**ଦେବୋ ଦେବାନାମସି ମିତ୍ରୋ ଅଦ୍ଭୁତୋ ବସୁର୍ବସୂନାମସି ଚାରୁରଧ୍ୱରେ ।**
**ଶର୍ମନ୍ତସ୍ୟାମ ତବ ସପ୍ରଥସ୍ତମେଽଗ୍ନେ ସଖ୍ୟେ ମା ରିଷାମା ବୟଂ ତବ ॥୪୮॥**
(ଋ. ୧।୬।୩୨।୩ )

**ବ୍ୟାଖ୍ୟା :-** ହେ ମାନବ ! ସେ ପରମାତ୍ମାଙ୍କ ସ୍ୱରୂପ କିପରି ? ଯଦ୍ଦ୍ୱାରା ଆମେ ତା'ଙ୍କର ସ୍ତୁତି କରିବୁ ? ହେ ଅଗ୍ନେ ପରମେଶ୍ୱର ! ଆପଣ 'ଦେବୋ ଦେବାନାମସି' ଦେବାଧିଦେବ (ବିଦ୍ୱାନ୍ ମାନଙ୍କ ମଧ୍ୟରେ ପରମ ବିଦ୍ୱାନ୍)ଅଟନ୍ତି, ତଥା ସମସ୍ତଙ୍କୁ ଆନନ୍ଦ-ପ୍ରଦାନ କରିଥାନ୍ତି । 'ଅଦ୍ଭୁତଃ'ଅତ୍ୟନ୍ତ ଆଶ୍ଚର୍ଯ୍ୟରୂପ ମିତ୍ର, ସର୍ବସୁଖକାରକ, ସର୍ବସଖା ଅଟନ୍ତି । 'ବସୁବସୂନାମସି' ପୃଥିବ୍ୟାଦି ବସୁମାନଙ୍କୁ ମଧ୍ୟ ବାସ କରାଇଥାନ୍ତି ତଥା 'ଅଧ୍ୱରେ' ଜ୍ଞାନାଦି ଯଜ୍ଞ ଶ୍ରେଷ୍ଠ କର୍ମରେ 'ଚାରୁଃ' ଅତ୍ୟନ୍ତ ଶୋଭାୟମାନ ଓ ଶୋଭା ପ୍ରଦାନ କରିଥାନ୍ତି । ହେ ପରମାତ୍ମା ! 'ସପ୍ରଥସ୍ତମେ ସଖ୍ୟେ ଶର୍ମନ୍ ତବ' ଆପଣଙ୍କର ସୁବିସ୍ତୃତ, ଆନନ୍ଦ ସ୍ୱରୂପ ସଖାମାନଙ୍କ କର୍ମ'ରେ



ଆମ୍ଭେମାନେ ସ୍ଥିରତା ଲାଭ କରିବୁ । ଯଦ୍ଦ୍ୱାରା ଆମେ ସର୍ବଦା ଆନନ୍ଦ ପୂର୍ବକ ଜୀବନ ଯାପନ କରି ପରସ୍ପର ମଧ୍ୟରେ ପ୍ରୀତିଭାଜନ ହୋଇପାରିବୁ ॥୪୮॥

-: ପ୍ରାର୍ଥନା :-

**ମା ନୋ ବଧୀରିନ୍ଦ୍ର ମା ପରା ଦା ମାନଃ ପ୍ରିୟା ଭୋଜନାନି ପ୍ରମୋଷୀଃ ।**
**ଆଣ୍ଡା ମା ନୋ ମଘବଞ୍ଛକ୍ର ନିର୍ଭେନ୍ ମା ନଃ ପାତ୍ରା ଭେତ୍ସହଜାନୁଷାଣି ॥୪୯॥**
(ଋ. ୧।୧।୭।୧୯।୩)

**ବ୍ୟାଖ୍ୟା :-** ହେ 'ଇନ୍ଦ୍ର' ପରମୈଶ୍ୱର୍ଯ୍ୟଯୁକ୍ତେଶ୍ୱର ! 'ମା ନୋ ବଧୀଃ' ଆମକୁ କେବେହେଲେ ବଧ କରନ୍ତୁ ନାହିଁ ଅର୍ଥାତ୍ କେବେହେଲେ ନିଜଠାରୁ ପୃଥକ୍ କରନ୍ତୁ ନାହିଁ ; 'ମା ପରାଦାଃ' ଆମମାନଙ୍କଠାରୁ କେବେହେଲେ ପୃଥକ୍ ହୁଅନ୍ତୁ ନାହିଁ । 'ମା ନଃ ପ୍ରିୟା ଭୋଜନାନି ପ୍ରମୋଷୀଃ' ଆମର ପ୍ରିୟ ଭୋଗ୍ୟ ସାମଗ୍ରୀକୁ ହରଣ କରନ୍ତୁ ନାହିଁ । 'ଆଣ୍ଡା ମା ନୋ ନିର୍ଭେତ୍' ଆମର ଗର୍ଭକୁ ବିଦାରଣ କରନ୍ତୁ ନାହିଁ । ହେ 'ମଘବନ୍' ସର୍ବଶକ୍ତିମନ୍ 'ଶକ୍ର' ସମର୍ଥଶୀଳ ! ଆମର ସନ୍ତାନଗଣଙ୍କୁ ବିଦାରଣ କରନ୍ତୁ ନାହିଁ । 'ମାନଃ ପାତ୍ରା' ଆମର ସୁବର୍ଣ୍ଣାଦି ଭୋଜନ ପାତ୍ରକୁ ଆମଠାରୁ ପୃଥକ୍ କରନ୍ତୁ ନାହିଁ । 'ସହଜାନୁଷାଣି' ଯେଉଁମାନେ ଆମର ସହଜ ଅନୁଷକ୍ତ ସ୍ୱଭାବଦ୍ୱାରା ଅନୁକୂଳ ମିତ୍ର ଅଟନ୍ତି, ସେମାନଙ୍କୁ କେବେହେଲେ ନଷ୍ଟ କରନ୍ତୁ ନାହିଁ ; ଅର୍ଥାତ୍ ନିଜର କୃପାଦୃଷ୍ଟିରେ ପୂର୍ବୋକ୍ତ ସମସ୍ତ ପଦାର୍ଥକୁ ଯଥାବତ୍ ଉତ୍ତମରୀତିରେ ରକ୍ଷାକରନ୍ତୁ ॥୪୯॥

-: ପ୍ରାର୍ଥନା :-

**ମା ନୋ ମହାନ୍ତମୁତ ମା ନୋ ଅର୍ଭକଂ ମା ନ ଉକ୍ଷନ୍ତମୁତ ମା ନ ଉକ୍ଷିତମ୍ ।**
**ମା ନୋ ବଧୀଃ ପିତରଂ ମୋତ ମାତରଂ ମାନଃ ପ୍ରିୟାସ୍ତନ୍ୱୋରୁଦ୍ରରୀରିଷଃ ॥୫୦॥**
(ଋକ୍. ୧।୮।୬।୨)

**ବ୍ୟାଖ୍ୟା :-** ହେ 'ରୁଦ୍ର' ଦୁଷ୍ଟ ସଂହାରକ ଈଶ୍ୱର ! ଆପଣ ଆମ୍ଭମାନଙ୍କ

ଉପରେ କୃପା-ବାରି ବର୍ଷଣ କରନ୍ତୁ ; 'ମା ନୋ ମହାନ୍ତମ୍' ଆମର ଜ୍ଞାନବୃଦ୍ଧ ଓ ବୟୋବୃଦ୍ଧ ପିତୃଜନଙ୍କୁ ନଷ୍ଟ କରନ୍ତୁ ନାହିଁ । 'ମା ନୋ ଅର୍ଭକମ' ଛୋଟ ଛୋଟ ବାଳକ ଓ 'ଉକ୍ଷନ୍ତମ୍' ବୀର୍ଯ୍ୟ ଅଭିସେଚନ ସମର୍ଥ ନବ ଯୁବକ ଗର୍ଭସ୍ଥ ଭ୍ରୂଣକୁ ବିନଷ୍ଟ କରନ୍ତୁ ନାହିଁ ଆଉ ଆମର ପୂର୍ବ ଜନ ମାତା ପିତା ଓ ପ୍ରିୟଜନଙ୍କ ଶରୀରରେ 'ମାରୀରିଷଃ' କଷ୍ଟ ପ୍ରଦାନ କରନ୍ତୁ ନାହିଁ ॥୫୦।

-: **ସ୍ତୁତି** :-

**ମା ନସ୍ତୋକେ ତନୟେ ମାନ ଆୟୌ ମା ନ ଗୋଷ ମ ନୋ ଅଶ୍ୱେଷୁ ରୀରିଷଃ ।**
**ବୀରାନ୍ମା ନୋ ରୁଦ୍ର ଭାମିତୋ ବଧୀର୍ହବିଷ୍ମନ୍ତଃ ସଦମିତ୍ତ୍ୱା ହବାମହେ ॥୫୧॥**

(ଋ.୧।୮।୬।୩ )

**ବ୍ୟାଖ୍ୟା :-** 'ମା ନଃ ତୋକେ' କନିଷ୍ଠ ମଧ୍ୟମ ଓ ଜ୍ୟେଷ୍ଠପୁତ୍ର 'ଆୟୌ' ବୟସ୍କ 'ଗୋଷୁ' ଗାଈ ଆଦି ପଶୁ 'ଅଶ୍ୱେଷୁ' ଘୋଟକାଦି ଉତ୍ତମ ଯାନ ବାହାନ, ଆମର ବଳଶାଳୀ ସେନା 'ହବିଷ୍ମନ୍ତଃ' ଯଜ୍ଞକର୍ତ୍ତାଗଣ ଏମାନଙ୍କ ଉପରେ କେବେହେଲେ 'ଭାମିତଃ' କ୍ରୁଦ୍ଧ ଓ 'ମା ରୀରିଷଃ' ରୁଷ୍ଟ ହୁଅନ୍ତୁ ନାହିଁ ହେ ଜଗଦୀଶ ! ଆମ୍ଭେମାନେ ଆପଣଙ୍କୁ 'ମଦମିତ୍ୱା ହବାମହେ' ସର୍ବଦୈବ ଆହ୍ୱାନ ଜଣାଉଛୁଁ । ହେ ଭଗବନ୍ ରୁଦ୍ର ପରମାତ୍ମନ୍ ! ଆପଣ ଆମର ସନ୍ତାନ-ସନ୍ତତି ଓ ଧନୈଶ୍ୱର୍ଯ୍ୟର ରକ୍ଷା ସର୍ବଦା ସର୍ବତୋଭାବେ କରନ୍ତୁ, ଏହାହିଁ ଆପଣଙ୍କ ସାନ୍ନିଧ୍ୟରେ ଆମର ତୁଚ୍ଛ ଅଭ୍ୟର୍ଥନା ।୫୨॥

-: **ପ୍ରାର୍ଥନା** :-

**ଉତ୍ ଗାତେବ ଶକୁନୋ ସାମ ଗାୟସି ବ୍ରହ୍ମପୁତ୍ର ଇବ ସବନେଷୁ ଶଂସସି । ବୃଷେବ ବାଜୀ ଶିଶୁମତୀରପୀତ୍ୟା ସର୍ବତୋ ନଃ ଶକୁନେ ଭଦ୍ରମା ବଦ ବିଶ୍ୱତୋ ନଃ ଶକୁନେ ପୁଣ୍ୟମା ବଦ ॥୫୨॥** (ଋ. ୨।୮।୧୨।୮)

**ବ୍ୟାଖ୍ୟା :-** ହେ 'ଶକୁନେ' ସର୍ବଶକ୍ତିମାନ୍ ଈଶ୍ୱର ! ଆପଣ ଋକ୍ ସମ୍ମତ



ସାମବେଦର ଗାୟନ ସର୍ବଦା କରନ୍ତି । ସେହିପରି ଆମ ହୃଦୟମନ୍ଦିରରେ ସର୍ବ ସତ୍ୟବିଦ୍ୟା ପ୍ରକାଶକ ସାମ ସଙ୍ଗୀତ ଗୁଞ୍ଜରଣ କରାନ୍ତୁ । ଯେପରି ଯାଜ୍ଞିକ କାର୍ଯ୍ୟରେ ମହା ପଣ୍ଡିତମାନେ ସାମଗାନ କରନ୍ତି, ସେହିପରି ଆପଣ ମଧ୍ୟ ଆମ୍ଭମାନଙ୍କ ମଧ୍ୟରେ ସାମାଦି ବିଦ୍ୟା ପ୍ରକାଶ (ଗାନ) କରନ୍ତୁ । 'ବ୍ରହ୍ମପୁତ୍ର ଇବ ସବନେଷୁ' ଆପଣ ନିଜର କୃପାଦୃଷ୍ଟି ଅଭିବର୍ଷଣ ପୂର୍ବକ ସବନ (ପଦାର୍ଥ ବିଜ୍ଞାନ)ର 'ଶଂସସି' ପ୍ରଶଂସା କରନ୍ତି କୃପାକରି ଆମକୁ ମଧ୍ୟ ତତ୍ କୃପାଭାଜନ କରନ୍ତୁ । "ବ୍ରହ୍ମପୁତ୍ର ଇବ" ଯେପରି ବେଦବିଦ୍ୟା ଜ୍ଞାତାମାନେ ବିଜ୍ଞାନ ସମ୍ବଳରେ ସମସ୍ତ ପଦାର୍ଥ ବିଜ୍ଞାନର ପ୍ରଶଂସା କରନ୍ତି, ତାରି କିୟଦ୍ କଣିକା ଆମକୁ ମଧ୍ୟ ପ୍ରଦାନ କରନ୍ତୁ । ଆପଣ "ବୃଷେବ ବାଜୀ" ସକଳଶକ୍ତି-ଅଭିସେଚନ କର୍ତ୍ତା, ଅନ୍ନାଦି ପଦାର୍ଥର ପ୍ରଦାତା, ମହା ବଳଶାଳୀ ଓ ବେଗବାନ୍ ହେତୁରୁ ବାଜୀ ଅଟନ୍ତି । ଆପଣ ସ୍ନେହଶୀଳ ଅଟନ୍ତି ଓ ଉତ୍ତମ ଗୁଣ ତଥା ଉତ୍ତମ ପଦାର୍ଥର ବୃଷ୍ଟି କରନ୍ତୁ, ସେହି ଗୁଣବୃଷ୍ଟି ଆମ ଉପରେ ମଧ୍ୟ କରନ୍ତୁ । 'ଶିଶୁମତୀଃ' ଆମ୍ଭେମାନେ ଆପଣଙ୍କ କୃପାକଟାକ୍ଷରେ ସର୍ବୋତ୍ତମ ସନ୍ତାନ-ସନ୍ତତି 'ଅପୀତ୍ୟ' ଲାଭ କରି ଆପଣଙ୍କରହିଁ ପୂଜା ଅଭ୍ୟର୍ଥନା କରିବୁ । 'ଆ ସର୍ବେତୋ ନଃ ଶକୁନେ' ହେ 'ଶକୁନେ' । ଅର୍ଥାତ୍ ସର୍ବସାମର୍ଥ୍ୟବାନ୍ ଈଶ୍ୱର ! ସର୍ବତୋଭାବେ ଆମ୍ଭମାନଙ୍କ ପାଇଁ 'ଭଦ୍ରମ୍' କଲ୍ୟାଣର 'ଆବଦ' ଆଦେଶ କଥନ କର, ଯଦ୍ୱାରା ଅଭଦ୍ରଜନଙ୍କ କଥା କେବେ ମଧ୍ୟ ଶୁଣିବୁ ନାହିଁ । 'ବିଶ୍ୱତୋ ନଃ ଶକୁନେ' ହେ ସର୍ବ ସୁଖଦାତା ଈଶ୍ୱର ! ସକଳ ସଂସାର ପାଇଁ 'ପୁଣ୍ୟମ୍' ଧର୍ମପରାୟଣ କର୍ମ 'ଆବଦ୍ଧ' ଉପଦେଶ ଦିଅ, ଯଦ୍ୱାରା କୌଣସି ମାନବ କେବେହେଲେ ଅଧର୍ମ କର୍ମ ପାଇଁ ପ୍ରବୃତ୍ତ ହେବେନାହିଁ ଓ ସବୁବେଳେ ସତ୍ୟ-ଧର୍ମ ଆଚରଣ ପାଇଁ ସତତ ଯତ୍ନଶୀଳ ହୁଅନ୍ତୁ ॥୫୨॥

-: **ପ୍ରାର୍ଥନା** :-

**ଆବଦସ୍ତ୍ୱଂ ଶକୁନେ ଭଦ୍ରମା ତୂଷ୍ଣୀମାସୀନଃ ସୁମତିଂ ଚିକିଦ୍ଧି ନଃ ।**

**ଯଦ୍ଦୂପ୍ରତନ୍ ବଦସି କର୍କରିର୍ଯ୍ଥା ବୃହଦ୍ୱଦେମ ବିଦଥେ ସୁବୀରାଃ ॥୫୩॥**

(ଋକ୍. ୨।୮।୧୨।୩)

**ବ୍ୟାଖ୍ୟା :-** 'ଅବଦସ୍ତ୍ୱଂ' ହେ ଶକୁନେ ଜଗଦୀଶ୍ୱର ! ଆପଣ 'ଭଦ୍ରମ୍' କଲ୍ୟାଣର ମଧ୍ୟ କଲ୍ୟାଣପ୍ରଦ ଅର୍ଥାତ୍ ବ୍ୟାବହାରିକ ସୁଖ-ବ୍ୟତୀତ ମୋକ୍ଷସୁଖ (କୈବଲ୍ୟ ସୁଖ) ମଧ୍ୟ ସମସ୍ତଙ୍କୁ ନିରନ୍ତର ପ୍ରଦାନ କରନ୍ତୁ । 'ତୂଷ୍ଣୀମାସୀନଃ' ହେ ଅନ୍ତର୍ଯ୍ୟାମିନ୍ ! ଆମର ହୃଦୟ ଗହ୍ୱରରେ ସ୍ଥିରତାକୁ ପ୍ରାପ୍ତ ହୁଅନ୍ତୁ, ମୌନତା ସହ 'ସୁମତିମ୍' ଉତ୍ତମଜ୍ଞାନ ପ୍ରଦାନ କରନ୍ତୁ । "ଚିକିଦ୍ଧିନଃ" ତଥା ଏପରିକା କୃପାବାରି ଢ଼ାଳନ୍ତୁ ଯେପରି ଆମେ ନିଜଭିତରେ ଆପଣଙ୍କୁ ବ୍ୟାପକ ରୂପେ ଅନୁଭବ କରିବା ସହ ପରମ ବିଦ୍ୟାକୁ ଲାଭ କରି ପାରିବୁ 'ଯଦ୍ଦୂପ୍ରତନ୍' ଉତ୍ତମ ବ୍ୟବହାରରେ ଅଭିଗମନ ପୂର୍ବକ 'ଯଥା' ଯେପରି 'କର୍କରିବଦସି' କର୍ତ୍ତବ୍ୟ କର୍ମ, ଧର୍ମ ଓ ଅତ୍ୟନ୍ତ ପୁରୁଷାର୍ଥର ବ୍ରତୀ ହୋଇ ଅକର୍ତ୍ତବ୍ୟ, ଦୁଷ୍କର୍ମ, ଅଧର୍ମରୁ ଦୂରେଇ ରହିବୁ, ତଦନୁରୂପ ଉପଦେଶ ପ୍ରଦାନ କରନ୍ତୁ, ପୁରୁଷାର୍ଥ ଆମର ଏକ ଅନନ୍ୟ ଅଙ୍ଗ ହୋଇ ରହୁ । 'ବୃହଦ୍ୱଦେମ ବିଦଥେ' ଯେପରି ବିଜ୍ଞାନାଦି ଯଜ୍ଞ ଅଥବା ଧର୍ମଯୁକ୍ତ ସମରରେ 'ସୁବୀରାଃ' ଅତ୍ୟନ୍ତ ବଳଶାଳୀ ହେବୁ ଓ ଆପଣ ପରବ୍ରହ୍ମଙ୍କର 'ବଦେମ' ସ୍ତୁତି, ପ୍ରାର୍ଥନା ଓ ଉପାସନା ରୂପ ତ୍ରିବେଣୀରେ ସ୍ନାନାଚରଣ କରି ଆପଣଙ୍କ ଅଖଣ୍ଡ, ସାମ୍ରାଜ୍ୟରେ ସର୍ବଦା ସର୍ବହିତକର ବଚନ-ଶ୍ରବଣ ମନନ-ନିଦିଧ୍ୟାସନଆଚରଣ ପୂର୍ବକ ପରମାନନ୍ଦ ପଦକୁ ଉପଲବ୍ଧି ହେବୁ । ସେହି ଅନୁଗ୍ରହ ବିନ୍ଦୁରୁ ଟୋପାଏ ଆମ ଉପରେ ବର୍ଷଣ କରନ୍ତୁ ॥୫୩॥



## ଦ୍ୱିତୀୟଃ ପ୍ରକାଶଃ

### --: ପ୍ରାର୍ଥନା :--

**ଓ୩ମ୍ ସହ ନାବବତୁ ସହ ନୌ ଭୁନକ୍ତୁ । ସହ ବୀର୍ଯ୍ୟଂ କରବାବହୈ ତେଜସ୍ୱୀ ନାବଧୃତମସ୍ତୁ ମାବିଦ୍ୱିଷାବହୈ ॥ ଓ୩ମ୍ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥୧॥**

(ତୈତ୍ତିରୀୟାରଣ୍ୟକ ବ୍ରହ୍ମାନନ୍ଦବଲ୍ଲୀ ପ୍ରପା ୧୦/ ଅନୁ ୧)

### --: ବ୍ୟାଖ୍ୟା :--

ହେ ସହନଶୀଳେଶ୍ୱର ! ଆମ୍ଭେମାନେ ପରସ୍ପର ରକ୍ଷକ ହେଉଁ । ଆପଣଙ୍କ କୃପାକଟାକ୍ଷରେ ଆମ୍ଭେମାନେ ଆପଣଙ୍କ ସ୍ତୁତି-ପ୍ରାର୍ଥନା-ଉପାସନା କରିବୁଁ ଓ ଆପଣଙ୍କୁହିଁ ପିତା, ମାତା, ବନ୍ଧୁ, ଭ୍ରାତା, ରାଜା, ସ୍ୱାମୀ, ସହାୟକ, ସୁଖଦ, ସୁହୃଦ୍ ପରମଗୁରୁ ଆଦି ରୂପେ ଅଙ୍ଗୀକାର କରୁ । ନିମିଷ ମାତ୍ରକ ପାଇଁ ମଧ୍ୟ ଆପଣଙ୍କୁ ଭୁଲିବୁ ନାହିଁ । ଆପଣଙ୍କ ଆଶିଷଭୀକ୍ଷାରେ ଆମ୍ଭେମାନେ ପାରସ୍ପରିକ ସୁଖ ସୌଭାଗ୍ୟ, ପ୍ରୀତିମାନ୍, ରକ୍ଷକ, ସହାୟକ ଓ ପରମ ପୁରୁଷାର୍ଥୀ ହେବୁ । ଜଣେ ଅନ୍ୟମାନଙ୍କର ଦୁଃଖ-ସୁଖରେ ସମଭାଗୀ ହେଉ । ସୁଖ-ଦୁଃଖରେ ସୁଖୀ-ଦୁଃଖୀ ହେବୁ । ସଂପୂର୍ଣ୍ଣ ରାଷ୍ଟ୍ରକୁ ପ୍ରୀତି ଡୋରରେ ବାନ୍ଧି, ପାଖଣ୍ଡରହିତ ରାଷ୍ଟ୍ର ଗଠନ କରିବୁ । 'ସହ ନୌ ଭୁନକ୍ତୁ' ଆମ୍ଭେମାନେ ପରସ୍ପର ମଧ୍ୟରେ ପରମାନନ୍ଦ ଉପଭୋଗ କରିବୁ ।

ହେ ଜଗଦୀଶ ! ଆପଣ ନିଜର ଅନନ୍ତ ଆନନ୍ଦରସରୁ ଆମକୁ ତାର ବିନ୍ଦୁଟିଏ ପ୍ରଦାନ କରନ୍ତୁ । ସେହି ଆନନ୍ଦର ଅଭିଳାଷୀ ଆମକୁ ମଧ୍ୟ କରନ୍ତୁ ।

"ସହ ବୀର୍ଯ୍ୟଂ କରବାବହୈ" ଆପଣଙ୍କ ସାହାଯ୍ୟରେ ହିଁ ପରମବୀର୍ଯ୍ୟ ଅର୍ଥାତ୍ ସତ୍ୟବିଦ୍ୟାଦିକୁ ଆମେ ନିଜର ପରମ ପୁରୁଷାର୍ଥ ଦ୍ୱାରା ପାଇ ପାରିବୁ ।

"ତେଜସ୍ୱିନାବଧୀତମସ୍ତୁ" ହେ ଅନନ୍ତ ବିଦ୍ୟ ଭଗବନ୍ ! ଆପଣଙ୍କ କୃପାଦୃଷ୍ଟିରେ ଆମର ଅଧ୍ୟୟନ ଅଧ୍ୟାପନା ପରମ ବିଦ୍ୟାଯୁକ୍ତ ହୋଇ ସଂସାରରେ ଜ୍ୟୋତିର୍ମୟ ହେଉ,

ଅନ୍ୟାନ୍ୟ ପ୍ରୀତିଦ୍ୱାରା ପରମ ବୀର୍ଯ୍ୟବାନ୍ ହୋଇ କଣ୍ଟକ-ରହିତ ଚକ୍ରବର୍ତ୍ତୀ ରାଜ୍ୟ ଉପଭୋଗ କରିବୁ । ହେ ଦୟାସିନ୍ଧୋ ! ଏପରି ଦୟାଦୃଷ୍ଟି କରନ୍ତୁ ଯେପରି ଆମେ ନାନାବିଧ ପାଖଣ୍ଡ-ଦୁରାଗ୍ରହ, ଦୁର୍ବ୍ୟସନ, ଅସତ୍ୟ ବେଦବିରୁଦ୍ଧ ପାପାଚରଣ ମାର୍ଗକୁ ପରିତ୍ୟାଗ କରି ଏକ ଅଖଣ୍ଡ ଶାଶ୍ୱତ ସତ୍ୟସନାତନ ଧର୍ମାଚରଣପୂର୍ବକ ବିଦ୍ୱେଷରୂପକ ରାକ୍ଷସକୁ ଭସ୍ମୀଭୂତ କରିବାରେ ସମର୍ଥଶାଳୀ ହେବୁ ।

"ମା ବିଦ୍ୱିଷାବହୈ" ହେ ଜଗଦୀଶ୍ୱର ! ଆପଣଙ୍କ ଅସୀମ ସାମର୍ଥ୍ୟରେ ଆମ୍ଭେମାନେ ପରସ୍ପର ପ୍ରୀତିସମ୍ପନ୍ନ ହୋଇ ବିଦ୍ୱେଷର ମୂଳୋତ୍ପାଟନ କରିବୁ ଓ ମନସା-ବାଗ୍-କର୍ମଣା ସର୍ବସୁଖକର ବିଦ୍ୟା ପ୍ରଗ୍ରହ ପ୍ରସାର କରି ଉଲ୍ଲାସପୂର୍ବକ ଜୀବନ ନିର୍ବାହ କରିବୁ ।

"ଓ୩ମ୍ ଶାନ୍ତିଃ ଶାନ୍ତିଃ ଶାନ୍ତିଃ" ହେ ଭଗବନ୍ ! ଏହି ସଂସାରରେ ଯେଉଁ ତ୍ରିବିଧ ସନ୍ତାପ ରହିଛି, ଯାହାକି, ଆଧ୍ୟାତ୍ମିକ, (ଶାରୀରିକ, ଯାହା ଜ୍ୱରାଦି ବେଦନାର- ସମ୍ଭୂତ) ଦ୍ୱିତୀୟ ଆଧିଭୌତିକ, (ଶତ୍ରୁ, ସର୍ପ, ବ୍ୟାଘ୍ର, ହିଂସ୍ରକ ପଶୁ-ଜନିତ) ତୃତୀୟ ଆଧିଦୈବିକ (ମନ, ଇନ୍ଦ୍ରିୟ, ଅଗ୍ନି, ବାୟୁ, ଅତିବୃଷ୍ଟି, ଅନାବୃଷ୍ଟି, ଅତିଶୀତ, ଅତ୍ୟୁଷ୍ଣ ଦ୍ୱାରା ଜନିତ) ନାମେ ଅଭିହିତ- ଏହି ତାପତ୍ରୟରୁ ଶୀଘ୍ର ନିବୃତ୍ତ କରନ୍ତୁ, ଯଦ୍ୱାରା ଆମ୍ଭେମାନେ ଆନନ୍ଦ-ସାଗରରେ ସ୍ନାନ କରି ଆପଣଙ୍କ ଅଖଣ୍ଡ ଉପାସନା ସର୍ବଦା କରିବୁ ।

ହେ ବିଶ୍ୱଗୁରୋ ! ମୋତେ ଅସତ୍ (ମିଥ୍ୟା) ଓ ଅନିତ୍ୟ ପଦାର୍ଥ ତଥା ଅସତ୍ କର୍ମରୁ ଦୂରେଇ ନେଇ ସର୍ବଦା ସତ୍ୟ ନିତ୍ୟ ପଦାର୍ଥ ଓ ଶ୍ରେଷ୍ଠ ବ୍ୟବହାରରେ ସ୍ଥିର ରଖନ୍ତୁ । ହେ ଜଗତ୍ କଲ୍ୟାଣ କର୍ତ୍ତା ! (ସର୍ବଦୁଃଖେଭ୍ୟୋ ମୋଚୟିତ୍ୱା ସର୍ବସୁଖାନି ପ୍ରାପୟ) ସମସ୍ତ ଦୁଃଖ ସାଗରରୁ ପାରି କରି, ସୁଖ ପ୍ରଦାନ କରନ୍ତୁ । (ହେ ପ୍ରଜାପତେ ସୁପ୍ରଜୟା ପଶୁଭିର୍ବ୍ରହ୍ମବର୍ଚସେନ ପରମୈଶ୍ୱର୍ଯ୍ୟେଣ ସଂଯୋଜୟ) ହେ ପ୍ରଜାପତେ ! ମୋତେ ପରମ ସୁଖ କାରକ, ସୁପ୍ରଜା, ସୁସନ୍ତାନ-ସନ୍ତତି, ହସ୍ତି-ଅଶ୍ୱ-ଗାଈ ଆଦି ଉତ୍ତମ ପଶୁ, ସର୍ବୋତ୍ତମ ବିଦ୍ୟା ଓ ଚକ୍ରବର୍ତ୍ତୀ ରାଜ୍ୟାଦି ପରମଐଶ୍ୱର୍ଯ୍ୟ ଶୀଘ୍ର ପ୍ରଦାନ କରନ୍ତୁ । ହେ ପରମ ବୈଦ୍ୟ (ସର୍ବରୋଗାତ୍ ପୃଥକ୍କୃତ୍ୱା ନୈରୋଗ୍ୟଂ ଦେହି) ସର୍ବବିଧ ରୋଗରୁ- ଉନ୍ମୁକ୍ତ କରି



ପରମ ନୀରୋଗତା ପ୍ରଦାନ କରନ୍ତୁ । ହେ ମହାରାଜାଧିରାଜ ! (ମନସା ବାଗ୍ କର୍ମଣା ଅଜ୍ଞାନେନ ପ୍ରମାଦେନ ବା ଯଦ୍ୟତ୍ପାପଂ କୃତଂ ମୟା ତତ୍ତତ୍ସର୍ବଂ କୃପୟା କ୍ଷମସ୍ୱ ଜ୍ଞାନପୂର୍ବକ ପାପକରଣାନ୍ନିବର୍ତ୍ତୟତୁ ମାମ୍,) ମନସା, ବାଗ୍, କର୍ମଣା ଓ ଅଜ୍ଞାନ ବା ପ୍ରମାଦ ବଶତଃ ଯାହା କିଛି ପାପାଚରଣ ମୋ ଦ୍ୱାରା ହୋଇଛି ଅଥବା ହେବାର ରହିଛି, ସେ ମସସ୍ତ ପାପକର୍ମକୁ ସଦୟ କ୍ଷମା କରନ୍ତୁ ଓ ଜ୍ଞାନପୂର୍ବକ ପାପାଚରଣରୁ ଦୂରେଇ ରଖନ୍ତୁ, ଯଦ୍ୱାରା ଶୁଦ୍ଧ ପୂତ ହୋଇ ମୁଁ ଆପଣଙ୍କ ସେବାରେ ହିଁ ତତ୍ପର ହୋଇରହିବି ।(ହେ ନ୍ୟାୟାଧୀଶ ! କୁକାମକୁଲୋଭକୁମୋହଭୟଶୋକାଳସ୍ୟେର୍ଷ୍ୟାଦ୍ୱେଷ ପ୍ରମାଦବିଷୟତୃଷ୍ଣାନୈଷ୍ଠର୍ଯ୍ୟାଭିମାନ ଦୁଷ୍ଟଭାବାବିଦ୍ୟାଭ୍ୟୋ ନିବାରୟ, ଏତେଭ୍ୟୋ ବିରୁଦ୍ଧେଷୁତ୍ତମେଷୁ ଗୁଣେଷୁ ସଂସ୍ଥାପୟ ମାମ୍) ହେ ଈଶ୍ୱର ! କୁକାମ, କୁଲୋଭ ପୂର୍ବୋକ୍ତ ଦୁଷ୍କର୍ମରୁ ପୃଥକ୍ କରି ସର୍ବଥା ସର୍ବୋତ୍ତମ ଗୁଣରେ ମୋତେ ସ୍ଥିରତା ପ୍ରଦାନ କରନ୍ତୁ । ମୁଁ ଅତ୍ୟନ୍ତ ଆତୁର ଦୀନ-ହୀନ ହୋଇ ମିନତି କରେ ଯେ, ଆପଣ ସବୁବେଳେ ମୋତେ ନିଜର ଆଜ୍ଞାପାଳନ ରୂପ ପ୍ରସାଦ ପ୍ରଦାନ କରି ପରିତୃପ୍ତ କରନ୍ତୁ । (ହେ ପ୍ରାଣପତେ ! ପ୍ରାଣପ୍ରିୟ, ପ୍ରାଣପିତଃ, ପ୍ରାଣାଧାର, ପ୍ରାଣଜୀବନ, ସ୍ୱରାଜ୍ୟପ୍ରଦ ! ) ଆପଣ ମୋର ପ୍ରାଣପତି, ପ୍ରାଣପ୍ରିୟ, ପ୍ରାଣପିତା, ପ୍ରାଣାଧାର, ପ୍ରାଣଜୀବନ ଓ ସ୍ୱରାଜ୍ୟପ୍ରଦ ଅଟନ୍ତି, ଆପଣହିଁ ଏକମାତ୍ର ମୋର ସହାୟକ ; ଅନ୍ୟ କେହି ନୁହଁନ୍ତି । ହେ ମହାରାଜାଧିରାଜ ! ଆପଣଙ୍କ ଯେପରି ନ୍ୟାୟସଂଗତ, ଅଖଣ୍ଡ ସାମ୍ରାଜ୍ୟ ରହିଛି, ସେହିପରି ନ୍ୟାୟରାଜ୍ୟ ଆମକୁ ମଧ୍ୟ ପ୍ରଦାନ କରନ୍ତୁ ଓ ନିଜର ଅଖଣ୍ଡ ସାମ୍ରାଜ୍ୟର ଏକ ନଗଣ୍ୟ ଅଧିକାରୀ ଭୃତ୍ୟ ଆମକୁ କରନ୍ତୁ । ହେ କରୁଣାମୟ ପିତଃ ! ଯେପରି ମାତା ପିତା ନିଜର ସନ୍ତାନ-ସନ୍ତତିଙ୍କ ଲାଳନ-ପାଳନ କରିଥାନ୍ତି, ସେହିପରି ଆମର ପାଳନ ପୋଷଣ କରନ୍ତୁ । ପିତ ! ଏହି ଅଭୟଦାନ କୌଣସି ପ୍ରକାରେ ମୋତେ ଦିଅନ୍ତୁ ॥୧॥

--: **ସ୍ତୁତି** :--

**ସ ପର୍ଯ୍ୟଗାଚ୍ଛୁକ୍ରମକାୟମବ୍ରଣମସ୍ନାବିରଂ ଶୁଦ୍ଧମପାପବିଦ୍ଧମ୍ ।**
**କବିର୍ମନୀଷୀ ପରିଭୂଃ ସ୍ୱୟଂଭୂର୍ୟ୍ୟାଥାତଥ୍ୟତୋଽର୍ଥାନ୍ବ୍ୟଦଧାଚ୍ଛାଶ୍ୱତୀଭ୍ୟ ସମାଭ୍ୟଃ ॥୨॥**

(ଯଜୁ. /ଅ.୪୦/ମନ୍ତ୍ର-୮)

**ବ୍ୟାଖ୍ୟା :- "ସ ପର୍ଯ୍ୟଗାତ୍"** ପରମପିତା ପରମାତ୍ମା ଅନ୍ତରୀକ୍ଷ ସଦୃଶ ସର୍ବତ୍ର ପରିପୂର୍ଣ୍ଣ (ବ୍ୟାପକ) ଅଟନ୍ତି । "ଶୁକ୍ରମ୍" ସେହିଁ ସମସ୍ତ ଜଗତର ରଚୟିତା ଅଟନ୍ତି । "ଅକାୟମ୍" ସେ କେବେହେଲେ ଶରୀର (ଅବତାର) ଧାରଣ କରନ୍ତି ନାହିଁ । ସେ ଅଖଣ୍ଡ, ଅନନ୍ତ ଓ ନିର୍ବିକାର ହେତୁ ଦେହ ଧାରଣ କରନ୍ତି ନାହିଁ । ସେ ହେଉଛନ୍ତି ସର୍ବ ବୃହତ୍, ଅତଏବ ଈଶ୍ୱରଙ୍କ ଶରୀରଧାରଣ କଳ୍ପନା କେବଳ ମାତ୍ର କପୋଳକଳ୍ପିତ । "ଅବ୍ରଣମ୍" ସେ ଅଖଣ୍ଡୈକରସ, ଅଚ୍ଛେଦ୍ୟ, ଅଭେଦ୍ୟ, ନିଷ୍କମ୍ପ ଓ ଅଚଳ ଅଟନ୍ତି । ଏଣୁ ଅଙ୍ଗାଙ୍ଗି ଭାବ ମଧ୍ୟ ତାଙ୍କଠାରେ ନାହିଁ ; କାରଣ ତହିରେ ଛିଦ୍ର କଥମପି ସଂଭବପର ନୁହେଁ । "ଅସ୍ନାବିରମ୍" ନାଡ଼ି (ଶିରା-ପ୍ରଶିରା) ଆଦିର ପ୍ରତିବନ୍ଧ (ଅବରୋଧ) ମଧ୍ୟ ତାଙ୍କଠାରେ ନାହିଁ । ଅତି ସୂକ୍ଷ୍ମ ହେତୁ ଈଶ୍ୱରଙ୍କ କୌଣସି ଆବରଣ ନାହିଁ । "ଶୁଦ୍ଧଂ" ପରମାତ୍ମା ସର୍ବଦା ନିର୍ମଳ, ଅବିଦ୍ୟାଦି ଜନ୍ମ-ମରଣ, ହର୍ଷ, ଶୋକ, କ୍ଷୁଧା, ତୃଷ୍ଣା ଆଦି ଦୋଷ-ଉପାଧିଠାରୁ ସର୍ବ ପୃଥକ୍ ଅଟନ୍ତି । ଶୁଦ୍ଧର ଉପାସନା ଦ୍ୱାରା ଶୁଦ୍ଧତା ଓ ମଳିନର ଉପାସନା ଦ୍ୱାରା ମଳିନତା ଆସିଥାଏ ।"ଅପାପବିଦ୍ଧମ୍" ପରମାତ୍ମା କେବେହେଲେ ଅନ୍ୟାୟ କରନ୍ତି ନାହିଁ ; କାରଣ, ସେ ହେଉଛନ୍ତି ନ୍ୟାୟକାରୀ ।

"କବି" ତ୍ରୈକାଳଜ୍ଞ (ସର୍ବବିତ୍) ମହାବିଦ୍ୱାନ୍ ଯାହାର ଅନ୍ତ କେହି କଦାପି ପାଇ ପାରନ୍ତି ନାହିଁ । "ମନୀଷୀ" ନିଖିଳ ଜୀବର ମନ (ବିଜ୍ଞାନ)ର ସାକ୍ଷୀ ଓ ସର୍ବମନର ଦମନ କର୍ତ୍ତା ଅଟନ୍ତି । "ପରିଭୂଃ" ସମସ୍ତ ଦିଗ ଓ ସର୍ବତ୍ର ପରିପୂର୍ଣ୍ଣ ତଥା ସର୍ବୋପରି ବିରାଜମାନ ଅଟନ୍ତି । "ସ୍ୱୟଂଭୂଃ" ଯାହାଙ୍କ ଆଦିକାରଣ ମାତା, ପିତା, ଉତ୍ପାଦକ କେହି ନୁହଁନ୍ତି, ସୁତରାଂ ସେ ହେଉଛନ୍ତି ସମସ୍ତଙ୍କ ଆଦିକାରଣାଦି । "ୟାଥାତଥ୍ୟତୋଃର୍ଥାନ୍ ବ୍ୟଦଧାଚ୍ଛାଶ୍ୱତୀଭ୍ୟଃ ସମାଭ୍ୟଃ" ସେ ଜଗଦୀଶ୍ୱର ନିଜର ପ୍ରଜାଗଣଙ୍କୁ ଯଥାବତ୍ ଉତ୍ତମରୀତିରେ ସତ୍ୟବିଦ୍ୟାସଂପୃକ୍ତ ବେଦଚତୁଷ୍ଟୟ ମାନବର ହିତସାଧନ ପାଇଁ ଉପଦେଶ ପ୍ରଦାନ କରିଅଛନ୍ତି । ସେହି ଦୟାମୟ ପରମପିତା ପରମାତ୍ମା ସ୍ୱୀୟ ଅସୀମ କୃପାକଟାକ୍ଷଦ୍ୱାରା ଅବିଦ୍ୟାନ୍ଧକାର ବିନାଶକ ବେଦବିଦ୍ୟାରୂପ ପ୍ରଭାକର ପ୍ରକାଶିତ କରି



ଅଛନ୍ତି । ପରମାତ୍ମା ହେଉଛନ୍ତି ସମସ୍ତଙ୍କର ଆଦିକାରଣ- ଏ କଥାକୁ ସମସ୍ତେ ସ୍ୱୀକାର କରିବା ଉଚିତ । ଈଶ୍ୱର ନିଜର ମହତୀ ଅନୁକମ୍ପାରେ ସତ୍ୟ ବିଦ୍ୟାର ଉପଦେଶ କରିଅଛନ୍ତି ; କାରଣ ଆମ ମାନବ ସମାଜର ଉନ୍ନତି (ହିତ) ପାଇଁ ସେ ସମସ୍ତ ପଦାର୍ଥ ଦାନ କରିଅଛନ୍ତି, ତେଣୁ ବିଦ୍ୟାଦାନ ବା ସେ କାହିଁକି କରିବେ ନାହିଁ ? ସର୍ବୋତ୍କୃଷ୍ଟ ପଦାର୍ଥ ବିଜ୍ଞାନର ଦାନ ପରମାତ୍ମାହିଁ କରି ଅଛନ୍ତି ; ବେଦ ହେଉଛି ଈଶ୍ୱରୋକ୍ତ, ଅନ୍ୟ କୌଣସି ପୁସ୍ତକ ନୁହେଁ । ପରମାତ୍ମା ଯେପରି ପୂର୍ଣ୍ଣ ଜ୍ଞାନବାନ୍ ଓ ନ୍ୟାୟକାରୀ ବେଦମଧ୍ୟ ସେପରି ସଂପୂର୍ଣ୍ଣ ଜ୍ଞାନାଗାର ଓ ନ୍ୟାୟଯୁକ୍ତ । ବେଦ ବ୍ୟତୀତ ଅନ୍ୟ କୌଣସି ପୁସ୍ତକ ଈଶ୍ୱରୋକ୍ତ ନୁହେଁ ଓ ତତ୍ସମ ବା ତତୋଧିକ ନୁହେଁ । ଏ ସମ୍ବନ୍ଧରେ ବିଶେଷ ଜ୍ଞାନାର୍ଥେ ମହର୍ଷି ଦୟାନନ୍ଦଙ୍କ ବିରଚିତ "ସତ୍ୟାର୍ଥପ୍ରକାଶ" ଦ୍ରଷ୍ଟବ୍ୟ ॥୨॥

## --: ପ୍ରାର୍ଥନା :--

**ଦୃତେ ଦୃଂହ ମା ଚକ୍ଷୁଷା ସର୍ବାଣି ଭୂତାନି ସମୀକ୍ଷନ୍ତାମ୍ । ମିତ୍ରସ୍ୟାହଂ ଚକ୍ଷୁଷା ସର୍ବାଣି ଭୂତାନି ସମୀକ୍ଷେ । ମିତ୍ରସ୍ୟ ଚକ୍ଷୁଷା ସମୀକ୍ଷାମହେ ॥୩॥**

(ଯଜୁଃ. ୩୬/୧୮)

**ବ୍ୟାଖ୍ୟା :-** ହେ ଅନନ୍ତବଳ ମହାବୀର ଈଶ୍ୱର ! "ଦୃତେ" ହେ ଦୁଷ୍ଟସ୍ୱଭାବନାଶକ ! ବିଦୀର୍ଣ୍ଣ କର୍ମ ଅର୍ଥାତ୍ ବିଜ୍ଞାନାଦି ଶୁଭକର୍ମ ନାଶ ପ୍ରବୃତ୍ତିରେ ମୋତେ ସ୍ଥିର ରଖନ୍ତୁ ନାହିଁ, ମାତ୍ର ମୋର ଆତ୍ମାକୁ ସେହିଭଳି କର୍ମରୁ ଉପରକୁ ଉଠେଇ ସତ୍ୟବିଦ୍ୟା, ସତ୍ୟଧର୍ମ ଆଦି ଶୁଭଗୁଣ କର୍ମରେ ସଦୟ ସ୍ଥିରତା ପ୍ରଦାନ କରନ୍ତୁ । "ଦୃଂହ ମା" ହେ ପରମୈଶ୍ୱର୍ଯ୍ୟବାନ୍ ଭଗବନ୍ ! ଧର୍ମାର୍ଥକାମମୋକ୍ଷାଦି ଓ ବିଦ୍ୟାବିଜ୍ଞାନାଦି ଦାନଦ୍ୱାରା ମୋତେ ଉନ୍ନତି ପଥରେ ନିଅନ୍ତୁ । "ମିତ୍ରସ୍ୟ ଚକ୍ଷୁଷା ସର୍ବାଣି ଭୂତାନି ସମୀକ୍ଷନ୍ତାମ୍" ହେ ସର୍ବସୁହୃଦୀଶ୍ୱର ସର୍ବାନ୍ତର୍ଯ୍ୟାମିନ୍ ! ସମସ୍ତ ଭୂତ ପ୍ରାଣୀମାତ୍ର ମୋତେ ମିତ୍ର ଦୃଷ୍ଟିରେ ଦେଖନ୍ତୁ, ସମସ୍ତେ ମୋର ପରମସଖା ହୁଅନ୍ତୁ, କେହି ହେଲେ ମୋଠାରେ ବୈରଭାବ ରଖନ୍ତୁ ନାହିଁ । "ମିତ୍ରସ୍ୟାହଂ ଚକ୍ଷୁଷା ସର୍ବାଣି ଭୂତାନି ସମୀକ୍ଷେ" ହେ ପରମାତ୍ମନ୍ ! ଆପଣଙ୍କ କୃପାଦୃଷ୍ଟିରେ ମୁଁ ନିର୍ବୈର ହୋଇ ସମସ୍ତ ପ୍ରାଣୀ ଓ ଚର ଓ ଅଚର ଜଗତକୁ

ମିତ୍ର ଦୃଷ୍ଟିରେ ସ୍ୱାତ୍ମ-ସ୍ୱପ୍ରାଣବତ୍ ପ୍ରିୟ ଜାଣେଁ, ଅର୍ଥାତ୍ "ମିତ୍ରସ୍ୟ ଚକ୍ଷୁଷା ସମୀକ୍ଷାମହେ" ପକ୍ଷପାତ ପରିତ୍ୟାଗ କରି ଆମେ ସମସ୍ତେ ଦେହଧାରୀ ପ୍ରାଣୀ ପରସ୍ପର ମଧ୍ୟରେ ପ୍ରେମଭାଜନ ହେଉ । ଅନ୍ୟାୟାଚରଣ କଦାପି କାହାଠାରେ ନ କରୁ । ଏହା ହେଉଛି ପରମାତ୍ମାଙ୍କ ଦ୍ୱାରା ଉପଦିଷ୍ଟ ପରମଧର୍ମ, ଯାହାକି ସର୍ବମାନ୍ୟ ଅଟେ ॥୩॥

—୦୦୦—

-: **ସ୍ତୁତି** :-

**ତଦେବାଗ୍ନିସ୍ତଦାଦିତ୍ୟସ୍ତଦ୍ୱାୟୁସ୍ତଦୁ ଚନ୍ଦ୍ରମା ।**

**ତଦେବ ଶୁକ୍ରଂ ତଦ୍‌ବ୍ରହ୍ମ ତାଃଆପଃ ସ ପ୍ରଜାପତିଃ ॥୪॥** ଯଜୁ. ୩୨ ।୧।

**ବ୍ୟାଖ୍ୟା :-** ଯେଉଁ ପରମାତ୍ମା ସମସ୍ତ ଜଗତ୍‌ର ଆଦିକାରଣ ଓ ଅଦ୍ୱିତୀୟ ଅଟନ୍ତି ତାଙ୍କ ନାମ ହେଉଛି ଅଗ୍ନି । (ବ୍ରହ୍ମହ୍ୟଗ୍ନିଃ ଶତପଥେ) ସର୍ବୋତ୍ତମ, ଜ୍ଞାନସ୍ୱରୂପ, ସର୍ବଜ୍ଞେୟ, ପ୍ରାପଣୀୟସ୍ୱରୂପ ଓ ପୂଜ୍ୟତମ ଆଦି ଅଗ୍ନି ଶବ୍ଦର ଶାବ୍ଦିକ ଅର୍ଥ । "ଆଦିତ୍ୟୋ ବୈ ବ୍ରହ୍ମ" ବାୟୁର୍ବେ ବ୍ରହ୍ମ, ଚନ୍ଦ୍ରମା ବୈ ବ୍ରହ୍ମ, ଶୁକ୍ରଂ ହି ବ୍ରହ୍ମ, ସର୍ବଜଗତ୍କର୍ତ୍ତ ବ୍ରହ୍ମ, ବ୍ରହ୍ମ ବୈ ବୃହତ୍, ଆପୋ ବୈ ବ୍ରହ୍ମ ଇତ୍ୟାଦି" ଶତପଥ ଓ ଐତରେୟ ବ୍ରାହ୍ମଣର ପ୍ରମାଣ ଅତ୍ର ବିଦ୍ୟମାନ । "ତଦାଦିତ୍ୟଃ" ଅବିନାଶୀ, ସ୍ୱପ୍ରକାଶସ୍ୱରୂପ ହେତୁ ପରମାତ୍ମାଙ୍କ ନାମ ଆଦିତ୍ୟ । "ତଦ୍ୱାୟୁଃ" ସର୍ବଜଗତ୍ ଧାରଣ କର୍ତ୍ତା, ଅନନ୍ତ ବଳଶାଳୀ, ପ୍ରାଣଠାରୁ ମଧ୍ୟ ପ୍ରିୟସ୍ୱରୂପ ହେତୁ ଈଶ୍ୱରଙ୍କ ନାମ ବାୟୁ । "ତଦୁ ଚନ୍ଦ୍ରମା" ପୂର୍ବୋକ୍ତ ପ୍ରମାଣ ଦ୍ୱାରା ସିଦ୍ଧ ହେଉଛି ଯେ, ଆନନ୍ଦ, ସ୍ୱରୂପ ଓ ନିଜର ଭକ୍ତଜନଙ୍କୁ ପରମାନନ୍ଦ ପ୍ରଦାନ କରୁଥିବାରୁ ପରମାତ୍ମାଙ୍କ ନାମ ଚନ୍ଦ୍ରମା । "ତଦେବ ଶୁକ୍ରମ୍" ସେ ହେଉଛନ୍ତି ଚେତନସ୍ୱରୂପ ଓ ସମସ୍ତ ଜଗତ୍‌ର ଉତ୍ପତ୍ତିକର୍ତ୍ତା । "ତଦ୍ ବ୍ରହ୍ମ" ସେ ଅନନ୍ତ ଚେତନସ୍ୱରୂପ, ସର୍ବୋତ୍ତମ ଧର୍ମାତ୍ମାଜନ ସୁଖଦାତା ଓ ସତ୍‌ଗୁଣ ବର୍ଷଣକାରୀ ଅଟନ୍ତି । "ତା ଆପଃ" ସର୍ବବ୍ୟାପକ ହେତୁ ପରମାତ୍ମାଙ୍କ ନାମ ଆପଃ ଅଟେ । "ସ ପ୍ରଜାପତିଃ" ସମସ୍ତ ସଂସାରର ସ୍ୱାମୀ, ସର୍ବପାଳକ ଓ ସର୍ବ ରକ୍ଷକ ସେହିଁ ଅଟନ୍ତି, ତାଙ୍କ ବ୍ୟତୀତ ଅନ୍ୟ କେହି ନୁହନ୍ତି । ସେହି ପରମାତ୍ମାଙ୍କୁ ହିଁ ଇଷ୍ଟଦେବ ଜାଣି ଉପାସନା କରିବା ଏକାନ୍ତ ଆବଶ୍ୟକ ॥୪॥



-: **ପ୍ରାର୍ଥନା** :-

**ଋଚଂ ବାଚଂ ପ୍ରପଦ୍ୟେ ମନୋ ଯଜୁଃ ପ୍ରପଦ୍ୟେ ସାମ ପ୍ରାଣଂ ପ୍ରପଦ୍ୟେ**

**ଚକ୍ଷୁଃ ଶ୍ରୋତ୍ରଂ ପ୍ରପଦ୍ୟେ । ବାଗୋଜଃ ସହୌଜୋ ମୟି ପ୍ରାଣାପାନୌ ॥୫॥**

(ଯଜୁଃ. ୩୬।୧)

**ବ୍ୟାଖ୍ୟା :-** ହେ କରୁଣାକର ପରମାତ୍ମନ୍ ! ଆପଣଙ୍କ ଅଶେଷ କୃପାବଳରେ ମୁଁ ଋଗ୍ୱେଦାଦି ବିଜ୍ଞାନଯୁକ୍ତ (ଶ୍ରବଣ) ହୋଇ ତା'ର ବକ୍ତା ହେବି,ତଥା ଯଜୁର୍ବେଦାଭିପ୍ରାୟାର୍ଥ ସହିତ ସତ୍ୟାର୍ଥ ମନନଯୁକ୍ତ ମନକୁ ଉପଲବ୍ଧ କରିବି । ସେହିପରି ସାମବେଦାର୍ଥ ନିଶ୍ଚୟ-ନିଦିଧ୍ୟାସନ ସହିତ ପ୍ରାଣକୁ ପ୍ରାପ୍ତ ହେବି । "ବାଗୋଜଃ" ହେ ଅନନ୍ତର୍ଯ୍ୟାମିନ୍ ! ସ୍ୱକୃପାଦୃଷ୍ଟିରୁ ମୋତେ ବାକ୍‌ଶକ୍ତି, ବକ୍ତୃତ୍ୱକଳା ଓ ମନୋବିଜ୍ଞାନ ବଳ ପ୍ରଦାନ କରନ୍ତୁ । "ସହୌଜଃ" ଆପଣ ନିଜର ଅନୁଗ୍ରହରେ ମୋତେ ଶାରୀରିକବଳ, ନୈରୋଗ୍ୟଦୃଢ଼ତ୍ୱାଦିଗୁଣଯୁକ୍ତ କରନ୍ତୁ । "ମୟିପ୍ରାଣାପାନୌ" ହେ ସର୍ବଜଗଜ୍ଜୀବନାଧାର ! ପ୍ରାଣ ଓ ଆପାନ ଯଦ୍ୱାରା କି ଶରୀରସ୍ଥ ସମସ୍ତ ଇନ୍ଦ୍ରିୟ ଓ ସମସ୍ତ ଧାତୁ ଶୁଦ୍ଧ ଓ ପରିପୁଷ୍ଟ ହୋଇ ନୈରୋଗ୍ୟ, ବଳ, ପୁଷ୍ଟି କାରକ, ଆୟୁର୍ବର୍ଦ୍ଧକ ଅଟନ୍ତି ତାହା ଅନୁକୂଳ ହେଉ । ହେ ଦୟାମୟ ! ଆପଣ ଏପରି କୃପାବାରି ଢାଳନ୍ତୁ ଯଦ୍ୱାରା ମୁଁ ଆପଣଙ୍କ ଆଜ୍ଞାପାଳନ ଓ ଉପାସନାରେ ତତ୍ପର ହୋଇ ରହିବି ॥୫॥

-: **ସ୍ତୁତି** :-

**ସନୋ ବନ୍ଧୁର୍ଜନିତା ସ ବିଧାତା ଧାମାନି ବେଦ ଭୁବନାନି ବିଶ୍ୱ ।**

**ୟତ୍ର ଦେବାଃଅମୃତମାନଶାନାସ୍ତୃତୀୟେ ଧାମନ୍ନଧ୍ୟୈରୟନ୍ତ ॥୬॥**

ଯଜୁଃ. ୩୨ ।୧୦॥

**ବ୍ୟାଖ୍ୟା :-** ପରମପିତା ପରମେଶ୍ୱର ସମସ୍ତଙ୍କ "ବନ୍ଧୁ" ସର୍ବଦୁଃଖସଂହାରକ ଓ ପରମ ସହାୟକ ଅଟନ୍ତି । "ଜନିତା" ନିଖିଳ ଜଗତର ରଚୟିତା, ସର୍ବପାଳକ, ସର୍ବପିତା, ସର୍ବକାମସିଦ୍ଧିପ୍ରଦ "ବିଧାତା" ସିଦ୍ଧିଜ ସେହିଁ ଅଟନ୍ତି । ଏହି ନିଖିଳ ବ୍ରହ୍ମାଣ୍ଡର ବିଧାତା, ଧାରଣକର୍ତ୍ତା ପାଳକ ମଧ୍ୟ ସେହି ପରମାତ୍ମା ଅଟନ୍ତି, ଅନ୍ୟ କେହି ନୁହନ୍ତି । "ଧାମାନି ବେଦ ଭୁବନାନି ବିଶ୍ୱା" ସମସ୍ତ ଧାମ ଅର୍ଥାତ୍ ବିଭିନ୍ନ ଲୋକ, ଲୋକାନ୍ତର ସର୍ଜନା କରି

ସ୍ୱକୀୟ ଅନନ୍ତ ସର୍ବଜ୍ଞତା ସାମର୍ଥ୍ୟଦ୍ୱାରା ସର୍ବବିଦ ଅଟନ୍ତି । ବେଦ ଅର୍ଥାତ୍ ବିଦ୍ୱାନ୍-ପୁରୁଷମାନେ " ବିଦ୍ୱାଂସୋ ହି ଦେବାଃ" (ଶତପଥ ବ୍ରାହ୍ମଣ) ଯାହାର ଉପଲବ୍ଧିରେ ଜନ୍ମ-ମରଣାଦିରୂପ ଦୁଃଖ ଜଞ୍ଜାଳ ରହିତ ମୋକ୍ଷ ପଦରେ ସର୍ବବ୍ୟାପକ ପୂର୍ଣ୍ଣାନନ୍ଦ ସ୍ୱରୂପ ପରମାତ୍ମାଙ୍କ କ୍ରୋଡ଼ରେ ପରମାନନ୍ଦ-ଉପଭୋଗ କରନ୍ତି । "ତୃତୀୟେ ଧାମନ" ପ୍ରଥମ ସ୍ଥୂଳଜଗତ୍ (ପୃଥିବୀ ଆଦି) ଦ୍ୱିତୀୟ ସୂକ୍ଷ୍ମ (ଆଦିକାରଣ) ତୃତୀୟ ସର୍ବଦୋଷରହିତ ଅନନ୍ତ ଆନନ୍ଦସ୍ୱରୂପ ପରବ୍ରହ୍ମ, ଧାମରେ "ଅଧ୍ୟେରୟନ୍ତ" ଧର୍ମାତ୍ମାବିଦ୍ୱଦ୍‌ଗଣ ସ୍ୱଚ୍ଛନ୍ଦରେ ବାସ କରନ୍ତି ଓ ସର୍ବବିଧ ବାଧା ବିଘ୍ନରୁ ଦୂରେଇ ରହି ବିଜ୍ଞାନବନ୍ତ ଓ ଶୁଦ୍ଧ-ପୂତ, ହୋଇ ଦେଶ-କାଳ ପାତ୍ର (ବସ୍ତୁ) ରହିତ ସର୍ବଗତ "ଧାମନ୍" ସର୍ବ-ଆଧାର ସ୍ୱରୂପ ପରମାତ୍ମାଙ୍କଠାରେ ରମଣ କରନ୍ତି, ଫଳରେ ସେମାନେ ଜନ୍ମ-ମରଣାଦି ଦୁଃଖସାଗରରେ କେବେ ନିପତିତ ହୁଅନ୍ତି ନାହିଁ ॥୬॥

-: **ପ୍ରାର୍ଥନା** :-

**ଯତୋ ଯତଃ ସମୀହସେ ତତୋ ନୋଽଭୟଂ କୁରୁ ।**

**ଶନ୍ନଃ କୁରୁ ପ୍ରଜାଭ୍ୟୋଽଭୟଂ ନଃ ପଶୁଭ୍ୟଃ ॥୭॥** (ଯଜୁଃ. ୩୬ / ୨୨)

**ବ୍ୟାଖ୍ୟା :-** ହେ ପରମେଶ୍ୱର ଦୟାଳୋ ! ଯେଉଁ ରାଜ୍ୟରେ ଆପଣ "ସମୀହସେ" ସମ୍ୟକ୍ ଚେଷ୍ଟା କରନ୍ତି, ସେହି ରାଜ୍ୟରେ ଆମକୁ ଅଭୟଦାନ କରନ୍ତୁ, ଅର୍ଥାତ୍ ଯେଉଁଠାରେ ଆମକୁ ଭୟ ପ୍ରାପ୍ତ ହେବ, ସେଠାରେ ଅଭୟ ପ୍ରଦାନ କରି ପ୍ରଜାମାନଙ୍କୁ ପରମ ସୌଖ୍ୟ ଲାଭ କରାନ୍ତୁ, ଆମର ପ୍ରଜା ଓ ପଶୁ ଉଭୟଙ୍କୁ ଅଭୟ ଦାନ ଦିଅନ୍ତୁ । କଥମପି କେବେହେଲେ ଭୟଭୀତ ହେବୁ ନାହିଁ । ଜଗଦୀଶ ! ଏପରି କୃପା କରନ୍ତୁ, ଯଦ୍ଦ୍ୱାରା ଆମ୍ଭେମାନେ ନିର୍ଭୟତା ପୂର୍ବକ ପରମାନନ୍ଦ ଉପଭୋଗ କରି ସର୍ବଦା ଆପଣଙ୍କ ରାଜ୍ୟ ଓ ଆପଣଙ୍କ ଭକ୍ତି କରିବୁ ॥୭॥

-: **ସ୍ତୁତି** :-

**ବେଦାହମେତଂ ପୁରୁଷଂ ମହାନ୍ତମାଦିତ୍ୟବର୍ଣ୍ଣଂ ତମସଃ ପରସ୍ତାତ୍ ।**

**ତମେବ ବିଦିତ୍ୱାତିମୃତ୍ୟୁମେତି ନାନ୍ୟଃ ପନ୍ଥା ବିଦ୍ୟତେଽୟନାୟ ॥୮॥**



(ଯଜୁଃ. ୩୧ / ୧୮)

**ବ୍ୟାଖ୍ୟା :-** ସହସ୍ରଶୀର୍ଷାଦି ବିଶେଷଣୋକ୍ତ ପୁରୁଷ ସର୍ବତ୍ର ପରିପୂର୍ଣ୍ଣ (ପୂର୍ଣ୍ଣତ୍ୱାତ୍‌ପୁରିଶୟନାଦ୍ୱାପୁରୁଷଇତି, ନିରୁକ୍ତୋକ୍ତିଃ) ଯିଏ ପରମ ପୁରୁଷ ଅଟନ୍ତି; ସେହି ପରମ ପୁରୁଷ ସମସ୍ତ ମନୁଷ୍ୟଙ୍କ ଜ୍ଞେୟ ଅଟନ୍ତି । ସେହି ସର୍ବ ସ୍ମରଣୀୟ ଅଟନ୍ତି, ଅନ୍ୟ କେହି ନୁହନ୍ତି, କାରଣ ସେହି "ମହାନ୍ତମ୍" ମହାନ୍ ଅଟନ୍ତି, ଅନ୍ୟ କେହି ତାଙ୍କ ତୁଲ୍ୟ ନାହାନ୍ତି । "ଆଦିତ୍ୟବର୍ଣ୍ଣମ୍" ଆଦିତ୍ୟ ଆଦିର ରଚୟିତା ଏବଂ ପ୍ରକାଶକ ସେହି ପରମାତ୍ମା ଅଟନ୍ତି ଏବଂ ସେ ସର୍ବଦା ସ୍ୱପ୍ରକାଶସ୍ୱରୂପ ଅଟନ୍ତି । 'ତମସଃ ପରସ୍ତାତ୍' ଅନ୍ଧକାରରୂପ ଅବିଦ୍ୟାଦି ଦୋଷରହିତ ଅଟନ୍ତି । ତଥା ନିଜର ଭକ୍ତଜନ, ଧର୍ମାତ୍ମା, ସତ୍ୟପ୍ରେମୀ ଜନଙ୍କୁ ଅବିଦ୍ୟାଦିରୁ ସଦ୍ୟଃ ଦୂରେଇ ନିଅନ୍ତି । ବିଦ୍ୱଜ୍ଜନଙ୍କ ଏହା ଦୃଢ଼ ନିଶ୍ଚୟ ଯେ, ପରମାତ୍ମାଙ୍କ କୃପାକଟାକ୍ଷ ବିନା କୌଣସି ଜୀବ କେବେହେଲେ ସୁଖ-ଉପଭୋଗ କରିପାରେନା, ସୁଖୀ ହୋଇପାରେ ନାହିଁ । 'ତମେବ ବିଦିତ୍ୱାତି' ସେହି ପରମାତ୍ମାଙ୍କୁ ହୃଦୟଙ୍ଗମ କରି ଜୀବ ମୃତ୍ୟୁ-ଭବସାଗରକୁ ପାରି ହୋଇ ପାରେ, ଅନ୍ୟଥା ନୁହେଁ । କାରଣ, 'ନାଽନ୍ୟଃ, ପନ୍ଥା ବିଦ୍ୟତେଽୟନାୟ' ପରମପିତା ପରମାତ୍ମଙ୍କ ଭକ୍ତି ବିନା ତାଙ୍କ ଜ୍ଞାନର ମୁକ୍ତି ମାର୍ଗ ଅନ୍ୟ ନାହିଁ । ଏହିପରି ସର୍ବଗୁଣ ସଂପନ୍ନ ପରମାତ୍ମାଙ୍କ ଆଦେଶ ରହିଛି ଯେ, ସମସ୍ତେ ପାଖଣ୍ଡ ରହିତ ହୋଇ ନାନାବିଧ ଜଞ୍ଜାଳରୁ ଦୂରେଇ ରହିବା ପାଇଁ ॥୮॥

-: **ପ୍ରାର୍ଥନା** :-

**ତେଜୋଽସି ତେଜୋ ମୟି ଧେହି ବୀର୍ଯ୍ୟମସି ବିର୍ଯ୍ୟଂ ମୟି ଧେହି ବଳମସି ବଳଂ ମୟି ଧେହ୍ୟୋଜୋଽସ୍ୟୋଜୋ ମୟି ଧେହି ମନ୍ୟୁରସି ମନ୍ୟୁଂମୟି ଧେହି ସହୋଽସି ସହୋ ମୟି ଧେହି ॥୯॥** (ଯଜୁଃ. ୧୯ / ୯।)

**ବ୍ୟାଖ୍ୟା :-** ହେ ସ୍ୱପ୍ରକାଶ ! ଅନନ୍ତତେଜ ! ଆପଣ ଅବିଦ୍ୟାନ୍ଧକାରରୁ ସର୍ବଦା ପୃଥକ୍ ଓ ସତ୍ୟବିଜ୍ଞାନ ତେଜସ୍ୱରୂପ ଅଟନ୍ତି । ଆପଣ ଦୟାକରି ମୋ ଉପରେ ସେହି ତେଜଃପୁଞ୍ଜ ଆଧାନ କରନ୍ତୁ, ଯାଫଳରେ ମୁଁ କଦାପି ନିସ୍ତେଜ,ଦୀନ ଓ କାପୁରୁଷ କୁତ୍ରାପି ନ ହୁଏ । ହେ ଅନନ୍ତବୀର୍ଯ୍ୟ ପରମାତ୍ମନ୍ ! ଆପଣ କାର୍ଯ୍ୟ ସ୍ୱରୂପ ଅଟନ୍ତି, ସେହି ସର୍ବୋତ୍ତମ

ବଳ ମୋତେ ପ୍ରଦାନ କରନ୍ତୁ । ହେ ଅନନ୍ତ ପରାକ୍ରମ ! ଆପଣ ଓଜଃ ଅର୍ଥାତ୍ ପରାକ୍ରମ ସ୍ୱରୂପ ଅଟନ୍ତି, ସଦୟ ସେହି ପରାକ୍ରମ ମୋତେ ପ୍ରଦାନ କରନ୍ତୁ । "ହେ ଦୁଷ୍ଟାନାମୁପରି କ୍ରୋଧକୃତ୍ !" ଦୁଷ୍ଟ-ଦଳନ ପାଇଁ ମୋତେ ଅଶେଷ ଶକ୍ତି ଦିଅନ୍ତୁ । ହେ ଅନନ୍ତ ସହନ ସ୍ୱରୂପ ମୋତେ ସହନଶୀଳତାର ଶକ୍ତି ପ୍ରଦାନ କରନ୍ତୁ ଅର୍ଥାତ୍ ଶରୀର, ଇନ୍ଦ୍ରିୟ, ମନ ଓ ଆତ୍ମା ଉପର୍ଯ୍ୟୁକ୍ତ ତେଜଃ ଆଦି ଗୁଣରେ ସର୍ବଦା ଭରପୂର ରହୁ, ଯଦ୍ୱାରା ଆପଣଙ୍କ ଭକ୍ତି ଆରାଧନା ଅନୁଷ୍ଠାନ ପୂର୍ବକ ଆପଣଙ୍କ ଅନୁଗ୍ରହ-ଭାଜନ ହୋଇ ସର୍ବଦା ସୁଖୀ ରହେଁ ॥୯॥

-: **ସ୍ତୁତି** :-

**ପରୀତ୍ୟ ଭୂତାନି ପରୀତ୍ୟ ଲୋକାନ୍ ପରୀତ୍ୟ ସର୍ବାଃ ପ୍ରଦିଶୋ ଦିଶଶ୍ଚ ।**
**ଉପସ୍ଥାୟ ପ୍ରଥମଜାମୃତସ୍ୟାତ୍ମନାତ୍ମାନମଭି ସଂବିବେଶ ॥୧୦॥** (ଯଜୁଃ. ୩୨ ।୧୧)

**ବ୍ୟାଖ୍ୟା :-** ପରମାତ୍ମା ସମସ୍ତ ଜୀବଙ୍କ ଠାରେ (ଅର୍ଥାତ୍ ଆକାଶ ଓ ପ୍ରକୃତି ଠାରୁ ଆରମ୍ଭ କରି ପୃଥିବୀ-ପର୍ଯ୍ୟନ୍ତ ସମସ୍ତ ସଂସାରରେ) ବ୍ୟାପ୍ତ ହୋଇ ସର୍ବତ୍ର ପରିପୂର୍ଣ୍ଣ ଅଟନ୍ତି, ତଥା ସମସ୍ତ ଲୋକ-ଲୋକାନ୍ତର, ପୂର୍ବ ଆଦି ଦିଗ୍ବଲୟ, ଐଶାନ୍ୟାଦି ଉପଦିଶା, ଅଧଃ-ଉର୍ଦ୍ଧ୍ୱ ଅର୍ଥାତ୍ ଅଣୁ ଅଣୁରେ ସେ ବ୍ୟାପ୍ତ ଅଟନ୍ତି । "ପ୍ରଥମଜାମ୍" ଶ୍ରେଷ୍ଠ ପ୍ରାଣୀ ମାନବ ସ୍ୱୀୟ ଆତ୍ମାରେ ସତ୍ୟାଚରଣ, ବିଦ୍ୟା, ଶ୍ରଦ୍ଧାଦ୍ୱାରା "ଋତସ୍ୟ" ଯଥାର୍ଥ ସ୍ୱରୂପ ପରମାତ୍ମାଙ୍କୁ "ଉପସ୍ଥାୟ" ଯଥାର୍ଥତଃ ହୃଦୟଙ୍ଗମପୂର୍ବକ ସାନ୍ନିଧ୍ୟତା ଲାଭ କରି "ଅଭିସଂବିବେଶ" ପରମାନନ୍ଦ-ସ୍ୱରୂପ ପରମାତ୍ମାଙ୍କଠାରେ ପ୍ରବେଶ କରି ସମସ୍ତ ଦୁଃଖରୁ ନିବୃତ୍ତ ହୋଇ ସେହି ପରମାନନ୍ଦ ସ୍ୱରୂପରେ ବାସକରେ ॥୧୦॥

-: **ପ୍ରାର୍ଥନା** :-

**ଭଗ ପ୍ରଣେତର୍ଭଗ ସତ୍ୟରାଧୋ ଭଗେମାଂ ଧିୟମୁଦବା ଦଦନ୍ନଃ ।**
**ଭଗ ପ୍ରନୋ ଜନୟ ଗୋଭିରଶ୍ୱୈର୍ଭଗ ପ୍ରନୃଭିର୍ନୃବନ୍ତଃ ସ୍ୟାମ ॥୧୧॥**

(ଯଜୁଃ. ୩୪/୩୬)

**ବ୍ୟାଖ୍ୟା :-** ହେ ଭଗବନ୍ ! ପରମୈଶ୍ୱର୍ଯ୍ୟବାନ୍ ଭଗ ଐଶ୍ୱର୍ଯ୍ୟଦାତା, ସଂସାର ଅଥବା ପରମାର୍ଥରେ ଆପଣ ହିଁ ଏକ ଅର୍ଥାତ୍ ଅଦ୍ୱିତୀୟ ଅଟନ୍ତି । "ଭଗପ୍ରଣେତଃ"



ଆପଣଙ୍କ ଐଶ୍ୱର୍ଯ୍ୟ ସ୍ୱତନ୍ତ୍ର ଅଟେ, କାହାରି ଅଧୀନରେ ତାହା ନାହିଁ । ଆପଣ ଯାହାକୁ ଚାହାନ୍ତି, ତାଙ୍କୁ ଐଶ୍ୱର୍ଯ୍ୟ ପ୍ରଦାନ କରନ୍ତି, ତେଣୁ ପ୍ରଭୋ ! ଆମର ସକଳ ପ୍ରକାର ଦାରିଦ୍ର୍ୟତାକୁ ଦୂରକରି ପରମେଶ୍ୱର୍ଯ୍ୟଯୁକ୍ତ କରନ୍ତୁ ; କାରଣ, ଆପଣ ସକଳ ଐଶ୍ୱର୍ଯ୍ୟର ପ୍ରେରକ ଅଟନ୍ତି । ହେ "ସତ୍ୟରାଧଃ" ଭଗବନ୍ ! ସତ୍ୟୈଶ୍ୱର୍ଯ୍ୟ ସିଦ୍ଧି-କର୍ତ୍ତା ଆପଣ ଅଟନ୍ତି, ଦୟାକରି ଆମକୁ ନିତ୍ୟ, ସତ୍ୟ ଶାଶ୍ୱତ ଐଶ୍ୱର୍ଯ୍ୟ ପ୍ରଦାନ କରନ୍ତୁ । ତଥା ଆପଣ ମୁକ୍ତି ଦାତା ଅଟନ୍ତି, ଆପଣଙ୍କ ବ୍ୟତୀତ ଅନ୍ୟ କେହି ନୁହନ୍ତି । ହେ ସତ୍ୟଭଗ ! ପୂର୍ଣ୍ଣ ଐଶ୍ୱର୍ଯ୍ୟ ବୃଦ୍ଧି ଆମକୁ ପ୍ରଦାନ କରନ୍ତୁ, ଯଦ୍ୱାରା ଆପଣଙ୍କ ଗୁଣ ଓ ଆଜ୍ଞା ପାଳନ ଅନୁଷ୍ଠାନ-ଜ୍ଞାନରେ ଆମେ ସମର୍ଥ ହୋଇ ପାରିବୁ । ଆମକୁ ସତ୍ୟ ବୁଦ୍ଧି, ସତ୍ୟକର୍ମ ଓ ସତ୍ୟଗୁଣରେ "ଉଦବଃ" (ଉଦ୍‌ଗମୟ ପ୍ରାପୟ) ପ୍ରେରିତ କରନ୍ତୁ, ଯାହା ଫଳରେ ସୂକ୍ଷ୍ମାତିସୂକ୍ଷ୍ମ ପଦାର୍ଥ ଜ୍ଞାନ ଲାଭ କରିପାରିବୁ । "ଭଗ ପ୍ର ନୋ ଜନୟ" ହେ ସର୍ବେଶ୍ୱର୍ଯ୍ୟୋତ୍ପାଦକ ! ଆମପାଇଁ ଐଶ୍ୱର୍ଯ୍ୟକୁ ଉତ୍ତମ ରୀତିରେ ଉତ୍ପାଦନ କରନ୍ତୁ, ଉତ୍ତମ ଗାଈ, ଅଶ୍ୱ, ମାନବ ସହିତ ଅତ୍ୟୁତ୍ତମ ଐଶ୍ୱର୍ଯ୍ୟ ମଧ୍ୟ ସର୍ବଦା ଦାନ କରନ୍ତୁ । ହେ ସର୍ବଶକ୍ତିମନ୍ ! ଆପଣଙ୍କ କୃପାକଟାକ୍ଷରେ ହିଁ ଆମ୍ଭେମାନେ ଉତ୍ତମ ପୁରୁଷ, ଉତ୍ତମ ସ୍ତ୍ରୀ, ଉତ୍ତମ ସନ୍ତାନ-ସନ୍ତତି, ଆଜ୍ଞାପାଳକ ଭୃତ୍ୟ ପାଇ ସୁଖରେ କାଳାତିପାତ କରିବୁଁ । ସଂସାରରେ କେହିହେଲେ ଦୁଷ୍ଟ-ସ୍ୱଭାବଯୁକ୍ତ ମୂର୍ଖ ନ ରହନ୍ତୁ ଏହାହିଁ ଆପଣଙ୍କ ଠାରେ ମୋର ଅଭ୍ୟର୍ଥନା । ପ୍ରଭୋ ! ସର୍ବତ୍ର କୀର୍ତ୍ତି ଓ ଯଶ ପ୍ରଦାନ କର ॥୧୧॥

-: **ସ୍ତୁତି** :-

**ତଦେଜତି ତନ୍ନୈଜତି ତଦ୍ଦୂରେ ତଦ୍ୱନ୍ତିକେ ।**
**ତଦନ୍ତରସ୍ୟ ସର୍ବସ୍ୟ ତଦୁସର୍ବସ୍ୟାସ୍ୟ ବାହ୍ୟତଃ ॥୧୨॥**

(ଯଜୁଃ. ୪୦/୫)

**ବ୍ୟାଖ୍ୟା :-** "ତଦ୍ ଏଜତି" ସେହି ପରମାତ୍ମା ସକଳ ଜଗତକୁ ଯଥାଯୋଗ୍ୟ ସ୍ୱୀୟଗତିରେ ଗତିମାନ୍ କରୁଅଛନ୍ତି । ତେଣୁ କେତେକ ଜ୍ଞାନହୀନ ଲୋକେ ତାଙ୍କୁ ମଧ୍ୟ ଗତିମାନ୍ ବୋଲି ବିଗ୍ରହିଥାନ୍ତି । ମାତ୍ର ସେ ସର୍ବତ୍ର ପରିପୂର୍ଣ୍ଣ ଅଛନ୍ତି । କେବେହେଲେ

ପ୍ରଚଳ ହୁଅନ୍ତି ନାହିଁ । "ତନ୍ନୈଜତି" ପ୍ରମାଣାନୁସାରେ ସେ ନିଜେ ଗତିଶୀଳ ନୁହନ୍ତି, ଏକରସ, ନିଷ୍କଳ, ସର୍ବବ୍ୟାପକ ଅଟନ୍ତି । ବିଦ୍ୱାନ୍‌ମାନ ତାଙ୍କୁ ଏଭଳି ଜାଣନ୍ତି । "ତଦ୍‌ଦୂରେ" ଆଧ୍ୟାତ୍ମିକ, ଅବିଦ୍ୱାନ୍, ବିଗ୍ରହଶୂନ୍ୟ, ବିବେକହୀନ, ଅଜିତେନ୍ଦ୍ରିୟ, ଈଶ୍ୱରଭକ୍ତି- ବିବେଚିତ ଲୋକଙ୍କ ମତରେ ସେ ବହୁ ଦୂରରେ ଅଛନ୍ତି, ଅର୍ଥାତ୍ ସେମାନେ ସହସ୍ରାଧିକ ବର୍ଷ ପର୍ଯ୍ୟନ୍ତ ମଧ୍ୟ କେବେ ତାଙ୍କୁ ଉପଲବ୍‌ଧି କରି ପାରନ୍ତି ନାହିଁ । ଏଣୁ ସେମାନେ ପରମାତ୍ମାଙ୍କୁ ନ ଜାଣିବା ପର୍ଯ୍ୟନ୍ତ ଜନ୍ମ- ମରଣ ଚକ୍ରରେ ବାରମ୍ବାର ଭ୍ରମଣ କରିଥାନ୍ତି । "ତଦ୍ୱନ୍ତିକେ" ସତ୍ୟବାଦୀ, ସତ୍ୟାଚରଣକାରୀ, ସତ୍ୟମାନୀ, ଜିତେନ୍ଦ୍ରିୟ, ସର୍ବଜନୋପକାରକ, ବିଦ୍ୱାନ୍ ବିଗ୍ରହଶୀଳ ପୁରୁଷମାନଙ୍କ "ଅନ୍ତିକେ" ଅତି ନିକଟରେ ସେ ରହିଛନ୍ତି ; କାରଣ, ସେ ସମସ୍ତ ଆତ୍ମା ମଧ୍ୟରେ ଅନ୍ତର୍ଯ୍ୟାମୀରୂପେ ବ୍ୟାପକ ହୋଇ ବାସ କରିଛନ୍ତି, ସେ ଆତ୍ମାର ମଧ୍ୟ ଆତ୍ମା ଅଟନ୍ତି ; କାରଣ ପରମେଶ୍ୱର ସମସ୍ତ ଜଗତର ବାହାରେ ଭିତରେ ମଧ୍ୟେ ଅର୍ଥାତ୍ ସେ ଅଣୁ ଅଣୁରେ ବିଦ୍ୟମାନ । ସେ ଅଖଣ୍ଡ ଏକରସ ଓ ସର୍ବବ୍ୟାପକ ଅଟନ୍ତି । ପରମାତ୍ମାଙ୍କୁ ହୃଦୟଙ୍ଗମ କରିବାଦ୍ୱାରା ହିଁ ମୁକ୍ତି ଲାଭ ହୋଇଥାଏ, ଅନ୍ୟଥା ନୁହେଁ ।।୧୨।।

## -: ପ୍ରାର୍ଥନା :-

**ଆୟୁର୍ଯଜ୍ଞେନ କଳ୍ପତାଂ ପ୍ରାଣୋଯଜ୍ଞେନ କଳ୍ପତାଂ ଚକ୍ଷୁର୍ଯଜ୍ଞେନ କଳ୍ପତାଂ ଶ୍ରୋତ୍ରଂ ଯଜ୍ଞେନ କଳ୍ପତାଂ ବାଗ୍ୟଜ୍ଞେନ କଳ୍ପତାଂ ମନୋ ଯଜ୍ଞେନ କଳ୍ପତାମାତ୍ମା ଯଜ୍ଞେନ କଳ୍ପତାଂ ବ୍ରହ୍ମାଯଜ୍ଞେନ କଳ୍ପତାଂ ଜ୍ୟୋତିର୍ଯଜ୍ଞେନ କଳ୍ପତାଂ ସ୍ୱର୍ଯଜ୍ଞେନ କଳ୍ପତାଂ ପୃଷ୍ଠଂଯଜ୍ଞେନ କଳ୍ପତାଂ ଯଜ୍ଞୋ ଯଜ୍ଞେନ କଳ୍ପତାମ୍ । ସ୍ତୋମଶ୍ଚ ଯଜୁଶ୍ଚ ଋକ୍ ଚ ସାମ ଚ ବୃହଚ୍ଚ ରଥନ୍ତରଂ ଚ । ସ୍ୱର୍ଦେବା ଅଗନ୍ମାମୃତା ଅଭୂମ ପ୍ରଜାପତେ ପ୍ରଜା ଅଭୂମ ବେଟ୍ ସ୍ୱାହା ।।୧୩।।**

**ବ୍ୟାଖ୍ୟା :-** (ଯଜ୍ଞୋ ବୈ-ବିଷ୍ଣୁଃ, ଯଜ୍ଞୋ ବୈ ବ୍ରହ୍ମେତ୍ୟାଦ୍ୟୈତରେୟ ଶତପଥବ୍ରାହ୍ମଣଶ୍ରୁତ) ଯଜ୍ଞ ଯଜନୀୟ, ସର୍ବପୂଜ୍ୟ ଇଷ୍ଟଦେବ ପରମେଶ୍ୱରଙ୍କୁ ଅତି ଶ୍ରଦ୍ଧାର ସହିତ ସମର୍ପଣ କରିବା ପ୍ରତ୍ୟେକ ବ୍ୟକ୍ତିଙ୍କର ପରମ କର୍ତ୍ତବ୍ୟ । ଉକ୍ତ ମନ୍ତ୍ରରେ ଏହାହିଁ କେବଳ ଉପଦେଶ ଦିଆଯାଇଛି । ହେ ସର୍ବସ୍ୱାମିନ ଈଶ୍ୱର ! ଆପଣଙ୍କ ଆଦେଶଅନୁସାରେ ସମସ୍ତ ପଦାର୍ଥ ଆପଣଙ୍କୁ ହିଁ ସମର୍ପଣ କରୁଅଛୁ । ଆମ୍ଭେମାନେ "ଆୟୁ" ଆୟୁ, ପ୍ରାଣ,



ଚକ୍ଷୁ, କର୍ଣ୍ଣ, ବାଣୀ, ମନ, ଆତ୍ମା, ଜୀବ, ବ୍ରହ୍ମ, ବେଦ, ବିଦ୍ୟା ଓ ବିଦ୍ୱାନ୍ ଜ୍ୟୋତି (ସୂର୍ଯ୍ୟାଦି ଲୋକ ଅଗ୍ନ୍ୟାଦି ପଦାର୍ଥ) ସ୍ୱର୍ଗ (ସୁଖ-ସାଧନ) ପୃଷ୍ଠ (ପୃଥିବ୍ୟାଦି ସକଳ ଲୋକ-ଆଧାର) ପୁରୁଷାର୍ଥ, ଯଜ୍ଞ (ସମସ୍ତ ଉତ୍ତମ କର୍ମ) ସ୍ତୋମ, ସ୍ତୁତି, ଋଗ୍ୱେଦ, ଯଜୁର୍ବେଦ, ସାମବେଦ, ଅଥର୍ବବେଦ, ବୃହଦ୍ରଥନ୍ତର, ସାମ, ଇତ୍ୟାଦି ସମସ୍ତ ପଦାର୍ଥ ଆପଣଙ୍କୁ ସମର୍ପଣ କରୁଅଛୁଁ । ଆପଣ ନିଜ ଇଚ୍ଛାନୁସାରେ ସେସବୁ ଆମକୁ ପ୍ରଦାନ କରନ୍ତୁ । ଆମେ ହେଉଛୁ ଆପଣଙ୍କ ସନ୍ତାନ ଏଣୁ ଦୟାକରି "ସ୍ୱରଗନ୍ମ" ଉତ୍ତମ ସୁଖ-ସୌଭାଗ୍ୟ ଆମକୁ ଉପଲବ୍ଧ କରାନ୍ତୁ । ଜୀବିତଥିବା ପର୍ଯ୍ୟନ୍ତ ଚକ୍ରବର୍ତ୍ତୀ ରାଜ୍ୟାଦି ଉପଭୋଗ କରି ଆମେ ସୁଖୀ ରହିବୁ ଓ ମୃତ୍ୟୁ ପରେ ମଧ୍ୟ ସୁଖୀ ହିଁ ହୋଇ ରହିବୁ । ହେ ମହାଦେବାମୃତ ! ଆମ୍ଭେମାନେ ଦେବ (ପରମ ବିଦ୍ୱାନ୍) ହୋଇ ଅମୃତ ମୋକ୍ଷ (ଆପଣଙ୍କୁ) ଉପଲବ୍‌ଧି କରି ପାରିବୁ । "ବେଟ୍ ସ୍ୱାହା" ଆପଣଙ୍କ ଆଦେଶ ପାଳନରେ ଓ ଆପଣଙ୍କୁ ପ୍ରାପ୍ତି ଦିଗରେ ସର୍ବଦା ଉଦ୍ୟମଶୀଳ ହୋଇ ରହିବୁ । ଆପଣ ହେଉଛନ୍ତି ଅନ୍ତର୍ଯ୍ୟାମୀ । ଆପଣ ଆମ ହୃଦୟ ରାଜ୍ୟରେ ବିରାଜମାନ ହୋଇ ହୃଦୟ ମନ୍ଦିରକୁ ସତ୍ୟାମୃତଦ୍ୱାରା ଭର୍ତ୍ତିକରି ଦିଅନ୍ତୁ, ତୁଣ୍ଡରୁ ସର୍ବଦା ସତ୍ୟ ବଚନ ହିଁ ବାହାରୁ । ହେ କୃପାନିଧେ ! ଆମ୍ଭମାନଙ୍କର ଯୋଗକ୍ଷେମ (ସମସ୍ତ ନିର୍ବାହ) ଆପଣହିଁ ସର୍ବଦା କରନ୍ତୁ । ଆପଣଙ୍କ କୃପାକଟାକ୍ଷରେ ଆମ୍ଭେମାନେ ସର୍ବଦା ବିଜୟ ଲାଭ କରି ପରମ ସୁଖ ଲାଭ କରି ପାରିବୁ ।।୧୩।।

## -: ସ୍ତୁତି :-

**ଯସ୍ମାନ୍ ଜାତଃ ପରୋଃଅନ୍ୟାଃଅସ୍ତିୟ ଆବିବେଶ ଭୁବନାନି ବିଶ୍ୱା ।**
**ପ୍ରଜାପତିଃ ପ୍ରଜୟା ସଂ ରରାଣସ୍ତ୍ରୀଣି ଜ୍ୟୋତୀଂଷି ସଚତେ ସ ଷୋଡ଼ଷୀ ।।୧୪।।**

(ଯଜୁ. ୮ । ୩୬)

**ବ୍ୟାଖ୍ୟା :-** ଯାହାଠାରୁ କେହି ବୃହତ୍ ତୁଲ୍ୟ ବା ଶ୍ରେଷ୍ଠ ନ ଭୁତୋ, ନ ଅସ୍ତି, ନ କଦାପି ଭବିଷ୍ୟତି ସେହିଁ ପରମାତ୍ମା ପଦବାଚ୍ୟ ଯିଏ, "ବିଶ୍ୱା ଭୁବନାନି" ସମଗ୍ର ଭୁବନ (ଲୋକ) ସକଳ ପଦାର୍ଥର ନିବାସସ୍ଥାନ ଅସଂଖ୍ୟାତ ଲୋକ-ଲୋକାନ୍ତରରେ ଆବେଶିତ (ପ୍ରବିଷ୍ଟ) ହୋଇ ସର୍ବତ୍ର ପରିପୂର୍ଣ୍ଣ ଅଟନ୍ତି, ସେହି ପରମାତ୍ମା ସକଳ ପ୍ରଜାଗଣଙ୍କର ପତି

(ସ୍ୱାମୀ) ଅଟନ୍ତି । ସେ ସମସ୍ତ ପ୍ରଜାଗଣଙ୍କ ମଧ୍ୟରେ ରମିଛନ୍ତି ତଥା ସମସ୍ତଙ୍କୁ ରମଣ ମଧ୍ୟ କରାଉଛନ୍ତି । "ତ୍ରୀଣୀତ୍ୟାଦି" ଯେଉଁ ପରମାତ୍ମା ଜ୍ୟୋତିର୍ମୟ ଅଗ୍ନି, ବାୟୁ ଓ ସୂର୍ଯ୍ୟଙ୍କୁ ରଚନା କରିଅଛନ୍ତି, ଏହି ବସ୍ତୁତ୍ରୟ ସକଳ ବ୍ୟବହାର ଓ ପଦାର୍ଥବିଦ୍ୟାର-ଉତ୍ପତ୍ତିରେ ମୁଖ୍ୟ ଅଟନ୍ତି । "ସ ଷୋଡଷୀ" ଷୋଳହ କଳା ଉତ୍ପନ୍ନ କରିଥିବାରୁ ପରମାତ୍ମାଙ୍କୁ ଷୋଳହ କଳାବାନ୍ ବୋଲି କୁହାଯାଏ । ସେ ଷୋଡଶକଳା ହେଉଛି :- ୧- ଈକ୍ଷଣ (ବିଗ୍ରହ), ୨- ପ୍ରାଣ, ୩- ଶ୍ରଦ୍ଧା, ୪- ଆକାଶ, ୫- ବାୟୁ, ୬- ଅଗ୍ନି, ୭- ଜଳ, ୮- ପୃଥିବୀ, ୯- ଇନ୍ଦ୍ରିୟ, ୧୦- ମନ, ୧୧- ଅନ୍ନ, ୧୨- ବୀର୍ଯ୍ୟ, (ପରାକ୍ରମ), ୧୩- ତପ (ଧର୍ମାନୁଷ୍ଠାନ), ୧୪- ମନ୍ତ୍ର (ବେଦବିଦ୍ୟା), ୧୫- କର୍ମଲୋକ (ଚେଷ୍ଟାସ୍ଥାନ), ୧୬- ଲୋକରେ ନାମ ଏହି ସମସ୍ତ କଳା ମଧ୍ୟରେ ଜଗତ୍ ବିଦ୍ୟମାନ ତଥା ପରମେଶ୍ୱରଙ୍କଠାରେ ଅନନ୍ତ କଳା ବିଦ୍ୟମାନ । ସେହି ଅନନ୍ତ କଳା ସଂପନ୍ନ ପରମାତ୍ମାଙ୍କ ଉପାସନା ଛାଡି ଯିଏ ଅନ୍ୟର ଉପାସନା କରେ ସେ କେବେହେଲେ ସୁଖ ଉପଲବ୍ଧି କରି ପାରେ ନାହିଁ ; ତେଣୁ ସେ ସର୍ବଦା ଦୁଃଖ ସାଗରରେ ଉବୁଟୁବୁ ହେଉଥାଏ ॥୧୪॥

-: **ସ୍ତୁତି** :-

**ସ ନଃ ପିତେବ ସୂନବେଽଗ୍ନେ ସୂପାୟନୋ ଭବ ।**

**ସଚସ୍ୱା ନଃ ସ୍ୱସ୍ତୟେ ॥୧୫॥** (ଯଜୁ. ୩ / ୨୪)

**ବ୍ୟାଖ୍ୟା :-** (ବ୍ରହ୍ମ ହ୍ୟଗ୍ନିଃ, ଇତ୍ୟାଦି ଶତପଥାଦିପ୍ରମାଣ୍ୟାଦ୍ ବ୍ରହ୍ମୈବାତ୍ରାଗ୍ନିର୍ଗ୍ରାହ୍ୟାଃ) ହେ ବିଜ୍ଞାନସ୍ୱରୂପ ଈଶ୍ୱରାଗ୍ନେ ! ଆପଣ ଆମର "ସୂପାୟନଃ" ସୁଖପ୍ରାପ୍ୟ ଶ୍ରେଷ୍ଠୋପାୟର ପ୍ରାପକ, ଅତ୍ୟୁତ୍ତମ ସ୍ଥାନର ଦାତା ଓ ରକ୍ଷକ ଅଟନ୍ତି । ହେ ସ୍ୱସ୍ତିଦ ପରମାତ୍ମାନ୍ ! ସକଳ ଦୁଃଖ ରାଶିକୁ ଦୂର କରି ବର୍ତ୍ତମାନକୁ ସୁଖଦ କରାନ୍ତୁ, ଯଦ୍ଦ୍ୱାରା ବର୍ତ୍ତମାନ ସର୍ବଦା ଶ୍ରେଷ୍ଠ ହୋଇ ରହୁ । "ସ ନଃ ପିତେବ ସୂନବେ" ଯେପରି କରୁଣାମୟ ପିତା ସ୍ୱୀୟ ପୁତ୍ରକୁ ସର୍ବଦା ସୁଖୀ ରଖିଥାନ୍ତି, ସେହିପରି ଆପଣ ମଧ୍ୟ ଆମକୁ ସର୍ବଦା ସୁଖୀ ରଖନ୍ତୁ, ଯେପରି କି, ଆମେ ଆପଣଙ୍କ ସନ୍ତାନ-ସନ୍ତତି ଉତ୍ତମ ମାର୍ଗରେ ଚାଲି ଆପଣଙ୍କ ଯଶ ପତାକା ଉଡାଇ ପାରିବୁ ॥୧୫॥



-: **ସ୍ତୁତି** :-

**ବିଭୂରସି ପ୍ରବାହଣୋ । ବହ୍ନିରସି ହବ୍ୟବାହନଃ । ଶ୍ୱାତ୍ରୋଽସି ପ୍ରଚେତାଃ ।**
**ତୁଥୋଽସି ବିଶ୍ୱବେଦାଃ । ଉଶିଗସି କବିଃ । ଅଙ୍ଘାରିରସି ବମ୍ଭାରିଃ ।**
**ଅବସ୍ୟୂରସି ଦୁବସ୍ୱାନ୍ । ଶୁନ୍ଧ୍ୟୂରସି ମାର୍ଜାଲୀୟଃ ସମ୍ରାଡ଼ସି କୃଶାନୁଃ ।**
**ପରିଷଦ୍ୟୋଽସି ପବମାନଃ । ନଭୋଽସି ପ୍ରତକ୍ୱା । ମଷ୍ଟୋଽସି ହବ୍ୟସୂଦନଃ ।**
**ଋତଧାମାସି ସ୍ୱର୍ଜ୍ୟୋତିଃ । ସମୁଦ୍ରୋଽସି ବିଶ୍ୱବ୍ୟଚାଃ । ଅଜୋଽସ୍ୟେକପାତ୍ ।**
**ଅହିରସି ବୁଧ୍ନ୍ୟଃ । ବାଗସ୍ୟୈନ୍ଦ୍ରସଦୋସି । ଋତସ୍ୟ ଦ୍ୱାରୌ ମା ମା ସନ୍ତାପ୍ତମ୍ ।**
**ଅଧ୍ୱନା ମଧ୍ୱପତେପ୍ର ମା ତିର ସ୍ୱସ୍ତି ମେଽସ୍ମିନ୍ ପଥି ଦେବୟାନେ ଭୂୟାତ୍ ॥୧୬॥୧୭॥୧୮॥**

(ଯଜୁ. ୫ ୩୧, ୩୨, ୩୩ )

**ବ୍ୟାଖ୍ୟା :-** ହେ ସର୍ବବ୍ୟାପକ ଈଶ୍ୱର ! ଆପଣ ବିଭୂ ଅଟନ୍ତି ଅର୍ଥାତ୍ ସର୍ବତ୍ର ଜ୍ୟୋତିର୍ମୟ ବୈଭବୈଶ୍ୱର୍ଯ୍ୟଯୁକ୍ତ ଅଟନ୍ତି, ଅନ୍ୟ କେହି ନୁହନ୍ତି । ବିଭୂ ଆପଣ ସକଳ ଜଗତର ପ୍ରବାହଣ (ସ୍ୱସ୍ୱନିୟମାନୁସାରେ ଗତିଦାତା) ତଥା ସର୍ବ ନିର୍ବାହକାରକ ମଧ୍ୟ ଅଟନ୍ତି । ହେ ସ୍ୱପ୍ରକାଶକ ସର୍ବରସବାହକେଶ୍ୱର ! ଆପଣ ବହ୍ନି ଅଟନ୍ତି, ଅର୍ଥାତ୍ ସମସ୍ତ ହବ୍ୟ ଉତ୍କୃଷ୍ଟ ରସସମୁଦାୟର ଭେଦକ, ଆକର୍ଷକ ତଥା ଯଥାବତ୍ ସ୍ଥାପକ ଅଟନ୍ତି । ହେ ଆତ୍ମନ୍ ! ଆପଣ ଶୀଘ୍ର ବ୍ୟାପନଶୀଳ ଓ ପ୍ରକୃଷ୍ଟ ଜ୍ଞାନସ୍ୱରୂପ, ପ୍ରକୃଷ୍ଟ ଜ୍ଞାନ-ଦାତା ଅଟନ୍ତି । ହେ ସର୍ବବିତ୍ ! ଆପଣ ତୁଥ ଓ ବିଶ୍ୱବେଦା ଅଟନ୍ତି । "ତୁଥୋ ବୈ ବ୍ରହ୍ମଃ" (ଶତପଥ ଶ୍ରୁତି) ଜଗତ୍‌ର ପ୍ରତିଟି ଅଣୁରେ ଆପଣ ବିଦ୍ୟମାନ ତଥା ସର୍ବ ଉପକାରକ ଅଟନ୍ତି ॥୧୬॥

ହେ ସର୍ବପ୍ରିୟ ! ଆପଣ "ଉଶିକ୍" କମନୀୟ ସ୍ୱରୂପ ଅଟନ୍ତି । ଆପଣ କବି ପୂର୍ଣ୍ଣ ବିଦ୍ୱାନ୍ ଅଟନ୍ତି । ଆପଣ ଅଙ୍ଘାରି ଅର୍ଥାତ୍ ନିଜ ଭକ୍ତଜନଙ୍କ ପାପରାଶିର ଶତ୍ରୁ ଅଟନ୍ତି, ସେହି ସମସ୍ତ ପାପରାଶିକୁ ଭସ୍ମୀଭୂତ କରିଥାନ୍ତି । "ବମ୍ଭାରିଃ" ସ୍ୱଭକ୍ତଜନଙ୍କ ଆଧାର ତଥା ସମସ୍ତ ଜଗତର ଧାରଣକର୍ତ୍ତା ଆପଣ ହିଁ ଅଟନ୍ତି । "ଅବସ୍ୟୂରସି ଦୁବସ୍ୱାନ୍" ଆପଣ ସ୍ୱ ଧର୍ମାତ୍ମାଭକ୍ତଜନଙ୍କୁ ଉତ୍ତମ ଅନ୍ନାଦି ପଦାର୍ଥ ପ୍ରଦାନ କରିଥାନ୍ତି ଓ ପରିଚରଣୀୟ ବିଦ୍ୱଜ୍ଜନଙ୍କ ଦ୍ୱାରା ସେବନୀୟତମ ଅଟନ୍ତି । "ଶୁନ୍ଧ୍ୟୂରସି ମାର୍ଜାଲୀୟଃ" ଆପଣ ଶୁଦ୍ଧସ୍ୱରୂପ ନିଖିଳ

ଜଗତର ଶୋଧକ ଓ ପାପ ନିବାରକ ଅଟନ୍ତି; ଅନ୍ୟ କେହି ନୁହେଁ । "ସମ୍ରାଡ଼ସି କୃଶାନୁଃ" ଆପଣ ମହାରାଜାଧିରାଜ ତଥା ଦୀନଦୁଃଖୀଜନଙ୍କ ପ୍ରାଣାଧାର ଓ ସୁଖଦାତା ଅଟନ୍ତି । "ପରିଷଦ୍ୟୋସି ପବମାନଃ" ହେ ନ୍ୟାୟକାରିନ୍ ! ପବିତ୍ର ପରମେଶ୍ୱର ସଭାର ଆଜ୍ଞାପକ ସଭ୍ୟ ସଭାପତି ସଭାପ୍ରିୟ ସଭାର ରକ୍ଷକ ଆପଣ ଅଟନ୍ତି ତଥା ପବିତ୍ର ସ୍ୱରୂପ ପବିତ୍ର କାରକ ସଭାର ସୁଖଦାୟକ ପବିତ୍ରପ୍ରିୟ ଆପଣହିଁ ଅଟନ୍ତି । ତଥା "ନଭୋଽସି ପ୍ରତକ୍ୱା" ହେ ନିର୍ବିକାର ; ଆପଣ ଆକାଶ ସଦୃଶ କ୍ଷୋଭରହିତ ଅତିସୂକ୍ଷ୍ମ ହେତୁ ଆପଣଙ୍କ ନାମ ନଭ ଓ "ପ୍ରତକ୍ୱା" ସର୍ବଜ୍ଞାତା ଅଟେ । ଆପଣହିଁ ଯଥାର୍ଥତଃ ମାନବଙ୍କୁ ସ୍ୱକର୍ମାନୁସାରେ ପାପ-ପୁଣ୍ୟର ଫଳ ପ୍ରଦାନ କରିଥାନ୍ତି; ଅନ୍ୟ କେହି ନୁହନ୍ତି । "ମୃଷ୍ଟୋସି ହବ୍ୟସୂଦନଃ" ମୃଷ୍ଟ ଶୁଦ୍ଧସ୍ୱରୂପ ସମସ୍ତ ପାପରାଶିର ମାର୍ଜକ, ଶୋଧକ ତଥା "ହବ୍ୟସୂଦନଃ" ମିଷ୍ଟ, ସୁଗନ୍ଧ, ରୋଗନାଶକ, ପୁଷ୍ଟିକାରକ, ଦ୍ରବ୍ୟଦ୍ୱାରା ବାୟୁ-ବୃଷ୍ଟିର ସଂଶୋଧନକର୍ତ୍ତା ଆପଣହିଁ ଅଟନ୍ତି ତଥା ଏହି ସମସ୍ତ ବସ୍ତୁର ବିଭାଗକର୍ତ୍ତା ମଧ୍ୟ ଆପଣ ଅଟନ୍ତି, ଅତଏବ ଆପଣଙ୍କ ନାମ "ହବ୍ୟସୂଦନ" ଅଟେ । "ଋତୁଧାମାସି ସ୍ୱର୍ଜ୍ୟୋତିଃ" ହେ ଭଗବନ୍ ! ଆପଣଙ୍କ ଧାମ ସ୍ଥାନ ସର୍ବଗତ ସତ୍ୟ ଓ ଯଥାର୍ଥ ସ୍ୱରୂପ ଅଟେ । ଯଥାର୍ଥ (ସତ୍ୟ) ବ୍ୟବହାରରେ ହିଁ ଆପଣ ବାସ କରିଥାନ୍ତି । "ସ୍ୱଃ" ଆପଣ ସୁଖ-ସ୍ୱରୂପ, ସୁଖକାରକ ତଥା "ଜ୍ୟୋତିଃ" ସ୍ୱପ୍ରକାଶ ଓ ସୁଖ-ପ୍ରକାଶକ ଅଟନ୍ତି ।।୧୭।।

"ସମୁଦ୍ରୋଽସି ବିଶ୍ୱବ୍ୟଚାଃ" ହେ ଦ୍ରବଣୀୟସ୍ୱରୂପ ! ଆପଣଙ୍କ ସତ୍ତା ପ୍ରତ୍ୟେକ ଲୋକ-ଲୋକାନ୍ତରରେ ରହିଛି, ଆପଣ ସମସ୍ତଙ୍କ କାରଣ ଅଟନ୍ତି ତଥା ସ୍ୱୀୟ ଇକ୍ଷଣଶକ୍ତି ଦ୍ୱାରା ଏହି ଜଗତ୍‌କୁ ବିସ୍ତୃତ କରିଅଛନ୍ତି । ଏଣୁ ଆମେମାନେ ଆପଣଙ୍କୁ "ବିଶ୍ୱବ୍ୟଚାଃ" ନାମରେ ଆହ୍ୱାନ କରୁଁ । "ଅଜୋଽସ୍ୟେକପାତ୍" ଆପଣ କେବେହେଲେ ଜନ୍ମଗ୍ରହଣ କରନ୍ତି ନାହିଁ, ଏହି ସୁବିଶାଳ ଜଗତ୍ ଆପଣଙ୍କ କିଞ୍ଚିତ୍ ମାତ୍ର ଏକ ଦେଶ ଅଟେ, ଆପଣ ଅଟନ୍ତି ଅନନ୍ତ । "ଅହିରସି ବୁଧ୍ନ୍ୟଃ" ଆପଣ ହୀନତ୍ୱକୁ କେବେହେଲେ ପ୍ରାପ୍ତ ହୁଅନ୍ତି ନାହିଁ, ଏହି ଜଗତର ମୂଳକାରଣ ଓ ଅନ୍ତରୀକ୍ଷରେ ମଧ୍ୟ ଆପଣହିଁ ପରିପୂର୍ଣ୍ଣ ଅଛନ୍ତି । "ବାଗସ୍ୟୈନ୍ଦ୍ରମସି ସଦୋସି" ସମସ୍ତ ଶାସ୍ତ୍ରର ଉପଦେଶ, ଅନନ୍ତବିଦ୍ୟାସ୍ୱରୂପ ହେତୁ ଆପଣ ବାକ୍ ଅଟନ୍ତି,



ପରମୈଶ୍ୱର୍ଯ୍ୟସ୍ୱରୂପ ବିଜ୍ଞଜନଙ୍କ ମଧ୍ୟରେ ଅତ୍ୟନ୍ତ ଶୋଭାୟମାନ ହେତୁ ଆପଣ ଐନ୍ଦ୍ର ଅଟନ୍ତି । ଏହି ସଂସାର ଆପଣଙ୍କ ଉପରେ ସ୍ଥିତ, ଅତଏବ ଆପଣ ସଦଃ (ସଭାସ୍ୱରୂପ) ଅଟନ୍ତି । "ଋତସ୍ୟ ଦ୍ୱାରୌ ମା ମା ସନ୍ତପ୍ତମ୍" ସତ୍ୟବିଦ୍ୟା ଏବଂ ଧର୍ମ ଏଇ ଦୁଇଟି ମୋକ୍ଷସ୍ୱରୂପ ଆପଣଙ୍କ ପ୍ରାପ୍ତି ମାର୍ଗ (ଦ୍ୱାର) ଅଟନ୍ତି, ସତ୍ୟବିଦ୍ୟା ଏବଂ ଧର୍ମ ଆମପାଇଁ ସର୍ବଦା ସୁଖସ୍ୱରୂପ ହେଉ, ଯେପରିକି, ଆମେ ଆପଣଙ୍କୁ ସରଳତା ପୂର୍ବକ ଉପଲବ୍ଧି କରି ପାରିବୁ । "ଅଧ୍ୱନାମିତ୍ୟାଦି" ହେ ଅଧ୍ୱପତେ ! ପରମାର୍ଥ ଏବଂ ବ୍ୟବହାର ଏବଂ ବ୍ୟବହାର ମାର୍ଗ ମୋ ପାଇଁ କଦାପି କ୍ଲେଶ ଦାୟକ ନ ହେଉ, ବରଂ ତାହା ସର୍ବଦା ସ୍ୱସ୍ତି (ଆନନ୍ଦପ୍ରଦ) ହେଉ । ଏହାହିଁ ଆପଣଙ୍କଠାରେ କ୍ଷୁଦ୍ର ପ୍ରାର୍ଥନା ଓ ଅଭ୍ୟର୍ଥନା । ପ୍ରଭୋ ! ଦୁଃଖ-ଜଞ୍ଜାଳରୁ ମୋତେ ଦୂରେଇ ରଖ ।।୧୮।।

--ସ୍ତୁତି--

**ଦେବକୃତସ୍ୟୈନସୋଽବୟଜନମସି । ମନୁଷ୍ୟକୃତସ୍ୟୈନସୋଽବୟଜନମସି**
**ପିତୃକୃତସ୍ୟୈନସୋଽବୟଜନମସି । ଆତ୍ମକୃତସ୍ୟୈନସୋଽବୟଜନମସି ।**
**ଏନ ସ ଏନସୋଽବୟଜନମସି । ଯଚ୍ଚାବିଦ୍ୱାଂସ୍ତସ୍ୟ ସର୍ବସ୍ୟୈନସୋଽବୟଜନମସି ।।୧୯।।**

(ଯଜୁଃ.୮/୧୩)

**ବ୍ୟାଖ୍ୟା :-** ହେ ସର୍ବପାପବିନାଶକ ! 'ଦେବକୃତ' ଇନ୍ଦ୍ରିୟ, ବିଦ୍ୱାନ୍ ଏବଂ ଦିବ୍ୟଗୁଣଯୁକ୍ତ ମାନବର ଦୁଃଖରାଶିକୁ ଆପଣହିଁ ଭସ୍ମୀଭୂତ କରିଥାନ୍ତି, ଅନ୍ୟକେହି ନୁହେଁ । ମନୁଷ୍ୟ (ମଧ୍ୟସ୍ଥଜନ) ପିତୃ (ପରମ ବିଦ୍ୟାଯୁକ୍ତ ଜନ) ଏବଂ 'ଆତ୍ମକୃତଂ' ଜୀବଗଣଙ୍କ ପାପସମୂହ ତଥା 'ଏନସ' ବୃହତ୍‌ରୁ ବୃହତ୍ତମ ପାପରାଶିରୁ ଆପଣ ଅବଯଜନ ଅଟନ୍ତି, ଅର୍ଥାତ୍ ସର୍ବଥା ପୃଥକ୍ ଅଟନ୍ତି । ମାନବ ସମାଜକୁ ମଧ୍ୟ ଆପଣ ହିଁ ପାପରୁ ଦୂରେଇ ରଖିଥାନ୍ତି । ଆପଣ ହିଁ ଏକମାତ୍ର ଆମର ଦୟାମୟ ପିତା । ହେ ମହାନନନ୍ତବିଦ୍ୟ ! ମୁଁ ଜ୍ଞାତ ବା ଅଜ୍ଞାତରେ ଯେଉଁ ସବୁ ପାପାଚରଣ କରିଛି- ସେ ସବୁର ଦୂର କର୍ତ୍ତା ଆପଣ ହିଁ ଅଟନ୍ତି । ଏହି ସଂସାରରେ ଆପଣ ହିଁ ଏକମାତ୍ର ଆମର ଶରଣ । ବିଭୋ ! ଆମ ହୃଦୟ ରାଜ୍ୟରୁ ଅବିଦ୍ୟାନ୍ଧକାର ଦୂର କରି ନିଖିଳ ପାପରାଶିକୁ ଭସ୍ମୀଭୂତ କରି ଶୁଦ୍ଧ

ପୂତ କରନ୍ତୁ ॥୧୯॥

--ସ୍ତୁତି--

**ହିରଣ୍ୟଗର୍ଭଃ ସମବର୍ତ୍ତତାଗ୍ରେ ଭୂତସ୍ୟ ଜାତଃ ପତିରେକ ଆସୀତ୍ ।**
**ସ ଦାଧାର ପୃଥିବୀଂ ଦ୍ୟାମୁତେମାଂ କସ୍ମୈ ଦେବାୟ ହବିଷା ବିଧେମ ॥୨୦॥**

(ଯଜୁଃ. ୧୩/ ୪)

**ବ୍ୟାଖ୍ୟା :-** ସୂର୍ଯ୍ୟାଦି ହିରଣ୍ୟର ଧାରକ ପରମେଶ୍ୱର ସୃଷ୍ଟି ପୂର୍ବରୁ ସଂପୂର୍ଣ୍ଣ ବ୍ରହ୍ମାଣ୍ଡର ଏକ ଅଦ୍ୱିତୀୟ ସ୍ୱାମୀ ରୂପରେ ଥିଲେ । ସେହି ପରମାତ୍ମା ପୃଥିବୀ ଠାରୁ ଆରମ୍ଭ କରି ପ୍ରକୃତି ପର୍ଯ୍ୟନ୍ତ ଜଗତକୁ ରଚନା କରି ଧାରଣ କରି ଅଛନ୍ତି, 'କସ୍ମୈ' (କଃ ପ୍ରଜାପତିଃ ! ପ୍ରଜାପତିର୍ବୈ କସ୍ତସ୍ମୈ ଦେବାୟ, ଶତପଥେ) ପ୍ରଜାପତି ଯେଉଁ ପରମାତ୍ମା ଅଟନ୍ତି, ସେହି ପରମାତ୍ମାଙ୍କ ପୂଜା ଉପାସନା ଆତ୍ମ ସମର୍ପଣ ପୂର୍ବକ କରିବା ଏକାନ୍ତ ଆବଶକ । ସର୍ବବ୍ୟାପକ ପରଂବ୍ରହ୍ମ ପରମାତ୍ମାଙ୍କ ଉପାସନା ଛାଡ଼ି ଅନ୍ୟର ଉପାସନା ଯିଏ କରନ୍ତି, ସେ ମହାନ୍ ଦୁଃଖ ସାଗରରେ ନିପତିତ ହୋଇଥାନ୍ତି ।ଏଣୁ ହେ ମାନବ ! ତୁମେ ସେହି ନିରାକାର ପରମାତ୍ମାଙ୍କ ଯଥାବତ୍ ଭକ୍ତି କର, ଅନ୍ୟଥା ତୁମେ ସୁଖ ଉପଲବ୍ଧି କରିପାରିବ ନାହିଁ ॥୨୦॥

--: ପ୍ରାର୍ଥନା :--

**ଇନ୍ଦ୍ରୋ ବିଶ୍ୱସ୍ୟ ରାଜତି । ଶନ୍ନୋଽସ୍ତୁ ଦ୍ୱିପଦେ ଶଂ ଚତୁଷ୍ପଦେ ।**
**ଶନ୍ନୋ ବାତଃ ପବତାଂ ଶଂ ନସ୍ତପାତୁ ସୂର୍ଯ୍ୟଃ ।**
**ଶନ୍ନଃ କନିକ୍ରଦଦ୍ଦେବଃ ପର୍ଜନ୍ୟୋଽଭିବର୍ଷତୁ ॥**
**ଅହାନିଶଂ ଭବନ୍ତୁ ନଃ ଶଂ ରାତ୍ରୀଃ ପ୍ରତିଧୀୟତାମ୍ ।**
**ଶଂନ୍ନ ଇନ୍ଦ୍ରାଗ୍ନି ଭବତାମବୋଭିଃ ଶନ୍ନ ଇନ୍ଦ୍ରାବରୁଣା ରାତହବ୍ୟା ।**
**ଶନ୍ନ ଇନ୍ଦ୍ରାପୂଷଣା ବାଜସାତୌ ଶମିନ୍ଦ୍ରାସୋମା ସୁବିତାୟ ଶଂୟୋଃ ॥୨୧/୨୨/୨୩॥**

(ଯଜୁଃ.୩୬/୮/୧୦/୧୧)

**ବ୍ୟାଖ୍ୟା :-** ହେ ଇନ୍ଦ୍ର ! ଆପଣ ପରମ ଐଶ୍ୱର୍ଯ୍ୟଯୁକ୍ତ ସକଳ ସଂସାରର ରାଜା



ଅଟନ୍ତି, ସର୍ବ ପ୍ରକାଶକ ଅଟନ୍ତି । ହେ ରକ୍ଷକ ! ଆପଣ ସଦୟ ହୋଇ ଆମର 'ଦ୍ୱିପଦେ' ସନ୍ତାନ-ସନ୍ତତି ପାଇଁ ପରମସୁଖଦାୟକ ହୁଅନ୍ତୁ ଏବଂ 'ଚତୁଷ୍ପଦେ' ହାତୀ, ଘୋଡ଼ା, ଗାଇ ଆଦି ପଶୁମାନଙ୍କର ମଧ୍ୟ ପରମସୁଖକାରକ ହୁଅନ୍ତୁ, ଯଦ୍ଦ୍ୱାରା ଆମେ ସର୍ବଦା ଆନନ୍ଦପୂର୍ବକ ଜୀବନନିର୍ବାହ କରିବାରେ ସାମର୍ଥ୍ୟବାନ୍ ହେବୁ ॥୨୧॥

ହେ ସର୍ବନିୟନ୍ତ ! ଆମପାଇଁ ସର୍ବଦା ସୁଖକାରକ, ଶୀତଳ, ମନ୍ଦ-ସୁଗନ୍ଧ ବାୟୁ ପ୍ରବାହିତ ହେଉ, ସୂର୍ଯ୍ୟ ମଧ୍ୟ ସୁଖଦ ଆଲୋକ ପ୍ରଦାନ କରନ୍ତୁ । ମେଘ ସୁଖମୟ ଶବ୍ଦ (ଗର୍ଜନ) ପୂର୍ବକ ଋତୁ ଅନୁସାରେ ଜଳ-ବର୍ଷଣ କରୁ । ପ୍ରଭୋ ! ସମସ୍ତ ବସ୍ତୁ ଯଥାଯଥଭାବେ ସ୍ୱକୀୟ କର୍ତ୍ତବ୍ୟ ପାଳନ କରନ୍ତୁ, ଯଦ୍ଦ୍ୱାରା ଆମେ ଆପଣଙ୍କ କୃପାଭାଜନ ହୋଇ ସର୍ବଦା ସୁଖ-ଭୋଗ କରିପାରିବୁ ॥୨୨॥

ହେ କ୍ଷଣାଦିକାଳପତେ ! ଆପଣଙ୍କ ନିୟମାନୁସାରେ ପ୍ରତ୍ୟେକ ଦିବସ ଆମପାଇଁ ସୁଖ-ସ୍ୱରୂପ ହେଉ । ରଜନୀ ମଧ୍ୟ ଆମୋଘ-ଆନନ୍ଦ ନେଇ ଅତିବାହିତ ହେଉ । ହେ ଭଗବନ୍ ! ଦିବସ-ରଜନୀ ଉଭୟକୁ ସୁଖକାରକରୂପେ ଆମକୁ ପ୍ରଦାନ କରନ୍ତୁ, ଯେପରିକି ଆମେ ସର୍ବଦା ଆନନ୍ଦ-ରସାସ୍ୱାଦନ କରିପାରିବୁ । ହେ ସର୍ବସ୍ୱାମିନ୍ ! 'ଇନ୍ଦ୍ରାଗ୍ନି' ସୂର୍ଯ୍ୟ ଏବଂ ଅଗ୍ନି ଆପଣଙ୍କ ଅନୁଗ୍ରହରେ ନାନାବିଧ ରକ୍ଷଣ ଦ୍ୱାରା ସୁଖକାରକ ହୁଅନ୍ତୁ । 'ଇନ୍ଦ୍ରାବରୁଣା ରାତହବ୍ୟା' ହେ ପ୍ରାଣାଧାର ! ଆପଣଙ୍କ ସତ୍‌ପ୍ରେରଣାରେ ଯଜ୍ଞଦ୍ୱାରା ଶୁଦ୍ଧି ଗୁଣଯୁକ୍ତ ବାୟୁ ଏବଂ ଚନ୍ଦ୍ରମା ସର୍ବଦା ସୁଖଦାୟକ ହୁଅନ୍ତୁ । 'ଇନ୍ଦ୍ରାପୂଷଣା ବାଜସାତୌ' ହେ ପ୍ରାଣପତେ ! ଆପଣଙ୍କ ରକ୍ଷଣାବେକ୍ଷଣ ଦ୍ୱାରା ଆମ୍ଭେମାନେ ପୂର୍ଣ୍ଣ ଆୟୁ ବଳଯୁକ୍ତ ପ୍ରାଣୀ ହୋଇ ସ୍ୱକୀୟ ଅତ୍ୟନ୍ତ ପୁରୁଷାର୍ଥ ସଂପନ୍ନ ଯୁଦ୍ଧରେ ସ୍ଥିରହୋଇ ରହିବୁ, ଯେପରିକି ଶତ୍ରୁଗଣଙ୍କ ସମ୍ମୁଖରେ ସର୍ବଦା ନିର୍ଭିକ ହେବୁ । 'ଇନ୍ଦ୍ରାସୋ ମା ସବିତାୟ ଶଂୟୋଃ' (ପ୍ରାଣାପାନୌ ବା ଇନ୍ଦ୍ରାଗ୍ନୀ ଇତ୍ୟାତି ଶତପଥେ) ହେ ମହାମହିମ ! ଆପଣଙ୍କ ଶାଶ୍ୱତ ବ୍ୟବସ୍ଥାଦ୍ୱାରା ରାଜା ଏବଂ ପ୍ରଜା ପରସ୍ପର ବିଦ୍ୟାଦି ସତ୍ୟଗୁଣଯୁକ୍ତ ହୋଇ ସର୍ବଦା ସ୍ୱୀୟ ଐଶ୍ୱର୍ଯ୍ୟର ଉତ୍ପାଦନ କରନ୍ତୁ ଓ ଆପଣଙ୍କ ଅନୁଗ୍ରହରେ ହିଁ ସେମାନେ ପରସ୍ପର ମଧ୍ୟରେ ପ୍ରୀତିଡୋରରେ ବାନ୍ଧି ହୁଅନ୍ତୁ । ହେ ପ୍ରଭୋ ! ଆପଣ ଆମ ଉପରେ ସର୍ବଦା ସ୍ୱୀୟ କୃପାବାରି ବର୍ଷଣ କରନ୍ତୁ,

ଯଦ୍ଦ୍ୱାରା ଆପଣଙ୍କ ସନ୍ତାନ-ସନ୍ତତି ଆମେ ପ୍ରସନ୍ନତା ପୂର୍ବକ କାଳାତିପାତ କରି ଆପଣଙ୍କ ଆଜ୍ଞାପାଳନରେ ସର୍ବଦା ତତ୍ପର ହୋଇ ରହିବୁ ॥୨୩॥

--**ସ୍ତୁତି**--

**ପ୍ର ତଦ୍‌ବୋଚେଦମୃତଂ ନୁବିଦ୍ୱାନ୍ ଗନ୍ଧର୍ବୋଧାମ ବିଭୃତଂ ଗୁହାସତ୍ ।**
**ତ୍ରୀଣି ପଦାନି ନିହିତା ଗୁହାସ୍ୟ ଯସ୍ତାନି ବେଦ ସପିତୁଃ ପିତାଽସତ୍ ॥୨୪॥**

(ଯଜୁଃ.୩୨ / ୯)

**ବ୍ୟାଖ୍ୟା :-** ହେ ବେଦାଦି ଶାସ୍ତ୍ର ଓ ବିଦ୍ୱଜ୍ଜନଙ୍କ ପ୍ରତିପାଦକ ଈଶ୍ୱର ! ଆପଣ ହେଉଛନ୍ତି ଅମୃତ (ମରଣାଦି ଦୋଷରହିତ) ମୁକ୍ତିରଧାମ, ସର୍ବବ୍ୟାପକ, ସର୍ବଧାରକ, ସର୍ବପୋଷକ, ବୁଦ୍ଧିର ଅନ୍ତଃସାକ୍ଷୀ ପରଂବ୍ରହ୍ମ ଆପଣଙ୍କ ଉପଦେଶ ତଥା ଧାରଣକୁ ଯେଉଁ ବିଦ୍ୱାନ୍ ଜାଣନ୍ତି, ତାଙ୍କୁ ଗନ୍ଧର୍ବ କୁହାଯାଏ । (ଗଚ୍ଛତୀତି ଗଂ ବ୍ରହ୍ମ, ତଦ୍ଧରତୀତି ସ ଗନ୍ଧର୍ବଃ)ସର୍ବବ୍ୟାପକ ପରଂବ୍ରହ୍ମଙ୍କୁ ଯିଏ ଧାରଣ କରନ୍ତି, ସେ ହେଉଛନ୍ତି ଗନ୍ଧର୍ବ । ପରମାତ୍ମନ୍ ! ଆପଣ ହିଁ ଏହି ଜଗତର ଉତ୍ପତ୍ତି, ସ୍ଥିତି ଓ ପ୍ରଳୟକର୍ତ୍ତା ଅଟନ୍ତି । ଯେଉଁ ବିଦ୍ୱଜ୍ଜନ ପରମେଶ୍ୱରଙ୍କୁ ନିଜ ହୃଦୟମନ୍ଦିରରେ ହୃଦୟଙ୍ଗମ କରନ୍ତି ସେ ହେଉଛନ୍ତି ବିଦ୍ୱାନ୍‌ମାନଙ୍କ ମଧ୍ୟରେ ପରମବିଦ୍ୱାନ୍ ॥୨୪॥

--**ସ୍ତୁତି**--

**ଓ୩ମ୍ ଦ୍ୟୌଃ ଶାନ୍ତିରନ୍ତରିକ୍ଷଂ ଶାନ୍ତିଃ ପୃଥିବୀ ଶାନ୍ତିରାପଃ ଶାନ୍ତିରୋଷଧୟଃ ଶାନ୍ତିଃବନସ୍ପତୟଃ ଶାନ୍ତିର୍ବିଶ୍ୱେଦେବାଃ ଶାନ୍ତିର୍ବ୍ରହ୍ମ ଶାନ୍ତିଃ ସର୍ବଂ ଶାନ୍ତିଃ ଶାନ୍ତିରେବ ଶାନ୍ତିଃ ସା ମା ଶାନ୍ତିରେଧି ॥୨୫॥** (ଯଜୁଃ.୩୬.୧୭)

**ବ୍ୟାଖ୍ୟା :-** ହେ ସର୍ବଦୁଃଖ ନାଶକ ଶାନ୍ତିପ୍ରଦ ପରମାତ୍ମନ୍ ! ଆକାଶ ମଣ୍ଡଳ ଆମପାଇଁ ଶାନ୍ତି (ନିରୁପଦ୍ରବ) ସୁଖକାରକ ହେଉ । ହେ ସର୍ବଶକ୍ତିମାନ୍ ପରମାତ୍ମନ୍ ! ଅନ୍ତରିକ୍ଷ ମଧ୍ୟସ୍ଥ ଲୋକ, ତତ୍ରସ୍ଥ ବାୟୁ ଆଦି ପଦାର୍ଥ, ପୃଥିବୀ, ପୃଥିବୀସ୍ଥ ପଦାର୍ଥ, ଜଳ, ଜଳସ୍ଥ ପଦାର୍ଥ, ଔଷଧି, ତତ୍ରସ୍ଥଗୁଣ, ବନସ୍ପତି, ତତ୍ରସ୍ଥ ପଦାର୍ଥ, ବିଶ୍ୱଦେବ (ସଂସାରର ସମସ୍ତ ବିଦ୍ୱାନ୍), ବିଶ୍ୱଦ୍ୟୋତକ ବେଦମନ୍ତ୍ର, ଇନ୍ଦ୍ରିୟ, ସୂର୍ଯ୍ୟାଦି, ସୂର୍ଯ୍ୟକିରଣ, ତତ୍ରସ୍ଥ ଗୁଣ,



ବ୍ରହ୍ମ, ପରମାତ୍ମା, ବେଦଶାସ୍ତ୍ର, ସ୍ଥୂଳ ଓ ସୂକ୍ଷ୍ମ, ଚରାଚରଜଗତ୍ ଏସମସ୍ତ ପଦାର୍ଥ ଆପଣଙ୍କ କୃପାବାରି ଦ୍ୱାରା ଶାନ୍ତ (ନିରୁପଦ୍ରବ) ସର୍ବଦା ସତ୍ୟାନୁକୂଳ ଓ ସୁଖଦାୟକ ହୁଅନ୍ତୁ । ପ୍ରଭୋ ! ମୋତେ ଶାନ୍ତି ପ୍ରଦାନ କର, ଆପଣଙ୍କର କୃପାବାରି ବର୍ଷଣ କରି ମୋ ଭିତରେ ଶାନ୍ତି ପ୍ରଦାନ କରନ୍ତୁ । ସେମାନଙ୍କ ଭିତରେ ଥିବା ଦୁଷ୍ଟ କ୍ରୋଧ ଉପଦ୍ରବ ରହିତ ହୁଅନ୍ତୁ ॥୨୫॥

--: **ସ୍ତୁତି** :--

**ଓ୩ମ୍ ନମଃ ଶମ୍ଭବାୟ ଚ ମୟୋଭବାୟ ଚ ନମଃ ଶଙ୍କରାୟ ଚ ମୟସ୍କରାୟ ଚ ନମଃ ଶିବାୟ ଚ ଶିବତରାୟ ଚ ॥ ୨୬॥** (ଯଜୁଃ.୧୬/୪୧)

**ବ୍ୟାଖ୍ୟା :-** ହେ କଲ୍ୟାଣସ୍ୱରୂପ, କଲ୍ୟାଣକର ! ଆପଣ ସଂଭବ ଅଟନ୍ତି (ମୋକ୍ଷ ସ୍ୱରୂପ ଓ ମୋକ୍ଷ ସୁଖକାରକ) ଆପଣଙ୍କୁ ଜଣାଉଁ ନମସ୍କାର । ଆପଣ ମୟୋଭବ ଅଟନ୍ତି, ହେ ସାଂସାରିକ ସକଳ-ସୁଖ ପ୍ରଦାତା ନମସ୍କାର ଘେନ । ଆପଣ ଶଙ୍କର ଅଟନ୍ତି, ଆପଣ ସକଳ ଜୀବଗଣଙ୍କ କଲ୍ୟାଣସାଧନ କରିଥାନ୍ତି ; ଅନ୍ୟ କେହି ନୁହେଁ । ମୟସ୍କର ଅର୍ଥାତ୍ ମନ, ଇନ୍ଦ୍ରିୟ, ପ୍ରାଣ ଓ ଆତ୍ମାକୁ ସୁଖ ପ୍ରଦାନ ଆପଣ ହିଁ କରାଇଥାନ୍ତି । ଆପଣ ଶିବ (ମଙ୍ଗଳମୟ) ଅଟନ୍ତି ତଥା ଶିବତର (ଅତ୍ୟନ୍ତ କଲ୍ୟାଣସ୍ୱରୂପ ଓ କଲ୍ୟାଣକାରକ) ଅଟନ୍ତି । ଏଣୁ ଆମ୍ଭେମାନେ ବାରମ୍ବାର ନମସ୍କାର ଜଣାଉଁ । (ନମୋ ନମ ଇତି ଯଜ୍ଞଃ, ଶତପଥେ) ଯେଉଁ ବ୍ୟକ୍ତି ଶ୍ରଦ୍ଧା, ଭକ୍ତି ସହିତ ଈଶ୍ୱରଙ୍କୁ ନମସ୍କାର କରନ୍ତି, ତାଙ୍କର କାମନା ମଙ୍ଗଳମୟ ହୋଇଥାଏ ॥୨୬॥

--: **ସ୍ତୁତି** :--

**ଭଦ୍ରଂ କର୍ଣ୍ଣେଭିଃ ଶୃଣୁୟାମ ଦେବା ଭଦ୍ରଂ ପଶ୍ୟେମାକ୍ଷଭିର୍ୟଜତ୍ରାଃ ।**
**ସ୍ଥିରୈରଙ୍ଗୈସ୍ତୁଷ୍ଟୁବାଂସସ୍ତନୂଭିର୍ବ୍ୟଶେମହି ଦେବହିତଂ ଯଦାୟୁଃ ॥୨୭॥**

(ଯଜୁଃ.୨୫/୨୧)

**ବ୍ୟାଖ୍ୟା :-** ହେ ଦେବ ଦେବେଶ୍ୱର ! ଦେବ ବିଦ୍ୱାନ୍‌ଗଣ ! ଆମ୍ଭେମାନେ ସର୍ବଦା କର୍ଣ୍ଣରେ ଭଦ୍ର କଲ୍ୟାଣ-ବାଣୀ ଶ୍ରବଣ କରୁ, କ୍ଷତିକାରକ ବଚନ କଦାପି ଶ୍ରବଣ କରିବୁ ନାହିଁ । ହେ ଯଜନୀୟେଶ୍ୱର ! ହେ ଯଜ୍ଞକର୍ତ୍ତାଗଣ ! ଆମେ ଚକ୍ଷୁଦ୍ୱାରା ସର୍ବଦା

(ମଙ୍ଗଳମୟ) କଲ୍ୟାଣ ଦେଖୁ, ହେ ଜଗଦୀଶ୍ୱର ! ଆମ୍ଭମାନଙ୍କର ପ୍ରତ୍ୟେକ ଅଙ୍ଗ ଉପାଙ୍ଗ (ଶ୍ରୋତ୍ରାଦି ଇନ୍ଦ୍ରିୟ ତଥା ସେନାଦି ଉପାଙ୍ଗ) ସ୍ଥିର ଏବଂ ସୁଦୃଢ଼ ହେଉ, ଯଦ୍ୱାରା ଆମେ ସ୍ଥିରତାପୂର୍ବକ ଆପଣଙ୍କ ସ୍ତୁତି ଉପାସନା ଏବଂ ଆଜ୍ଞାପାଳନ ରୂପ ଅନୁଷ୍ଠାନ ସର୍ବଦା କରିବାରେ ସକ୍ଷମ ହେବୁ । ଆମ୍ଭେମାନେ ଆତ୍ମା, ଶରୀର ଇନ୍ଦ୍ରିୟ, ଓ ବିଦ୍ୱଜ୍ଜନଙ୍କ ହିତକର ଆୟୁକୁ ନାନାବିଧ ସୁଖପୂର୍ବକ ଉପଲବ୍ଧି କରୁଁ ଅର୍ଥାତ୍ ଆମେ ସର୍ବଦା ଆନନ୍ଦପୂର୍ବକ ରହିବୁ ॥୨୭॥

--: **ସ୍ତୁତି** :--

**ବ୍ରହ୍ମ ଜଜ୍ଞାନଂ ପ୍ରଥମଂ ପୁରସ୍ତାଦ୍ୱିସୀମତଃ ସୁରୁଚୋ ବେନ ଆବଃ ।**
**ସବୁଧ୍ନ୍ୟା ଉପମା ଅସ୍ୟ ବିଷ୍ଠାଃ ସତଶ୍ଚ ଯୋନିମସତଶ୍ଚ ବିବଃ ॥୨୮॥**

(ଯଜୁଃ. ୧୩/୩)

**ବ୍ୟାଖ୍ୟା :-** ହେ ମହନୀୟ ପରମେଶ୍ୱର ! ଆପଣ ହେଉଛନ୍ତି ବୃହତ୍‌ରୁ ବୃହତ୍ତମ । ଆପଣଙ୍କଠାରୁ ବଡ଼ ଓ ଆପଣଙ୍କ ତୁଲ୍ୟ ଅନ୍ୟ କେହି ନାହାନ୍ତି । 'ଜଜ୍ଞାନଂ' ସଂପୂର୍ଣ୍ଣ ବ୍ରହ୍ମାଣ୍ଡରେ ଆପଣ ଅଟନ୍ତି ବ୍ୟାପକ । ଏହି ଜଗତର ଆପଣ ହେଉଛନ୍ତି ସର୍ବପ୍ରଥମ ଆଦିକାରଣ । ସୂର୍ଯ୍ୟାଦି ସମସ୍ତ ଲୋକ 'ସୀମତଃ' ପରିଧି-ସଂପୃକ୍ତ (ମର୍ଯ୍ୟାଦାଯୁକ୍ତ) ହୋଇ 'ସୁରୁଚଃ' ଆପଣଙ୍କ ଦ୍ୱାରା ପ୍ରକାଶିତ ହୋଇଥାନ୍ତି । 'ପୁରସ୍ତାତ୍' ପୂର୍ବେ ଏହାକୁ ସର୍ଜନା କରି ଧାରଣ କରି ଅଛନ୍ତି । (ବ୍ୟାବଃ) ଏହି ସମସ୍ତ ଲୋକ-ଲୋକାନ୍ତରକୁ ବିବିଧ ନିୟମାନୁସାରେ ପୃଥକ୍-ପୃଥକ୍ ଯଥାଯୋଗ୍ୟ ଚଳାଉଛନ୍ତି । 'ବେନଃ' ଆପଣ ଆନନ୍ଦସ୍ୱରୂପ ଅଟନ୍ତି- ଏଣୁ ସଂସାରର ପ୍ରତ୍ୟେକ ମନୁଷ୍ୟ ଆପଣଙ୍କ ଉପଲବ୍ଧି କାମନା କରନ୍ତି । ଆପଣ ହେଉଛନ୍ତି ଅନନ୍ତ ବିଦ୍ୟା ସଂପନ୍ନ । ସମସ୍ତଙ୍କର ରକ୍ଷକ ଆପଣ ହିଁ ଅଟନ୍ତି । ସେହି ପରମାତ୍ମା 'ବୁଧ୍ନ୍ୟାଃ' ଅନ୍ତରିକ୍ଷ ପର୍ଯ୍ୟନ୍ତ ସମସ୍ତ ଦିଶାଦି ପଦାର୍ଥକୁ 'ବିବଃ' ବିବୃତ (ବିଭକ୍ତ) କରିଥାନ୍ତି । ସେ ଅନ୍ତରିକ୍ଷାଦିରେ ଉପମା ସମସ୍ତ ବ୍ୟବହାରରେ କୁଶଳ ତଥା ବିଭିନ୍ନ ଲୋକଲୋକାନ୍ତର (ଜଗତ) ର ନିବାସ ସ୍ଥାନ ଅଟନ୍ତି । 'ସତ୍' ବିଦ୍ୟମାନ ସ୍ଥୂଳଜଗତ୍ 'ଅସତ୍' ଅବିଦ୍ୟା ଚକ୍ଷୁଆଦି ଇନ୍ଦ୍ରିୟଗଣ ଦ୍ୱାରା ଅଗୋଚର ଏହି ବିବିଧ ଜଗତର ଯୋନି



ଆଦିକାରଣ ଆପଣ ହିଁ ଅଟନ୍ତି । ଏହା ହେଉଛି ବେଦ ଶାସ୍ତ୍ର ଏବଂ ବିଦ୍ୱତ୍‌ଗଣଙ୍କ ଅଭ୍ରାନ୍ତ ମତ । ତେଣୁ ଆପଣହିଁ ଏଇ ଜଗତର ଏକମାତ୍ର ମାତାପିତା ଅଟନ୍ତି, ଆମର ପୂଜନୀୟ-ଭଜନୀୟ ଓ ଆରାଧ୍ୟ ଦେବ ମଧ୍ୟ ଅଟନ୍ତି ॥୨୮॥

--: **ପ୍ରାର୍ଥନା** :--

**ସୁମିତ୍ରିୟା ନ ଆପ ଓଷଧୟଃ ସନ୍ତୁ । ଦୁର୍ମିତ୍ରିୟାସ୍ତସ୍ମୈ ସନ୍ତୁ ଯୋଽସ୍ମାନ୍**
**ଦ୍ୱେଷ୍ଟି ଯଞ୍ଚ ବୟଂ ଦ୍ୱିଷ୍ମଃ ॥୨୯॥** (ଯଜୁଃ. ୬/୨୧,୩୬,୨୩)

**ବ୍ୟାଖ୍ୟା :-** ହେ ସର୍ବମିତ୍ର ସଂପାଦକ ! ଆପଣଙ୍କ କୃପାକଟାକ୍ଷ ଦ୍ୱାରା ପ୍ରାଣ, ଜଳ, ବିଦ୍ୟା ଏବଂ ଔଷଧି 'ସୁମିତ୍ରିୟା' ଆମପାଇଁ ସୁଖଦାୟକ ହୁଅନ୍ତୁ । ପୁନଶ୍ଚ ଯେଉଁ ଦୁଷ୍ଟ ବ୍ୟକ୍ତି ଆମ ଠାରେ ଦ୍ୱେଷ କରନ୍ତି, ଶତ୍ରୁତା ଆଚରଣ କରନ୍ତି, ଏବଂ ଯେଉଁ ଦୁଷ୍ଟଙ୍କ ସହିତ ଆମ୍ଭେ ଦ୍ୱେଷ ଭାବପୋଷଣ କରିଥାଉଁ, ସେମାନଙ୍କ ପାଇଁ ପୂର୍ବୋକ୍ତ ପ୍ରାଣାଦି ପ୍ରତିକୂଳ ଏବଂ ଦୁଃଖଦାୟକ ହେଉ । ଅର୍ଥାତ୍ ଯେଉଁମାନେ ଅଧର୍ମାଚରଣ କରନ୍ତି, ସେମାନଙ୍କ ପାଇଁ ଆପଣଙ୍କ ରଚିତ ଜଗତର ପଦାର୍ଥ ଦୁଃଖଦାୟକ ହୁଅନ୍ତୁ । ତଦ୍ୱାରା କୌଣସି ବ୍ୟକ୍ତି ଅଧର୍ମାଚରଣ ପାଇଁ ପ୍ରବୃତ୍ତ ହେବେ ନାହିଁ ଓ ଭଦ୍ର ବ୍ୟକ୍ତିମାନଙ୍କୁ ତାଡ଼ନା ମଧ୍ୟ ଦେଇ ପାରିବେ ନାହିଁ । ପ୍ରଭୋ ! ଆମ୍ଭମାନଙ୍କୁ ସର୍ବଦା ସୁଖରେ ରଖନ୍ତୁ ॥୨୯॥

--: **ପ୍ରାର୍ଥନା** :--

**ୟ ଇମା ବିଶ୍ୱା ଭୁବନାନି ଜୁହ୍ୱଦୃଷିର୍ହୋତା ନ୍ୟସୀଦତ୍ ପିତା ନଃ ।**
**ସ ଆଶିଷା ଦ୍ରବିଣମିଚ୍ଛମାନଃ ପ୍ରଥମଚ୍ଛଦବରାଂ ଆବିବେଶ ॥୩୦॥**

(ଯଜୁଃ. ୧୭/୧୭)

**ବ୍ୟାଖ୍ୟା :-** 'ହୋତା' ପରମପିତା ପରମାତ୍ମା ହିଁ ଏଇ ଦୁନିଆଁର ସ୍ରଷ୍ଟା ଏବଂ ପ୍ରଳୟକର୍ତ୍ତା ଅଟନ୍ତି, । "ଋଷିଃ" ସର୍ବଜ୍ଞ ସମସ୍ତଲୋକଲୋକାନ୍ତର ବିଶ୍ୱବ୍ରହ୍ମାଣ୍ଡକୁ ସ୍ୱ ଅସୀମ ସାମର୍ଥ୍ୟକାରଣରେ ହୋମ (ପ୍ରଳୟ କରି) 'ନ୍ୟସୀଦତ୍' ନିତ୍ୟ ଅବସ୍ଥିତ ଅଟନ୍ତି । ସେ ହେଉଛନ୍ତି ସମସ୍ତଙ୍କର ପିତା । 'ଦ୍ରବିଣ, ଆଶିଷା ଯେତେବେଳେ ସେ ଏଇ ଦ୍ରବ୍ୟରୂପ ଜଗତର ରଚନା ସ୍ୱେଚ୍ଛାପୂର୍ବକ କରିବା ପାଇଁ ଗୃହାନ୍ତି ସେତେବେଳେ ସ୍ୱ ଅସୀମ ସାମର୍ଥ୍ୟ

ବଳରେ ଯଥାଯୋଗ୍ୟ ବିବିଧ ଜଗତକୁ ସହଜ ସ୍ୱଭାବରେ ନିର୍ମାଣ କରିଥାନ୍ତି । ସେ ଏହି ଚରାଚର 'ପ୍ରଥମଚ୍ଛତ୍' ସୁବିସ୍ତୀର୍ଣ୍ଣ ଜଗତର ରଚନା କରି ଅନନ୍ତ ସ୍ୱରୂପରେ ଆଚ୍ଛାଦିତ କରିଥାନ୍ତି । ସେ ଅନ୍ତର୍ଯ୍ୟାମୀ ସାକ୍ଷୀସ୍ୱରୂପରେ ବାହାରେ ଭିତରେ ସବୁଠାରେ ପରିପୂର୍ଣ୍ଣ ହୋଇ ରହିଛନ୍ତି । ସେ ହେଉଛନ୍ତି ଆମର ପରମ ସହାୟକ ବନ୍ଧୁ ଓ ପାଳନକର୍ତ୍ତା ପିତା । ସେହି ସର୍ବଶକ୍ତିମାନ୍ ପରମେଶ୍ୱରଙ୍କ ସେବା ପରିତ୍ୟାଗ କରି ଯେଉଁ ମାନବ ମୂର୍ତ୍ତି ଆଦିର ସେବା ଶୁଶ୍ରୁଷା କରନ୍ତି ସେ କୃତଘ୍ନତାଦି ଅତ୍ୟନ୍ତଦୋଷଯୁକ୍ତ ହୋଇ ସର୍ବଦା ମହାଦୁଃଖାର୍ଣ୍ଣବରେ ନିପତିତ ହୋଇଥାନ୍ତି । ଯେଉଁ ମାନବ ପରମ ଦୟାମୟ ପରମପିତାଙ୍କ ଆଜ୍ଞାପାଳନରେ ତତ୍ପର ରହନ୍ତି, ସେ ସର୍ବଦା ସର୍ବାନନ୍ଦ ଉପଭୋଗ କରିଥାଆନ୍ତି ॥୩୦॥

--: **ପ୍ରାର୍ଥନା** :--

**ଇଷେ ପିନ୍ୱସ୍ୱ । ଊର୍ଜେ ପିନ୍ୱସ୍ୱ । ବ୍ରହ୍ମଣେ ପିନ୍ୱସ୍ୱ । କ୍ଷତ୍ରାୟ ପିନ୍ୱସ୍ୱ । ଦ୍ୟାବାପୃଥିବୀଭ୍ୟାଂ ପିନ୍ୱସ୍ୱ । ଧର୍ମାସି ସୁଧର୍ମ । ଅମେନ୍ୟସ୍ମେ ନୃମ୍ଣାନି ଧାରୟ ବ୍ରହ୍ମ ଧାରୟ ବିଶଂ ଧାରୟ ॥୩୧॥** (ଯଜୁଃ.୩୮/୧୪)

**ବ୍ୟାଖ୍ୟା :-** ହେ ସକଳସୁଖ ପ୍ରଦାତା ଈଶ୍ୱର ! ଆମକୁ ଉତ୍ତମ ଅନ୍ନ ଦ୍ୱାରା ପରିପୁଷ୍ଟ କରନ୍ତୁ ଓ ଅନ୍ନର ଅପଚନ ତଥା କୁପଚନ ରୋଗରୁ ସର୍ବଥା ଦୂରେଇ ରଖନ୍ତୁ ତଥା ଅନ୍ନ ଅଭାବ ଜନିତ ଦୁଃଖ କେବେହେଲେ ଦିଅନ୍ତୁ ନାହିଁ । ହେ ମହାବଳଶାଳୀ ! 'ଊର୍ଜେ' ଅତ୍ୟନ୍ତ ପରାକ୍ରମ ପାଇଁ ଆମକୁ ପରିପୁଷ୍ଟ କରନ୍ତୁ । ହେ ବେଦୋତ୍ପାଦକ ! 'ବ୍ରହ୍ମଣେ' ସତ୍ୟ ବେଦବିଦ୍ୟା ହେତୁ ବୁଦ୍ଧ୍ୟାଦି ସାମର୍ଥ୍ୟ ଦ୍ୱାରା ଆମକୁ ସଂପୃକ୍ତ କରି ଉତ୍ତମ ବଳ ପ୍ରଦାନ କରନ୍ତୁ । ହେ ମହାରାଜାଧିରାଜ ପରବ୍ରହ୍ମନ୍ ! "କ୍ଷତ୍ରାୟ" ଅଖଣ୍ଡ ଚକ୍ରବର୍ତ୍ତୀ ରାଜ୍ୟପାଇଁ ଶୌର୍ଯ୍ୟ, ଧୈର୍ଯ୍ୟ, ନୀତି, ବିନୟ, ପରାକ୍ରମ, ବଳ, ଉତ୍ତମ ଗୁଣ ସଂପନ୍ନ କରି ସର୍ବ ସାମର୍ଥ୍ୟଶାଳୀ କରନ୍ତୁ । ଯେପରି ଆମ୍ଭେମାନେ ସର୍ବଦା ସ୍ୱତନ୍ତ୍ର ରହିବୁ, କାହାରି ପରାଧୀନତା କେବେ ମଧ୍ୟ ସ୍ୱୀକାର କରିବୁ ନାହିଁ, ଏଇ ବର ଟିକିକ ପ୍ରଦାନ କରନ୍ତୁ । ହେ ସର୍ବପୃଥିବୀ ଈଶ ! 'ଦ୍ୟାବାପୃଥିବୀଭ୍ୟାମ୍' ସ୍ୱର୍ଗ (ପରମୋତ୍କୃଷ୍ଟ ମୋକ୍ଷସୁଖ) ପୃଥିବୀ (ସଂସାରିକ ସୁଖ) ଏହି ସୁଖ ଦ୍ୱୟ ଦ୍ୱାରା ଆମକୁ ଆପ୍ଲାବିତ କର । ହେ ସୁଷ୍ଟୁ ଧର୍ମଶୀଳ !



ତୁମେ ହେଉଛ ନ୍ୟାୟକାରୀ ଓ ଧୈର୍ଯ୍ୟସ୍ୱରୂପ ବିଭୋ ! ଆମକୁ ମଧ୍ୟ ସଦୟ ଧର୍ମାତ୍ମା କର । 'ଅମେନି' ତମେ ହେଉଛ ଅଜାତଶତ୍ରୁ ଆମକୁ ମଧ୍ୟ ଅଜାତଶତ୍ରୁ କର ପ୍ରଭୋ ! ନିଜର କୃପାକଟାକ୍ଷ ଦ୍ୱାରା 'ଅସ୍ମେ' (ଅସ୍ମଭ୍ୟମ୍) ଆମପାଇଁ 'ନୃମ୍ଣାନି' ବିଦ୍ୟା, ପୁରୁଷାର୍ଥ, ହସ୍ତୀ, ଅଶ୍ୱ, ସୁବର୍ଣ୍ଣ, ହୀରାଦିରତ୍ନ, ଉତ୍କୃଷ୍ଟ ରାଜ୍ୟ, ଉତ୍ତମ ପୁରୁଷ ଓ ପ୍ରୀତ୍ୟାଦି ପଦାର୍ଥଗୁଡ଼ିକୁ ଧାରଣ କର, ଯଦ୍ଦ୍ୱାରା କୌଣସି ପଦାର୍ଥର ଅଭାବରେ ଆମେ ଦୁଃଖ ଭୋଗ କରିବୁ ନାହିଁ । ହେ ସର୍ବାଧିପତେ ! ବ୍ରାହ୍ମଣ (ପୂର୍ଣ୍ଣବିଦ୍ୟାଦି ସତ୍‌ଗୁଣସଂପନ୍ନ) 'ବିଶ' ଅନେକ ପ୍ରକାରର ବିଦ୍ୟୋଦ୍ୟମ, ବୁଦ୍ଧି, ବିଦ୍ୟା, ଧନ ଓ ଧାନ୍ୟାଦି ବଳଯୁକ୍ତ ତଥା ଶୁଦ୍ରକୁଳ ମଧ୍ୟ ସେବା ପାରାୟଣ ହୋଇ ଆମର ରାଜ୍ୟରେ ବସବାସ କରନ୍ତୁ । ଏହି ସମସ୍ତଙ୍କୁ ଆପଣ ହିଁ ଧାରଣ କରନ୍ତୁ । ଯାପଙ୍କରେ ଆମର ଅଖଣ୍ଡ ଏକ-ରସ ରାଜ୍ୟ ସର୍ବଦା ସ୍ଥାପିତ ହୋଇରହୁ ॥୩୧॥

—୦୦୦—

--: **ସ୍ତୁତି** :--

**କିଂ ସ୍ୱିଦାସୀଦଧିଷ୍ଠାନମାରମ୍ଭଣଂ କତମସ୍ୱିତ୍କଥାସୀତ୍ । ଯତୋ ଭୂମିଂ ଜନୟନ୍ୱିଶ୍ୱକର୍ମା ବିଦ୍ୟାମୌର୍ଣୌନ୍ମହିନାବିଶ୍ୱଚକ୍ଷାଃ ॥୩୨॥**(ଯଜୁଃ.୨୭/୧୮)

**ବ୍ୟାଖ୍ୟା :-** (ପ୍ରଶ୍ନୋତ୍ତର ବିଦ୍ୟାଦ୍ୱାରା) ଏହି ସଂସାରର ଅଧିଷ୍ଠାନ କଣ ? କାରଣ ଏବଂ ଉତ୍ପାଦକ କିଏ ? କିଭଳି ? ରଚୟିତା ଅଧିଷ୍ଠାନ କଣ ? ଏବଂ ନିମିତ୍ତକାରଣ, ସାଧନ ଜଗତ ଓ ଈଶ୍ୱର କଣ ? (ଉତ୍ତର) 'ଯତଃ' ବିଶ୍ୱକର୍ମା ପରମାତ୍ମା ସ୍ୱକୀୟ ଅନନ୍ତ ସାମର୍ଥ୍ୟଦ୍ୱାରା ଏହି ବ୍ରହ୍ମାଣ୍ଡକୁ ରଚନା କରି ଅଛନ୍ତି, ସେହିଁ ଅଟନ୍ତି ଏଇ ଜଗତ୍‌ର ଅଧିଷ୍ଠାନ, ନିମିତ୍ତ ଓ ସାଧନ । ସେ ନିଜର ଅନନ୍ତ ସାମର୍ଥ୍ୟ ବଳରେ ଏହି ଜଗତକୁ ଯଥୋଚିତ ରଚନା କରି ଭୂଃ ଲୋକ ଓ ସ୍ୱର୍ଗଲୋକ ପର୍ଯ୍ୟନ୍ତ ସ୍ୱ ମହିମା ଦ୍ୱାରା 'ଔର୍ଣୋତ୍' ଆଚ୍ଛାଦିତ କରିଅଛନ୍ତି । ସେହି ପରମାତ୍ମାଙ୍କ ଅଧିଷ୍ଠାନାଦି ସ୍ୱୟଂ ପରମାତ୍ମାହିଁ ଅଟନ୍ତି, ଅନ୍ୟ କେହି ନୁହନ୍ତି । ସେ ପ୍ରତ୍ୟେକ ପ୍ରାଣୀର ଉତ୍ପାଦନ, ରକ୍ଷଣ ଓ ଧାରଣ କରିଥାନ୍ତି । ସେ ହେଉଛନ୍ତି ଆନନ୍ଦମୟ । ଈଶ୍ୱର ଏହି 'ବିଶ୍ୱଚକ୍ଷାଃ' ବିଶ୍ୱ ବ୍ରହ୍ମାଣ୍ଡର ଦ୍ରଷ୍ଟା ଅଟନ୍ତି । ଯେଉଁମାନେ ତାଙ୍କୁ ପରିତ୍ୟାଗ କରି ଅନ୍ୟର ଆଶ୍ରୟ ନିଅନ୍ତି  ସେମାନେ ମହାନ୍ ଦୁଃଖ ଭୋଗ କରିଥାନ୍ତି ॥୩୨॥

--: **ପ୍ରାର୍ଥନା** :--

**ତନୂପା ଅଗ୍ନେଽସିତନ୍ୱଂ ମେ ପାହି । ଆୟୁର୍ଦା ଅଗ୍ନେଽସ୍ୟାୟୁର୍ମେ ଦେହି ।**
**ବର୍ଚ୍ଚୋଦା ଅଗ୍ନେଽସି ବର୍ଚ୍ଚୋ ମେ ଦେହି । ଅଗ୍ନେ ୟନ୍ମେ ତନ୍ୱା ଊନଂ ତନ୍ମଽଆପୃଣ ॥୩୩॥**
(ଯଜୁଃ.୩/ ୧୭)

**ବ୍ୟାଖ୍ୟା :-** ହେ ସର୍ବରକ୍ଷକ ଈଶ୍ୱରାଗ୍ନେ ! ତୁମେ ହେଉଛ ଆମ ଶରୀରର ରକ୍ଷକ । ତେଣୁ ସଦୟ ଏଇ ଶରୀରର ଭରଣ-ପୋଷଣ ସୁନ୍ଦରଭାବେ କର । ହେ ମହାବୈଦ୍ୟ ! ତୁମେ ଆୟୁର ବୃଦ୍ଧି କର୍ତ୍ତା ଅଟ, ମୋତେ ସୁଖମୟ ଉତ୍ତମ ଆୟୁ ପ୍ରଦାନ କର । ହେ ଅନନ୍ତବିଦ୍ୟାତେଜଯୁକ୍ତ ତୁମେ 'ବର୍ଚ୍ଚଃ' ବିଦ୍ୟାଦି ତେଜ ଅର୍ଥାତ୍ ଯଥାର୍ଥ ବିଜ୍ଞାନଦାତା ଅଟ, ସଦୟ ମୋତେ ସର୍ବୋତ୍କୃଷ୍ଟ ବିଦ୍ୟାଦି ତେଜ ଦାନ କର । ଶରୀରକୁ ରକ୍ଷା କରି ସର୍ବଦା ଆନନ୍ଦରେ ରଖ ତଥା ଶରୀରରେ ଯାହା 'ଊନମ୍' ନ୍ୟୁନ ରହିଛି ସେ ସବୁର ପୂରଣ କରି ପରମସୁଖ ଓ ଐଶ୍ୱର୍ଯ୍ୟ ପ୍ରଦାନ କର । ଯେପରି ଆମେ ସର୍ବଦା ଆନନ୍ଦ ଏବଂ ଶ୍ରେଷ୍ଠ ପଦାର୍ଥଦ୍ୱାରା ଭରପୂର ରହିବୁ, ଏଇ କୃପାବାରି ଢାଳ । ପ୍ରଭୋ ! ଆମେ ହେଉଛୁ ତୁମର ସନ୍ତାନ-ସନ୍ତତି ଆମ୍ଭେମାନେ ପୂର୍ଣ୍ଣାନନ୍ଦରେ ରହିବାହିଁ ଆପଣଙ୍କର ଶୋଭା ଅଟେ । 'ପିତଃ' ଛୋଟିଆ ବସ୍ତୁହେଲେ ମଧ୍ୟ ତୁମଠାରୁ ନ ମାଗି ଅନ୍ୟ କାହାକୁ ଆଉ ମାଗିବୁ ? ତୁମେ ପରା ଆମର ପିତା ? ତୁମେ ଯଦି ସୁଖ ନ ଦେବ, ତେବେ ଅନ୍ୟ ଆଉ କିଏ ଦେବ ? ତେଣୁ ତୁମେହିଁ ସର୍ବଶକ୍ତିମାନ୍ ଆମର ପିତା-ମାତା, ଐଶ୍ୱର୍ଯ୍ୟଦାତା, ସୁଖଦାତା ଓ ସର୍ବତ୍ରପରିପୂର୍ଣ୍ଣ ଅଟ ॥୩୩॥

--: **ପ୍ରାର୍ଥନା** :--

**ବିଶ୍ୱତଶ୍ଚକ୍ଷୁରୁତ ବିଶ୍ୱତୋମୁଖୋ ବିଶ୍ୱତୋ ବାହୁରୁତ ବିଶ୍ୱତସ୍ପାତ୍ ।**
**ସଂ ବାହୁଭ୍ୟାଂ ଧମତି ସଂ ପତତ୍ରୈର୍ଦ୍ୟାବାଭୂମୀ ଜନୟନ୍ଦେବଽଏକଃ**
**॥୩୪॥** (ଯଜୁଃ.୧୭/୧୯)

**ବ୍ୟାଖ୍ୟା :-** ଏ ସକଳ ବିଶ୍ୱ ବ୍ରହ୍ମାଣ୍ଡସ୍ଥ ପଦାର୍ଥ ଯାହାର ଚକ୍ଷୁ (ଦୃଷ୍ଟି) ଦ୍ୱାରା ଅଦୃଷ୍ଟ ନୁହେଁ । ଯାହାର ଶତଶଃ ମୁଖ, ବାହୁ, ପାଦ ଶ୍ରୋତ୍ରାଦି ଅଛି । ସେ ହେଉଛନ୍ତି



ସର୍ବଦୃକ୍ ସର୍ବବକ୍ତା ସର୍ବଧାରକ ସର୍ବଗତ ସର୍ବବ୍ୟାପକ ଈଶ୍ୱର, ଧର୍ମାତ୍ମାପୁରୁଷମାନେ ତା'ଙ୍କରି ଆଦେଶାନୁସାରେ ସ୍ୱୀୟ ସଂପୂର୍ଣ୍ଣ କର୍ମ ସଂପାଦନ କରିଥାନ୍ତି । ସେହି ବିଶ୍ୱକର୍ମା ପରମାତ୍ମା ହିଁ ଏକମାତ୍ର ଅଦ୍ୱିତୀୟ ଅଟନ୍ତି । ଭୂଲୋକ ଠାରୁ ଆରମ୍ଭ କରି ସ୍ୱର୍ଗଲୋକ ପର୍ଯ୍ୟନ୍ତ ସବୁରି ସ୍ରଷ୍ଟା ହେଉଛନ୍ତି ସିଏ । ସେହି ନ୍ୟାୟକାରୀ ପରମାତ୍ମା ପକ୍ଷପାତିତା ନ କରି ଜୀବଗଣଙ୍କୁ ସ୍ୱକର୍ମାନୁସାରେ ପାପପୁଣ୍ୟର ଫଳ ପ୍ରଦାନ କରି ଜନ୍ମମରଣକୁ ପ୍ରାପ୍ତ କରାଇଥାନ୍ତି । ସେହି ନିରାକାର, ଅଜ, ଅନନ୍ତ, ସର୍ବଶକ୍ତିମାନ୍, ନ୍ୟାୟକାରୀ, ଦୟାମୟ ଈଶ୍ୱରଙ୍କ ଆଦେଶ ପାଳନ କରିବା ପ୍ରତ୍ୟେକ ମାନବର ପରମ ଏବଂ ଚରମ କର୍ତ୍ତବ୍ୟ ଅଟେ । ସେହିଁ ଆମର ଯାଚନୀୟ, ପୂଜନୀୟ ପ୍ରଭୁ, ସ୍ୱାମୀ ଓ ଇଷ୍ଟଦେବ ଅଟନ୍ତି । ସେ ଆନନ୍ଦର ଭଣ୍ଡାର ତାଙ୍କ ନିକଟରେ ହିଁ ଆନନ୍ଦ ଉପଲବ୍ଧ ହୋଇଥାଏ, ଅନ୍ୟତ୍ର ନୁହେଁ ॥୩୪॥

--: **ସ୍ତୁତି** :--

**ଭୂର୍ଭୁବଃ ସ୍ୱଃ ସୁପ୍ରଜାଃ ପ୍ରଜାଭିଃ ସ୍ୟାଂ ସୁବୀରୋ ବୀରୈଃ ସୁପୋଷଃ ପୋଷୈଃ । ନର୍ଯ୍ୟ ପ୍ରଜାଂ ମେ ପାହି । ଶଂସ୍ୟ ପଶୂନ୍ମେ ପାହି । ଅଥର୍ଯ୍ୟ ପିତୁର୍ମେ ପାହି ॥୩୫॥**

(ଯଜୁଃ.୩/ ୩୭)

**ବ୍ୟାଖ୍ୟା :-** ହେ ସର୍ବମଙ୍ଗଳକାରକ ଈଶ୍ୱର ! ଆପଣ 'ଭୂଃ' ସର୍ବତ୍ର ସର୍ବଦା ବିଦ୍ୟମାନ ଅଟନ୍ତି । 'ଭୁବଃ' ବାୟୁ ଆଦି ପଦାର୍ଥଗୁଡ଼ିକର ରଚୟିତା, 'ସ୍ୱଃ' ସୁଖସ୍ୱରୂପ ଅଟନ୍ତି, ଆମକୁ ସୁଖ ପ୍ରଦାନ କରନ୍ତୁ । ହେ ସର୍ବାଧ୍ୟକ୍ଷ ! ଆପଣ ମୋ ଉପରେ ଏପରି କୃପା ଜଳସିଞ୍ଚନ କରନ୍ତୁ ଯେପରି ମୁଁ ପୁତ୍ର-ପୌତ୍ରାଦି ଉତ୍ତମଗୁଣଯୁକ୍ତ ପ୍ରଜାମାନଙ୍କ ମଧ୍ୟରେ ଶ୍ରେଷ୍ଠ ପ୍ରଜା ହୁଏଁ, 'ସୁବୀରଃ' ସମରାଙ୍ଗଣରେ ସର୍ବଦା ବିଜୟ ହାସଲ କରେଁ । ହେ ମହାପୁଷ୍ଟି ପ୍ରଦ ! ଆପଣଙ୍କ ଅନୁଗ୍ରହରୁ ସମୁନ୍ନତ ବିଦ୍ୟାଦି, ସୋମଲତା ଔଷଧିବର୍ଗ, ସୁବର୍ଣ୍ଣାଦି ପଦାର୍ଥ ତଥା ନିରୋଗ ସଂପନ୍ନ ହୋଇ ଆାନନ୍ଦରେ ଜୀବନଯାପନ କରେଁ । ହେ 'ନର୍ଯ୍ୟ' ସର୍ବଜନହିତକାରକ ! ପ୍ରଜାଙ୍କର ରକ୍ଷା କରନ୍ତୁ ହେ 'ଶଂସ୍ୟ' ସର୍ବସ୍ତୁତ୍ୟ ଈଶ୍ୱର ! ହସ୍ତି, ଅଶ୍ୱାଦି ପଶୁମାନଙ୍କୁ ଉତ୍ତମରୂପେ ପାଳନ କରନ୍ତୁ । ହେ 'ଅଥର୍ଯ୍ୟ' ସର୍ବବ୍ୟାପକ ଜଗଦୀଶ୍ୱର ! 'ପିତୁମ୍' ଲବ୍ଧଧନର ରକ୍ଷା କରନ୍ତୁ । ହେ ଦୟାନିଧେ ! ସଦୟ ଆମ୍ଭମାନଙ୍କୁ

ସର୍ବ ଉତ୍ତମ ପଦାର୍ଥ ସଂଯୁକ୍ତ କରି ସଦୈବ ଆନନ୍ଦରସ ଆସାଦନ କରାନ୍ତୁ ॥୩୪॥

--: **ପ୍ରାର୍ଥନା** :--

**କିଂ ସ୍ୱିଦ୍ବନଂ କ ଉ ସ ବୃକ୍ଷ ଆସ ଯତୋ ଦ୍ୟାବାପୃଥିବୀ ନିଷ୍ଟତକ୍ଷୁଃ ।**
**ମନୀଷିଣୋ ମନସା ପୃଚ୍ଛେତେଦୁ ତଦ୍ୟଦଧ୍ୟତିଷ୍ଠଦ୍ଭୁବନାନି ଧାରୟନ୍ ॥୩୬॥**

(ଯଜୁଃ. ୧୭/୨୦)

**ବ୍ୟାଖ୍ୟା :-** (ପ୍ରଶ୍ନ) ବିଦ୍ୟା କ'ଣ ? ବନ ଏବଂ ବୃକ୍ଷ କାହାକୁ କହନ୍ତି ? (ଉତ୍ତର) ଯେଉଁ ଅନନ୍ତ ସାମର୍ଥ୍ୟଦ୍ୱାରା ବିଶ୍ୱକର୍ମା ଈଶ୍ୱର ତକ୍ଷା (ବଢ଼େଇ) ନାନାବିଧ ସଂରଚନାଦ୍ୱାରା ଅନେକ ପଦାର୍ଥ ରଚନା କରି ଅଛନ୍ତି, ସେହିପରି ସ୍ୱର୍ଗ (ସୁଖବିଶେଷ) ଏଇ ଭୂମି ମଧ୍ୟ (ସୁଖବିଶିଷ୍ଟ ଲୋକ) ତଥା ନରକ (ଦୁଃଖବିଶେଷ) ତଥା ସମସ୍ତ ଲୋକଲୋକାନ୍ତର ରଚନା କରିଅଛନ୍ତି, ତାଙ୍କୁ ହିଁ ବନ ଏବଂ ବୃକ୍ଷ କହନ୍ତି । ହେ "ମନୀଷିଣଃ" ! ବିଦ୍ୱଦ୍‌ଗଣ ! ଯିଏ ସମସ୍ତ ଭୁବନକୁ ଧାରଣ କରି ଏହି ବିଶ୍ୱ ବ୍ରହ୍ମାଣ୍ଡରେ ଏବଂ ସମସ୍ତଙ୍କ ଉପରେ ବିରାଜମାନ ଅଛନ୍ତି, ତାଙ୍କ ବିଷୟରେ ପ୍ରଶ୍ନ ଉତ୍ତର ବିଦ୍ୟାଦ୍ୱାରା ତୁମ୍ଭେମାନେ ନିର୍ଣ୍ଣୟ କର । 'ମନସା' ସେହି ବିଜ୍ଞାନ ଦ୍ୱାରା ଜନହିତ ସାଧିତ ହୋଇଥାଏ ॥୩୬॥

--: **ସ୍ତୁତି** :--

**ଓ୩ମ୍ ତଚ୍ଚକ୍ଷୁର୍ଦେବହିତଂ ପୁରସ୍ତାଚ୍ଛୁକ୍ରମୁଚ୍ଚରତ୍ । ପଶ୍ୟେମ ଶରଦଃ ଶତଂ ଜୀବେମ ଶରଦଃ ଶତଂ ଶୃଣୁୟାମ ଶରଦଃ ଶତଂ ପ୍ରବ୍ରବାମ ଶରଦଃ ଶତମଦୀନାଃ ସ୍ୟାମ ଶରଦଃ ଶତଂ ଭୂୟଶ୍ଚ ଶରଦଃ ଶତାତ୍ ॥୩୭॥** (ଯଜୁଃ.୩୬.୨୪ )

**ବ୍ୟାଖ୍ୟା :-** ହେ ବ୍ରହ୍ମ 'ଚକ୍ଷୁ' ସର୍ବଦୃକ୍ ଚେତନ ତଥା ଦେବ ଅର୍ଥାତ୍ ବିଦ୍ୱାନ୍‌ମାନଙ୍କ ପାଇଁ ବା ମନ ଆଦି ଇନ୍ଦ୍ରିୟଗଣଙ୍କ ପାଇଁ ହିତକାରକ ମୋକ୍ଷାଦି ସୁଖ ପ୍ରଦାନ କରିଥାନ୍ତି । 'ପୁରସ୍ତାତ୍' ସମସ୍ତଙ୍କ ଆଦିକାରଣ ପ୍ରଳୟ ଉର୍ଦ୍ଧ୍ୱରେ ଅଧିବାସ କରନ୍ତି । ତା'ଙ୍କରି କୃପାଭିକ୍ଷାରେ ଆମେମାନେ ଶହେ (୧୦୦) ବର୍ଷ ପର୍ଯ୍ୟନ୍ତ ଦେଖିବୁ, ଜିଇଁବୁ, ଶୁଣିବୁ, କହିବୁ ଓ କାହାରି ପରାଧୀନତା କେବେହେଲେ ସ୍ୱୀକାର କରିବୁ ନାହିଁ । ଅର୍ଥାତ୍ ବ୍ରହ୍ମଜ୍ଞାନ ବୁଦ୍ଧି ଏବଂ ପରାକ୍ରମ ସହିତ ଇନ୍ଦ୍ରିୟ ତଥା ଶରୀର ସୁସ୍ଥସବଳ ରହୁ । ହେ ବିଭୋ ! ଏପରି କୃପାଭିକ୍ଷା



ଦିଅ କି, ଶହେବର୍ଷ ପରେ ମଧ୍ୟ ଆମେ ଶୁଣିବୁ, ଦେଖିବୁ, ଜିଇଁବୁ, କହିବୁ ଏବଂ ସ୍ୱାଧୀନତା ପୂର୍ବକ ରହିବୁ ॥୩୭॥

--: **ପ୍ରାର୍ଥନା** :--

**ଯାତେ ଧାମାନି ପରମାଣି ଯାବମା ଯା ମଧ୍ୟମା ବିଶ୍ୱକର୍ମନ୍ନୁତେମା ।**
**ଶିକ୍ଷା ସଖିଭ୍ୟୋ ହବିଷି ସ୍ୱଧାବଃ ସ୍ୱୟଂ ଯଜସ୍ୱ ତନ୍ୱଂ ବୃଧାନଃ ॥୩୮॥**

(ଯଜୁଃ. ୧୭/୨୧)

**ବ୍ୟାଖ୍ୟା :-** ହେ ସର୍ବବିଧାୟକ ବିଶ୍ୱକର୍ମନ୍ ଈଶ୍ୱର ! ଆପଣଙ୍କ ରଚିତ ଯେଉଁ ଉତ୍ତମ, ମଧ୍ୟମ, ଅଧମ ତ୍ରିବଧ ଧାମ (ଲୋକ) ରହିଛି, ସେହି ସମସ୍ତ ଲୋକ-ଲୋକାନ୍ତରରେ ଆପଣଙ୍କ ଯଥାର୍ଥବିଦ୍ୟା ଶିକ୍ଷା ପ୍ରଚ୍ର-ପ୍ରସାରରେ ସୁଖ-ଶାନ୍ତି ବୃଦ୍ଧି ହୋଇ ରହୁ ଏବଂ "ହବିଷି" ଦାନ ଏବଂ ଗ୍ରହଣୀୟ ବ୍ୟବହାରରେ ଆମ୍ଭେମାନେ ପ୍ରବୀଣ ହେବୁ । ହେ "'ସ୍ୱଧାବ' ସ୍ୱସାମର୍ଥ୍ୟାଦି ଧାରକ ! ଆମ ଶରୀରର ବୃଦ୍ଧିକର୍ତ୍ତା ଆପଣହିଁ ଅଟନ୍ତି । "ଯଜସ୍ୱ" ଆମପାଇଁ ବିଦ୍ୱଜ୍ଜନଙ୍କ ସେବା ଶୁଶ୍ରୂଷା ଲାଭହେଉ ସଜ୍ଜନ ବ୍ୟକ୍ତିଙ୍କ ପାଇଁ ସୁଖ-ସଙ୍ଗତି, ବିଦ୍ୟାଦି ଗୁଣଦାନ ଆପଣ ସୟଂ କରନ୍ତୁ । ଆପଣ ସ୍ୱୀୟ ଉଦାର ଗୁଣରେ ଆମକୁ ସୁଖ ଉପଲବ୍‌ଧି କରାନ୍ତୁ- ପ୍ରଭୋ ! ଆପଣଙ୍କୁ ପ୍ରସନ୍ନ କରିବାଭଳି କୌଣସି ସାମର୍ଥ୍ୟ ଆମ ନିକଟରେ ନାହିଁ । ସର୍ବଥା ଆମେ ଆପଣଙ୍କ ଅନୁକୂଳ ଆଚରଣ ମଧ୍ୟ କରି ପାରୁନୁଁ, କିନ୍ତୁ ବିଭୋ ! ଆପଣ-ଅଟନ୍ତି ଅଧମୋଦ୍ଧାରକ; ଏଣୁ ସ୍ୱକୃପା-ଦୃଷ୍ଟିରେ ଆମକୁ ସୁଖ ପ୍ରଦାନ କରନ୍ତୁ ॥୩୮॥

-: **ସ୍ତୁତି** :-

**ଯନ୍ମେ ଛିଦ୍ରଂ ଚକ୍ଷୁଷୋ ହୃଦୟସ୍ୟ ମନସୋ ବାତିତୃଣ୍ଣଂ ବୃହସ୍ପତିର୍ମେ ତଦ୍ଦଧାତୁ । ଶନ୍ନୋ ଭବତୁ ଭୁବନସ୍ୟ ଯସ୍ପତିଃ ॥୩୯॥** (ଯଜୁଃ. ୩୬/୧)

**ବ୍ୟାଖ୍ୟା :-** ହେ ସର୍ବସହାୟକ ଈଶ୍ୱର ! ମୋର ଚକ୍ଷୁ, ହୃଦୟ (ପ୍ରାଣାତ୍ମା) ମନ, ବୁଦ୍ଧି, ବିଜ୍ଞାନ, ବିଦ୍ୟା ଏବଂ ଇନ୍ଦ୍ରିୟଗଣଙ୍କର ଦ୍ୱେଷ, ଛିଦ୍ର, ନିର୍ବଳତା, ରାଗ, ଚାଞ୍ଚଲ୍ୟ ତଥା ମନ୍ଦତ୍ୱାଦି ବିକାର ସମୂହର ମୂଳୋତ୍ପାଟନ କରି ସତ୍ୟଧର୍ମାଦି ସ୍ଥାପନ କରନ୍ତୁ,

କାରଣ ଆପଣ ଅଟନ୍ତି ବୃହସ୍ପତି । ସ୍ୱକୀୟ ବୃହସ୍ପତିତ୍ୱଗୁଣରେ ସମସ୍ତ କାମନା ପୂରଣ କରନ୍ତୁ । ଯଦ୍ୱାରା ଆପଣଙ୍କ ଆଜ୍ଞାପାଳନରେ ତତ୍ପର ରହିବୁ । ମୋର ସମସ୍ତ ଛିଦ୍ରକୁ ଆପଣ ଢାଙ୍କି ଦିଅନ୍ତୁ । ପ୍ରଭୋ ! ଆପଣଙ୍କ କୃପାଦୃଷ୍ଟିରେ ଆମର ଅନ୍ୟ ଦିନରାତି ଶୁଭଙ୍କର, କଲ୍ୟାଣକାରୀ ହେଉ । ହେ ପରମାତ୍ମନ୍ ! ଆପଣଙ୍କ ବ୍ୟତୀତ ଆମର କେହି କଲ୍ୟାଣସାଧକ ନାହାଁନ୍ତି, ପ୍ରଭୋ ! ଆପଣଙ୍କ ଉପରେହିଁ ଆମର ପୂର୍ଣ୍ଣ ଆଶା ଭରସା ରହିଛି । ଆପଣହିଁ ସମସ୍ତ କାମନା ପୂରଣ କରିବେ ।।୩୯।।

—୦୦—

--: **ପ୍ରାର୍ଥନା** :--

**ବିଶ୍ୱକର୍ମା ବିମନା ଆଦ୍ୱିହାୟା ଧାତା ବିଧାତା ପରମୋତ ସନ୍ଦୃକ ।**
**ତେଷାମିଷ୍ଟାନି ସମିଷାମଦନ୍ତି ଯତ୍ରା ସପ୍ତଋଷୀନ୍ ପର ଏକମାହୁଃ ।।୪୦।।**

(ଯଜୁଃ. ୧୭/୨୬)

**ବ୍ୟାଖ୍ୟା :-** ଈଶ୍ୱର ହେଉଛନ୍ତି ଚରାଚର ସକଳ ବିଶ୍ୱବ୍ରହ୍ମାଣ୍ଡର ରଚୟିତା ବିଶ୍ୱକର୍ମା (ବିବିଧଜଗଦୁତ୍ପାଦକ) 'ବିମନାଃ' ଅନନ୍ତ ବିଜ୍ଞାନ ସଂପନ୍ନ, 'ଅଦ୍ୱିହାୟା' ସର୍ବବ୍ୟାପକ ଆକାଶସଦୃଶ ନିର୍ବିକାର ଅକ୍ଷୋଭ୍ୟ ସର୍ବାଧିକରଣ । ସେହି ସକଳଜଗତର 'ଧାତା' ଧାରଣକର୍ତ୍ତା, 'ବିଧାତା' ନାନାବିଧ ବିଚିତ୍ରମୟ ଜଗତର ଉତ୍ପାଦକ ଅଟନ୍ତି । 'ପରମ ଉତ' ସର୍ବୋତ୍କୃଷ୍ଟ ଓ 'ସନ୍ଦୃକ୍' ଯଥାଯୋଗ୍ୟ ସମସ୍ତଙ୍କ ପାପପୁଣ୍ୟର ଫଳ ପ୍ରଦାତା ଅଟନ୍ତି । ଯେଉଁମାନେ ସେହି ପରମପିତା ପରମେଶ୍ୱରଙ୍କ ଭକ୍ତି, ବିଶ୍ୱାସ ଓ ସତ୍କାର (ପୂଜା) କରନ୍ତି, ତା'ଙ୍କର ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇ ଇଷ୍ଟସୁଖ ମିଳିଥାଏ । ପରମାତ୍ମା ହେଉଛନ୍ତି ଭକ୍ତବତ୍ସଳ ଏଣୁ 'ମଦନ୍ତି' ଭକ୍ତଗଣମାନେ ସର୍ବଦା ପରମାନନ୍ଦ ଉପଭୋଗ କରିଥାନ୍ତି । ଦୁଃଖ ତାଙ୍କୁ ଦେଖି ଦୂରକୁ ଗ୍ଳାଯାଏ । ସେହି ପରମାତ୍ମା ଏକ, ଅଦ୍ୱିତୀୟ ତାଙ୍କର ଅଶେଷ ସାମର୍ଥ୍ୟରେ ସପ୍ତ ଅର୍ଥାତ୍ ପଞ୍ଚପ୍ରାଣ, ସୂତ୍ରାତ୍ମା ଓ ଧନଞ୍ଜୟ- ଏହି ସମସ୍ତ ପ୍ରଳୟବିଷୟକ କାରଣଭୂତ ଗଣ ଅଧିବାସ କରନ୍ତି, ସେ ଜଗତ୍ ଉତ୍ପତ୍ତି, ସ୍ଥିତି ଏବଂ ପ୍ରଳୟରେ ପ୍ରତିଟି ସମୟରେ ନିର୍ବିକାର ଆନନ୍ଦ ସ୍ୱରୂପ ଅଟନ୍ତି । ସେହି ପରମାତ୍ମାଙ୍କ ଉପାସନାଦ୍ୱାରା



ମଣିଷ ମୋକ୍ଷାନନ୍ଦସୁଖ ଲାଭ କରିଥାଏ ।।୪୦।।

-: **ସ୍ତୁତି** :-

**ଚତୁଃ ସ୍ରକ୍ତିର୍ନାଭିର୍ଋତସ୍ୟ ସପ୍ରଥାଃ । ସନୋ ବିଶ୍ୱାୟୁଃ ସ ପ୍ରଥାଃ ସନଃ ସର୍ବାୟୁଃ ସପ୍ରଥାଃ ।**
**ଅପ ଦ୍ୱେଷୋଽଅପହ୍ୱରୋଽନ୍ୟବ୍ରତସ୍ୟ ସଶ୍ଚିମ ।।୪୧।।**

(ଯଜୁଃ. ୩୮/୨୦)

**ବ୍ୟାଖ୍ୟା :-** ହେ ମହାବୈଦ୍ୟ ! ସର୍ବରୋଗବିନାଶକ ଈଶ୍ୱର ! ଆପଣଙ୍କ କୃପାଦୃଷ୍ଟିରେ ଚତୁଷ୍କୋଣ ନାଭି (ମର୍ମସ୍ଥାନ) ଋତୁ ସଂପନ୍ନ ନିରୋଗତା ଏବଂ ବିଜ୍ଞାନାଗାର 'ସପ୍ରଥାଃ' ବିସ୍ତୀର୍ଣ୍ଣ ସୁଖସଂପୃକ୍ତ ହେବୁ । 'ବିଶ୍ୱାୟୁଃ' ଆପଣ ଯେପରି ପୂର୍ଣ୍ଣାୟୁ ଏବଂ ସର୍ବସାମର୍ଥ୍ୟ ଦ୍ୱାରା ବିସ୍ତୀର୍ଣ୍ଣ ଅଟନ୍ତି, ସେହିପରି ବିସ୍ତୃତ ସୁଖମୟ ଦୀର୍ଘାୟୁ ଆମକୁ ପ୍ରଦାନ କରନ୍ତୁ । ହେ ଈଶ ! ଆମ୍ଭେମାନେ 'ଅପଦ୍ୱେଷଃ' ଦ୍ୱେଷରହିତ ହୋଇ 'ଆପହ୍ୱରଃ' କଂପନ ରହିତ ହେବୁ । ଆପଣ ହିଁ ଆମର ଈଶ୍ୱର ଅଟନ୍ତି । ଆପଣଙ୍କ ଆଦେଶ ପାଳନପାଇଁ ଆମେ ଅଟୁ ଦୃଢ଼ବ୍ରତୀ -ଏଇ ବ୍ରତକୁ ସର୍ବଦା ବଳବତ୍ତର ରଖନ୍ତୁ । "ସଶ୍ଚିମ" ଆପଣହିଁ ଅଟନ୍ତି ଆମର ସେବ୍ୟ ଓ ସ୍ତୁତ୍ୟ ପ୍ରଭୋ ! ଆମର ଏହ ନିଷ୍ଚୟାତ୍ମକ ଭାବନା ସର୍ବଦା ସୁଦୃଢ଼ ହୋଇ ରହୁ ।।୪୧।।

——୦୦୦——

-: **ପ୍ରାର୍ଥନା** :-

**ଯୋ ନଃ ପିତା ଜନିତା ଯୋ ବିଧାତା ଧାମାନି ବେଦ ଭୁବନାନି ବିଶ୍ୱା ।**
**ଯୋ ଦେବାନାଂ ନାମଧା ଏକ ଏବ ତଂ ସଂପ୍ରଶ୍ନଂ ଭୁବନା ଯନ୍ତ୍ୟନ୍ୟା ।।୪୨।।**

(ଯଜୁଃ. ୧୭/୨୭)

**ବ୍ୟାଖ୍ୟା :-** ହେ ମାନବଗଣ ! ଯିଏ ଆମର ପିତା (ନିତ୍ୟ ପାଳନକର୍ତ୍ତା) ଜନିତା (ଜନକ) ଉତ୍ପାଦକ 'ବିଧାତା' ମୋକ୍ଷାଦି ସୁଖର ବିଧାୟକ 'ବିଶ୍ୱା' ସମସ୍ତ ଭୁବନ ଲୋକଲୋକାନ୍ତର ଧାମ ଅର୍ଥାତ୍ ସ୍ଥିତି ସଂସ୍ଥାନର ଜ୍ଞାତା ସେ ପ୍ରତିଟି ଅଣୁରେ, ପ୍ରାଣୀମାନଙ୍କ ଶରୀରରେ ବିଦ୍ୟମାନ ଅଛନ୍ତି । ସେ ହେଉଛନ୍ତି ଦିବ୍ୟସୂର୍ଯ୍ୟାଦି ଲୋକ, ଇନ୍ଦ୍ରିୟଗଣ ତଥା

ବିଦ୍ୱାନ୍ ପୁରୁଷମାନଙ୍କ ବ୍ୟବସ୍ଥାପକ ଏକ ଅଦ୍ୱିତୀୟ । ସେ ହେଉଛନ୍ତି ସମସ୍ତଙ୍କ ମାତା ପିତା ଇଷ୍ଟଦେବ ସ୍ୱାମୀ ସଖା-ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ । ସେହି ପରମାତ୍ମାଙ୍କ ସମ୍ୟକ୍ ପ୍ରଶ୍ନୋତ୍ତର ବିଦ୍ୟାଦ୍ୱାରା ବିଦ୍ୱାନ୍‌ଗଣ ଅଶେଷ ସୁଖଶାନ୍ତି ଉପଲବ୍ଧି କରିଥାନ୍ତି । ପରମାତ୍ମାଙ୍କ ବିରଚିତ ଏହି ସୃଷ୍ଟିର ଯଥାର୍ଥ ଜ୍ଞାନ ଉପଲବ୍ଧି କରି ତଦନୁକୂଳ ଆଚରଣ କଲେ ଧର୍ମ, ଅର୍ଥ, କାମ, ମୋକ୍ଷ ଚତୁର୍ବିଧ ପୁରୁଷାର୍ଥ ଫଳ ମିଳିଥାଏ । ଏଣୁ କାୟମନୋବାକ୍ୟରେ ସେହି ପରମାତ୍ମାଙ୍କ ଉପଲବ୍ଧି ପାଇଁ ଯତ୍ନବାନ୍ ହେବା ଏକାନ୍ତ ଆବଶ୍ୟକ । ତାଙ୍କରି ସାହାଯ୍ୟଭିକ୍ଷାରେ ମାନବର ଧର୍ମାଦି ପଦାର୍ଥ ପୂରଣ ହୋଇଥାଏ ॥୪୨॥

—୦୦—

-: **ସ୍ତୁତି** :-

**ଯଜ୍ଜାଗ୍ରତୋ ଦୂରମୁଦୈତି ଦୈବଂ ତଦୁ ସୁପ୍ତସ୍ୟ ତଥୈବୈତି ।**
**ଦୂରଙ୍ଗମଂ ଜ୍ୟୋତିଷାଂ ଜ୍ୟୋତିରେକଂ ତନ୍ମେ ମନଃ ଶିବ ସଂକଳ୍ପମସ୍ତୁ**
**॥୪୩॥** (ଯଜୁଃ. ୩୪/ ୧)

**ବ୍ୟାଖ୍ୟା :-** ହେ ଧର୍ମନିରୁପଦ୍ରବ ପରମାତ୍ମନ୍ ! ମୋର ମନ ସର୍ବଦା ଶିବସଂକଳ୍ପ ଧର୍ମକଲ୍ୟାଣସଂକଳ୍ପକାରୀ ହେଉ ଆପଣଙ୍କ କୃପାଭିକ୍ଷାରେ କେବେହେଲେ ଅଧର୍ମପ୍ରତି ମନ ନ ବଳୁ । ସେହି ମନ ଜାଗ୍ରତ ଓ ସୁପ୍ତାବସ୍ଥାରେ ପୁରୁଷକୁ ଦୂର ଦେଶଦେଶାନ୍ତରରେ ଭ୍ରମଣ କରାଇଥାଏ । ଅଗ୍ନି ସୂର୍ଯ୍ୟାଦି, ଶ୍ରୋତ୍ରାଦି ଇନ୍ଦ୍ରିୟ- ଏହି ଜ୍ୟୋତି ରାଶିର ପ୍ରକାଶପୁଞ୍ଜ ସିଏ ଅର୍ଥାତ୍ ମନ ସଂଯୋଗ ବିନା କୌଣସି ପଦାର୍ଥ ସ୍ୱପ୍ରକାଶ ଅଭିବ୍ୟକ୍ତ କରିପାରେ ନାହିଁ । ହେ ଜଗଦୀଶ୍ୱର ! ଆପଣଙ୍କ କୃପାବାରିରେ ସେହି ମୋର ଚଞ୍ଚଳ ଦ୍ରୁତଗାମୀ ମନ ସ୍ଥିର , ଶୁଦ୍ଧ, ଧର୍ମାତ୍ମା ଏବଂ ବିଦ୍ୟାଯୁକ୍ତ ହୋଇପାରିବ । "ଦୈବମ୍" (ଆତ୍ମାର) ସୁଖ ସାଧକ, ଭୂତ, ଭବିଷ୍ୟତ ଓ ବର୍ତ୍ତମାନ କାଳର ଜ୍ଞାତା ମନ ଆପଣଙ୍କ ବଶବର୍ତ୍ତୀ ଅଟେ । ପ୍ରଭୋ ! ମୋର ସେହି ମନକୁ ମୋର ଆୟତ୍ତାଧୀନ କରନ୍ତୁ, ଯଦ୍ୱାରା ଆମେ କେବେହେଲେ କୁକର୍ମରେ ପ୍ରବୃତ୍ତ ନ ହୋଇ ସର୍ବଦା ସତ୍ସଙ୍ଗ, ବିଦ୍ୟା, ଧର୍ମ ଏବ ଆପଣଙ୍କ ପୂଜା-ଅର୍ଚ୍ଚନାରେ ନିମଗ୍ନ ରହିବୁ ॥୪୩॥



-: **ପ୍ରାର୍ଥନା** :-

**ନ ତଂ ବିଦାଥ ୟ ଇମା ଜଜାନାନ୍ୟଦ୍ୟୁଷ୍ମାକମନ୍ତରଂ ବଭୁବ ।**
**ନୀହାରେଣ ପ୍ରାବୃତା ଜଲ୍ପ୍ୟା ଚାସୁତୃପ ଉକ୍ଥ ଶାସଶ୍ଚରନ୍ତି ॥୪୪॥**

(ଯଜୁଃ. ୧୭/ ୨୦)

**ବ୍ୟାଖ୍ୟା :-** ହେ ଜୀବଗଣ ! ଯେଉଁ ପରମାତ୍ମା ଏହି ବିଶ୍ୱ ବ୍ରହ୍ମାଣ୍ଡର ରଚୟିତା ବିଶ୍ୱକର୍ମା ଅଟନ୍ତି, ତାଙ୍କୁ ତୁମ୍ଭେମାନେ ହୃଦୟଙ୍ଗମ କରିନାହଁ, ଏଣୁ 'ନୀହାରେଣ' ଅତ୍ୟନ୍ତ ଅବିଦ୍ୟା ଅନ୍ଧକାର, ମିଥ୍ୟାବାଦ, ନାସ୍ତିକତ୍ୱରେ ପ୍ରବୃତ୍ତ ହୋଇ ମହାଦୁଃଖ ଭୋଗ କରୁଅଛ, ସୁଖ ଲାଭ କେବେମଧ୍ୟ କରିପାରୁ ନାହଁ । ତୁମ୍ଭେମାନେ 'ଅସୁତୃପଃ' କେବଳ ସ୍ୱାର୍ଥ ସାଧକ ପ୍ରାଣପୋଷଣମାତ୍ରକେ ପ୍ରବୃତ୍ତ ହୋଇରହିଛ । 'ଉକ୍‌ଥଶାସଶ୍ଚରନ୍ତି' କେବଳ ବିଷୟ ଭୋଗ ପାଇଁ ଅବୈଦିକ କର୍ମ କରିବାରେ ପ୍ରବୃତ୍ତ ହୋଇ ରହିଛ ଏବଂ ଯେଉଁ ପରମାତ୍ମା ଏହି ସୃଷ୍ଟି ସର୍ଜନା କରିଅଛନ୍ତି, ସେହି ସର୍ବଶକ୍ତିମାନ୍ ନ୍ୟାୟକାରୀ ପରଂବ୍ରହ୍ମଙ୍କ ବିପରୀତ ଦିଗକୁ ଗତି କରୁଛ ; ଅତଏବ ତୁମେ ତାଙ୍କୁ ହୃଦୟଙ୍ଗମ କରିପାରୁ ନାହଁ । (ପ୍ରଶ୍ନ) ବ୍ରହ୍ମ ଏବଂ ଜୀବାତ୍ମା ଏକ ନା ପୃଥକ୍ ପୃଥକ୍ ? (ଉତ୍ତର) 'ଯଦ୍ୟୁଷ୍ମାକମନ୍ତରଂ ବଭୁବ' ବ୍ରହ୍ମ ଏବଂ ଜୀବର ଏକତା ବେଦ ପ୍ରମାଣଦ୍ୱାରା କେବେହେଲେ ସିଦ୍ଧ ହୁଏ ନାହିଁ; କାରଣ, ବ୍ରହ୍ମ ଏବଂ ଜୀବ ପୃଥକ୍ ପୃଥକ୍ । ଜୀବ ହେଉଛି ଅବିଦ୍ୟାଦି ଦୋଷଯୁକ୍ତ ତ ବ୍ରହ୍ମ ହେଉଛି ଅବିଦ୍ୟାଦି ଦୋଷରୁ ମୁକ୍ତ । ଏଥିରୁ ସିଦ୍ଧ ହେଉଛି ଯେ, ବ୍ରହ୍ମ ଏବଂ ଜୀବ ଏକ ନୁହନ୍ତି । ବ୍ୟାପ୍ୟବ୍ୟାପକତ୍ୱ, ଆଧାରାଧେୟ, ସେବ୍ୟସେବକାଦି ସମ୍ବନ୍ଧ ଜୀବର ବ୍ରହ୍ମ ସହିତ ରହିଛି । ଏଣୁ ଜୀବ ଓ ବ୍ରହ୍ମକୁ ଏକ ବୋଲି ମନେ କରିବା କେବେମଧ୍ୟ ଯୁକ୍ତିଯୁକ୍ତ ହେବ ନାହିଁ ॥୪୪॥

-: **ସ୍ତୁତି** :-

**ଭଗ ଏବ ଭଗବାଂଽଅସ୍ତୁଦେବାସ୍ତେନ ବୟଂ ଭଗବନ୍ତଃ ସ୍ୟାମଃ ।**
**ତଂ ତ୍ୱା ଭଗ ସର୍ବ ଇଜ୍ଜୋହବୀତି ସନୋଭଗ ପୁରଏତା ଭବେହ ॥୪୫॥**

(ଯଜୁଃ. ୩୪/୩୮)

**ବ୍ୟାଖ୍ୟା :-** ହେ ସର୍ବାଧିପତେ ! ମହାରାଜେଶ୍ୱର ! ଆପଣ ଭଗ

ପରମୈଶ୍ୱର୍ଯ୍ୟସ୍ୱରୂପ ହେତୁ ଭଗବାନ୍ ଅଟନ୍ତି । ହେ (ଦେବାଃ) ବିଦ୍ୱାନ୍‌ଗଣ ! 'ତେନ' (ଭଗବତା ପ୍ରସନ୍ନେଶ୍ୱର ସହାୟେନ) ସେହି ଭଗବାନ୍ ପ୍ରସନ୍ନ ଈଶ୍ୱରଙ୍କ ସାହାଯ୍ୟରେ ଆମ୍ଭେମାନେ ପରମୈଶ୍ୱର୍ଯ୍ୟଯୁକ୍ତ ହୋଇ ପାରିବା । ହେ 'ଭଗ' ପରମାତ୍ମା ଏହି ନିଖିଳ ଜଗତ୍ 'ତନ୍ତ୍ରା' ଆପଣଙ୍କର ଉପଲବ୍ଧି ପାଇଁ ଅତ୍ୟନ୍ତ ଲାଳାୟିତ । କାରଣ, କିଏ ବା ଏପରି ଭାଗ୍ୟହୀନ ମଣିଷ, ଯିଏକି, ଆପଣଙ୍କ ପ୍ରାପ୍ତି ଆକାଂକ୍ଷା ନ କରିବ ? ପ୍ରଭୋ ! ସ୍ୱୀୟ ଅସୀମ କୃପାଭିକ୍ଷାରେ ଆମକୁ ପରମୈଶ୍ୱର୍ଯ୍ୟ ଉପଭୋଗର ସାମର୍ଥ୍ୟ ପ୍ରଦାନ କରନ୍ତୁ ଇହଜନ୍ମ ଓ ପରଜନ୍ମରେ ମଧ୍ୟ ଆପଣଙ୍କ ସେବାରେ ତତ୍ପର ରହିବାର ଶକ୍ତି ଦିଅନ୍ତୁ ।।୪୫।।

-: **ସ୍ତୁତି** :-

**ଗଣାନାଂ ତ୍ୱା ଗଣପତିଂ ହବାମହେ ପ୍ରିୟାଣାଂ ତ୍ୱା ପ୍ରିୟପତି ହବାମହେ**
**ନିଧୀନାଂ ତ୍ୱାନିଧିପତିଂ ହବାମହେ ବସୋ ମମ । ଆହମଜାନି ଗର୍ଭଧମା**
**ତ୍ୱମଜାସି ଗର୍ଭଧମ୍ ।।୪୬।।** (ଯଜୁଃ. ୨୩/୧୯)

**ବ୍ୟାଖ୍ୟା :-** ହେ ସମୂହାଧିପତେ ! ଆପଣ ମୋର ସମସ୍ତ ସମୂହର ପତି ଅଟନ୍ତି । ଏଣୁ ମୁଁ ଆପଣଙ୍କୁ ଗଣପତି ନାମରେ ସ୍ୱୀକାର କରେଁ ; ମୋର ନିଖିଳ ପ୍ରିୟ କର୍ମଗ୍ରହୀ ପଦାର୍ଥର ଆପଣ ଅଟନ୍ତି ପାଳକ, ଅତଏବ ପ୍ରିୟପତି ରୂପେ ଆପଣଙ୍କୁ ଗ୍ରହଣ କରେଁ, ସକଳ ନିଧିର ପତି ହେତୁ ଆପଣ ନିଧିପତି ଅଟନ୍ତି । ହେ 'ବସୋ' ଆପଣ ଯେଉଁ ସ୍ୱକୀୟ ଅନନ୍ତ ସାମର୍ଥ୍ୟ ଦ୍ୱାରା ଏହି ଜଗତ୍‌କୁ ଉତ୍ପନ୍ନ କରି ଧାରଣ ଓ ପୋଷଣ କରୁଅଛନ୍ତି ତେଣୁ ମୁଁ ଆପଣଙ୍କୁ ପୋଷଣ କର୍ତ୍ତା ରୂପେ ଜାଣେ । ସମସ୍ତ କାରଣ ଆପଣଙ୍କ ସାମର୍ଥ୍ୟ ଅଟେ । ଆପଣ ହେଉଛନ୍ତି ସର୍ବପୋଷକ । ଆପଣ ସମସ୍ତ ଜୀବ ଏବଂ ଜଗତକୁ ଉତ୍ପତ୍ତି ଏବଂ ପ୍ରଳୟ କରିଥାନ୍ତି, ମାତ୍ର ସ୍ୱୟଂ ଅଟନ୍ତି ଅଜନ୍ମା, ଅମୃତ ସ୍ୱରୂପ । ଆପଣଙ୍କ କୃପାକଟାକ୍ଷରେ ହିଁ ମୁଁ ଅବିଦ୍ୟା ଦୁଷ୍ଟ ଭାବନାରୁ ଦୂରରେ ରହି ପାରିବି । ଅତଏବ ଆମ୍ଭେମାନେ 'ହବାମହେ' ଆପଣଙ୍କୁ ଅତ୍ୟନ୍ତ ସ୍ପର୍ଦ୍ଧା (ପ୍ରାପ୍ତି-ଅଭିଳାଷ) କରୁଁ । ତେଣୁ ହେ ବିଭୋ ! ଶୀଘ୍ର ଆମର ହୃଦୟ ମନ୍ଦିରରେ ଦର୍ଶନ ଦିଅ । ପିତଃ ବିଳମ୍ବ କରନା, ଆମେ ଆପଣଙ୍କ ଉପଲବ୍ଧି ପାଇଁ ଅତ୍ୟନ୍ତ ଆତୁର ।।୪୬।।



-: **ପ୍ରାର୍ଥନା** :-

**ଅଗ୍ନେ ବ୍ରତପତେ ବ୍ରତଂ ଚରିଷ୍ୟାମି ତଚ୍ଛକେୟଂ ତନ୍ମେରାଧ୍ୟତାମ୍ ।**
**ଇଦମହମନୃତାତ୍ସତ୍ୟମୁପୈମି ।।୪୭।।** (ଯଜୁଃ. ୧/୫)

**ବ୍ୟାଖ୍ୟା :-** ହେ ସଚ୍ଚିଦାନନ୍ଦ ସ୍ୱପ୍ରକାଶ ସ୍ୱରୂପ ଅଗ୍ନିରୂପୀ ଈଶ୍ୱର ! ମୁଁ ବ୍ରହ୍ମଚର୍ଯ୍ୟ, ଗୃହସ୍ଥ, ବାନପ୍ରସ୍ଥ, ସନ୍ନ୍ୟାସ ଆଦି ସତ୍ୟବ୍ରତ ଅନୁଷ୍ଠାନ ଆଚରଣ କରିବି ତେଣୁ ବ୍ରତପତେ ! ଏଇ ବ୍ରତକୁ ସଦୟ ସିଦ୍ଧ କରନ୍ତୁ । ଅନୃତ ଅନିତ୍ୟ ଦେହାଦି ପଦାର୍ଥଗୁଡ଼ିକରେ ଲିପ୍ତ ନ ରହି ଯଥାର୍ଥ ସତ୍ୟବିଦ୍ୟାଦି ଲକ୍ଷଣ ଏବଂ ଧର୍ମକୁ ପ୍ରାପ୍ତ ହେବି । ପ୍ରଭୋ ! ମୋର ଏଇ ଆନ୍ତରିକ ଅଭିଳାଷକୁ ପୂରଣ କରନ୍ତୁ, ଯାଫଳରେ ମୁଁ ସଭ୍ୟ ବିଦ୍ୱାନ୍ ସତ୍ୟ ଆଚରଣକାରୀ ହୋଇ ଭକ୍ତିମାନ୍ ଧର୍ମାତ୍ମା ହୋଇପାରିବି ।।୪୭।।

-: **ସ୍ତୁତି** :-

**ୟ ଆତ୍ମଦା ବଲଦା ୟସ୍ୟ ବିଶ୍ୱ ଉପାସତେ ପ୍ରଶିଷଂ ୟସ୍ୟ ଦେବା ।**
**ୟସ୍ୟ ଛାୟାମୃତଂ ୟସ୍ୟ ମୃତ୍ୟୁ କସ୍ମୈ ଦେବାୟ ହବିଷା ବିଧେମ ।।୪୮।।**

(ଯଜୁଃ. ୨୫/୧୩)

**ବ୍ୟାଖ୍ୟା :-** ହେ ମାନବଗଣ ! ଯେଉଁ ପରମାତ୍ମା ଆମ୍ଭମାନଙ୍କ 'ଆତ୍ମଦା' ଆତ୍ମବଳଦାତା, ଆତ୍ମଜ୍ଞାନଦାତା, ଜୀବପ୍ରାଣଦାତା 'ବଳଦା' ତ୍ରିବିଧ ବଳ ପ୍ରଥମ-ମାନସ ବିଜ୍ଞାନ ବଳ, ଦ୍ୱିତୀୟ-ଇନ୍ଦ୍ରିୟବଳ (ଶ୍ରୋତ୍ରାଦିଗଣର ସ୍ୱଚ୍ଛତା ତେଜୋବୃଦ୍ଧି) ତୃତୀୟ-ଶରୀରବଳ ମହାପୁଷ୍ଟି ଦୃଢ଼ାଙ୍ଗତା ବୀର୍ଯ୍ୟାଦି-ଅଭିବୃଦ୍ଧି ଏକ ତ୍ରିବିଧ ବଳଦାତା ଅଟନ୍ତି । ଯାହାର 'ପ୍ରଶିଷମ୍' ଅନୁଶାସନ (ଶିକ୍ଷାମର୍ଯ୍ୟାଦା) କୁ ବିଦ୍ୱାନ୍ ପୁରୁଷମାନେ ଯଥାର୍ଥତଃ ସ୍ୱୀକାର କରନ୍ତି, ପ୍ରାଣୀ ଏବଂ ଅପ୍ରାଣୀ ଜଡ଼ ଏବଂ ଚେତନ ବିଦ୍ୱାନ୍ ବା ମୂର୍ଖ କେହିହେଲେ ସେହି ପରମାତ୍ମାଙ୍କ ନିୟମକୁ ଅତିକ୍ରମ (ଉଲ୍ଲଙ୍ଘନ) କରି ପାରିବେ ନାହିଁ । ଯେପରି କର୍ଣ୍ଣଦ୍ୱାରା ଶୁଣିବା, ଆଖି ସାହାଯ୍ୟରେ ଦେଖିବା-ଏଇ କ୍ରମକୁ କେହି ଓଲଟାଇ ପାରିବେ ନାହିଁ । ଯାହାର ଛାୟା ଆଶ୍ରୟ ହିଁ ଅମୃତ ବିଜ୍ଞାନୀ ପୁରୁଷମାନେ ମୋକ୍ଷ ବୋଲି କହନ୍ତି , ତଥା ଯାହାର ଅଛାୟା (ଅକୃପା) ଦୁଷ୍ଟଜନଙ୍କ ପାଇଁ ବାରମ୍ବାର ଜନ୍ମ ମରଣରୂପ ମହାକ୍ଲେଶଦାୟକ

ଅଟେ । ହେ ସଭ୍ୟମିତ୍ରଗଣ ! ସେ ହିଁ ଏକମାତ୍ର ପରମ ସୁଖଦାୟକ ପିତା ଅଟନ୍ତିଆସ, ଆମେ ସମସ୍ତେ ମିଳିମିଶି ତାଙ୍କରି ଭକ୍ତି ବିଶେଷ ବିଧାନ କରିବା, ପ୍ରେମ କରିବା, ବିଶ୍ୱାସ କରିବା । ସେ ହିଁ ଏକମାତ୍ର ଆମର ଉପାସ୍ୟ ଦେବ ଅଟନ୍ତି, ଅନ୍ୟ କେହି ନୁହଁନ୍ତି ॥୪୮॥

-: **ସ୍ତୁତି** :-

**ଉପାହୂତା ଇହ ଗାବ ଉପହୂତା ଅଜାବୟଃ । ଅଥୋଃଅନ୍ନସ୍ୟ**
**କୀଲାଲଃଉପହୂତୋ ଗୃହେଷୁ ନଃ କ୍ଷେମାୟ ବଃ ଶାନ୍ତ୍ୟୈ ପ୍ରପଦ୍ୟେ**
**ଶିବଂ ଶଗ୍ମଂ ଶଂୟୋଃ ଶଂୟୋଃ ॥୪୯॥** (ଯଜୁଃ. ୩)

**ବ୍ୟାଖ୍ୟା :-** ହେ ପଶ୍ୱାଦିପତେ ! ମହାତ୍ମନ୍ ! ଆପଣ ସ୍ୱୀୟ କୃପାକଟାକ୍ଷରେ ଉତ୍ତମ ଗାଇ, ଘୋଡା, ହାତୀ, ଛେଳି, ମେଣ୍ଢା ତଥା ଅନ୍ୟାନ୍ୟ ସୁଖଦାୟକ ପଶୁ, ଅନ୍ନ, ସର୍ବ ରୋଗନାଶକ ଔଷଧିବର୍ଗୀୟ ଉତ୍କୃଷ୍ଟରସ "ନଃ" ଆମ୍ଭମାନଙ୍କୁ ପ୍ରାପ୍ତକରାନ୍ତୁ । ସମସ୍ତ ପଦାର୍ଥ ସର୍ବଦା ଆମ ପାଇଁ ମଙ୍ଗଳ କାରକ ହେଉ । ହେ ବିଦ୍ୱତ୍‌ଗଣ !'ବଃ' (ଯୁଷ୍ମାକମ୍) ଆପଣମାନଙ୍କ ସଙ୍ଗତି ଏବଂ ଈଶ୍ୱରଙ୍କ କୃପାରେ ଯୋଗକ୍ଷେମ କୁଶଳତା ଶାନ୍ତି ଏବଂ ସର୍ବୋପଦ୍ରବ ବିନାଶ ପାଇଁ "ଶିବମ୍" ମୋକ୍ଷସୁଖ 'ଶଗ୍ମମ୍' ତଥା ସାଂସାରିକ ସୁଖ ମୁଁ ଯଥାବତ୍ ଲାଭ କରିବି । ବିଭୋ ! ମୋକ୍ଷ-ସୁଖ ଏବଂ ସାଂସାରିକସୁଖ ମୋର ଏଇ କାମନା ଦ୍ୱୟକୁ ପୂରଣ କରନ୍ତୁ । ଆପଣ ନିଜର ଭକ୍ତଜନଙ୍କ କାମନା, ଅଭିଳାଷକୁ ଅବଶ୍ୟ ପୂରଣ କରିଥାନ୍ତି ॥୪୯॥

-: **ପ୍ରାର୍ଥନା** :-

**ତମୀଶାନଂ ଜଗତସ୍ତସ୍ଥୁଷସ୍ପତିଂ ଧିୟଞ୍ଜିନ୍ୱମବସେ ହୂମହେ ବୟମ୍ ।**
**ପୂଷା ନୋ ଯଥା ବେଦସାମସଦ୍‌ବୃଧେ ରକ୍ଷିତା ପାୟୁରଦବ୍ଧଃ ସ୍ୱସ୍ତୟେ ॥୫୦॥**

(ଯଜୁଃ. ୨୫/୧୮)

**ବ୍ୟାଖ୍ୟା :-** ହେ ସୁଖାଭିଳାଷୀ ଏବଂ ମୁମୁକ୍ଷୁ ମାନବଗଣ ! ସେହି ପରମପିତା ପରମାତ୍ମାଙ୍କ 'ହୂମହେ' ପ୍ରାପ୍ତି ପାଇଁ ଆମ୍ଭେମାନେ ସ୍ପର୍ଦ୍ଧା କରୁଅଛୁଁ, ଶୀଘ୍ର ତାଙ୍କ ସାନ୍ନିଧ୍ୟତା ଉପଲବ୍ଧି ପାଇଁ । କାରଣ, ସେ ହେଉଛନ୍ତି ଈଶାନ (ସମସ୍ତ ଜଗତର ସ୍ୱାମୀ) ଓ ଈଶାନ



(ଉତ୍ପାଦନ) କର୍ତ୍ତୃ ଅଭିକର୍ତ୍ତା ଅଟନ୍ତି । ଜଗତ ଦ୍ୱିବିଧ, ଚର ଏବଂ ଅଚର । ଏହି ଦ୍ୱିବିଧ ଜଗତର ପାଳନ କର୍ତ୍ତା ସେ ହିଁ ଅଟନ୍ତି । 'ଧିୟଞ୍ଜିନ୍ୱମ୍' ବିଜ୍ଞାନମୟ, ବିଜ୍ଞାନପ୍ରଦ ଓ ତୃପ୍ତିକାରକ ଈଶ୍ୱର ଅଟନ୍ତି । ତାଙ୍କୁ 'ଅବସେ' ଆମେ ନିଜର ରକ୍ଷାପାଇଁ ସ୍ପର୍ଦ୍ଧୟା ଆହ୍ୱାନ କରୁଁ । ଯେପରି ସେହି ପରମାତ୍ମା 'ପୂଷା' ଆମର ପୋଷଣ ପ୍ରଦ ଅଟନ୍ତି, ସେହିପରି 'ବେଦସାମ୍' ଧନ ଏବଂ ବିଜ୍ଞାନ ଅଭିବୃଦ୍ଧିର 'ରକ୍ଷିତା' ରକ୍ଷକ ମଧ୍ୟ ଅଟନ୍ତି । 'ସ୍ୱସ୍ତୟେ' ନିରୁପଦ୍ରବତା ପାଇଁ ସେ ଆମର 'ପାୟୁ' ପାଳକ ଅଟନ୍ତି ଓ 'ଅଦବ୍ଧ' ହିଂସାରହିତ ଅଟନ୍ତି । ଅତଏବ ହେ ମାନବଗଣ ! ସେହି ନିରାକାର ସର୍ବଦା ଆନନ୍ଦପ୍ରଦ ପରମାତ୍ମାଙ୍କୁ କେବେହେଲେ ଭୁଲନାହଁ, ତାଙ୍କୁ ସର୍ବଦା ନିଜର ହୃଦୟ ମନ୍ଦିରରେ ସ୍ମରଣ କର, ସେ ହିଁ ସମସ୍ତଙ୍କ ସର୍ବକାମନା ପୂରଣ କରିବେ, ସେ ହିଁ କାମନା ଯୋଗ୍ୟ ଅଟନ୍ତି ॥୫୦॥

-: **ସ୍ତୁତି** :-

**ମୟୀଦମିନ୍ଦ୍ର ଇନ୍ଦ୍ରିୟଂ ଦଧାତ୍ୱସ୍ମାନ୍ ରାୟୋ ମଘବାନଃ ସଚନ୍ତାମ୍ ।**
**ଅସ୍ମାକଂ ସନ୍ତ୍ୱାଶିଷଃ ସତ୍ୟା ନଃ ସନ୍ତ୍ୱାଶିଷଃ ॥୫୧॥** (ଯଜୁଃ. ୨/୧୦)

**ବ୍ୟାଖ୍ୟା :-** ହେ ଇନ୍ଦ୍ର ପରମୈଶ୍ୱର୍ଯ୍ୟବନ୍ ଈଶ୍ୱର ! 'ମୟି' ମୋତେ ବିଜ୍ଞାନାଦି ଶୁଦ୍ଧ ଇନ୍ଦ୍ରିୟ 'ରାୟଃ' ଉତ୍ତମ ଧନ 'ମଘବାନଃ' ପରମ ଧନଶାଳୀ ଆପଣ 'ସଚନ୍ତାମ୍' ସଦ୍ୟଃ ପ୍ରଦାନ କରନ୍ତୁ । ହେ ସର୍ବକାମନା ପୂରଣ କର୍ତ୍ତା ଈଶ୍ୱର ! ଆପଣଙ୍କ କୃପାରେ ଆମର ସମସ୍ତ ଆଶା ସତ୍ୟ ପରିପୂର୍ଣ୍ଣ ହେଉ । ହେ ଭଗବନ୍ ! ଆମର ସକଳ କାମନା ଶୀଘ୍ର ସତ୍ୟତା ଯୁକ୍ତ କରନ୍ତୁ, ଯାହାଫଳରେ ଆମର ନ୍ୟାୟଯୁକ୍ତ ଇଚ୍ଛା, ଆକାଂକ୍ଷା ସିଦ୍ଧ ହେଲେ ଆମେ ସର୍ବଦା ପରମାନନ୍ଦ ଉପଭୋଗ କରି ପାରିବୁ ॥୫୧॥

-: **ପ୍ରାର୍ଥନା** :-

**ସଦସସ୍ପତିମଦ୍‌ଭୁତଂ ପ୍ରିୟମିନ୍ଦ୍ରସ୍ୟ କାମ୍ୟମ୍ ।**
**ସନିଂ ମେଧାମୟାଶିଷଂ ସ୍ୱାହା ॥୫୨॥** (ଯଜୁଃ. ୩୨/୧୩)

**ବ୍ୟାଖ୍ୟା :-** ହେ ସଭାପତେ ! ବିଦ୍ୟାମୟ ନ୍ୟାୟକାରିନ୍ ସଭାସଦ୍ ! ସଭାପ୍ରିୟ ସଭା ହିଁ ଆମର ରାଜା ନ୍ୟାୟକାରୀ ହୁଅନ୍ତୁ । ଆମର ଏଇ ଇଚ୍ଛା ସର୍ବଦା ବଳବତ୍ତର

ହୋଇରହୁ । କୌଣସି ମନୁଷ୍ୟ ବିଶେଷ  ଆମର ରାଜ ନୁହଁନ୍ତି, ସୁତରାଂ ଆପଣ ହିଁ ଆମର ସଭାପତି ସଭାଧ୍ୟକ୍ଷ ଅଟନ୍ତି । ଆପଣ ଅଦ୍ଭୁତ, ଆଶ୍ଚର୍ଯ୍ୟ, ବିଚିତ୍ର, ଶକ୍ତିମୟ ଓ ପ୍ରିୟସ୍ୱରୂପ ଅଟନ୍ତି । ଜୀବଗଣଙ୍କ କମନୀୟ ସ୍ୱରୂପ 'ସନିମ୍' ସମ୍ୟକ୍ ଭଜନୀୟ ଓ ସେବ୍ୟ ଆପଣହିଁ ଅଟନ୍ତି । "ମେଧା" ଅର୍ଥାତ୍ ସତ୍ୟ ଧର୍ମଧାରଣ କର୍ତ୍ତା ବୁଦ୍ଧି ଦୟାକରି ମୋତେ ପ୍ରଦାନ କରନ୍ତୁ । "ସ୍ୱାହା" ଏହାହିଁ ସ୍ୱକୀୟ ବାଣୀ "ଆହା" ଉଚ୍ଚାରଣ କରେ କି ସମସ୍ତଙ୍କର ଈଶ୍ୱର ହିଁ ଏକମାତ୍ର  ସେବ୍ୟ ଅଟନ୍ତି । ଏହାହିଁ ହେଉଛି ଈଶ୍ୱରାଜ୍ଞା ଓ ବେଦାଦେଶ – ଏହାକୁ କେହି କେବେ ଅସ୍ୱୀକାର କରିପାରିବେ ନାହିଁ ॥୫୨॥

-: **ସ୍ତୁତି** :-

**ୟାଂ ମେଧାଂ ଦେବଗଣାଃ ପିତରଶ୍ଚୋପାସତେ ।**

**ତୟା ମାମଦ୍ୟ ମେଧୟାଗ୍ନେ ମେଧାବିନଂ କୁରୁ ସ୍ୱାହା ॥୫୩॥** (ଯଜୁଃ. ୩୨।୧୪)

**ବ୍ୟାଖ୍ୟା :-** ହେ ସର୍ବଜ୍ଞାନାଗ୍ନେ ! ଯେଉଁ ବିଜ୍ଞାନବତୀ ଯଥାର୍ଥ ଧାରଣାବତୀ ବୁଦ୍ଧିକୁ ଦେବବୃନ୍ଦ (ବିଦ୍ୱାନ୍ ପୁରୁଷମାନେ) ଉପାସନା, (ଧାରଣ) କରନ୍ତି, ଏବଂ ଯଥାର୍ଥ ବିଜ୍ଞାନବନ୍ତ ପିତରଗଣ ଯେଉଁ ବୁଦ୍ଧିର ଉପାଶ୍ରିତ ଅଟନ୍ତି, ମୋର ସେହି ଯଥାର୍ଥ ବୁଦ୍ଧି ପ୍ରଦାନ କରି ମେଧାବୀ କରନ୍ତୁ । "ସ୍ୱାହା" ମୋର ବିନମ୍ର ଏହି ପ୍ରାର୍ଥନା ଅନୁଗ୍ରହ ପୂର୍ବକ ସ୍ୱୀକାର କରନ୍ତୁ, ଯଦ୍ଦ୍ୱାରା ମୋତେ ଜଡ଼ତା ଦୂରେଇ ଯିବ ॥୫୩॥

-: **ପ୍ରାର୍ଥନା** :-

**ମେଧାଂ ମେ ବରୁଣୋ ଦଦାତୁ ମେଧାମଗ୍ନିଃ ପ୍ରଜାପତିଃ ।**

**ମେଧାମିନ୍ଦ୍ରଶ୍ଚ ବାୟୁଶ୍ଚ ମେଧାଂ ଧାତା ଦଦାତୁ ମେ ସ୍ୱାହା ॥୫୪॥**

(ଯଜୁଃ. ୩୨।୧୫)

**ବ୍ୟାଖ୍ୟା :-** ହେ ସର୍ବୋତ୍ତମ ପରମେଶ୍ୱର ! ଆପଣ "ବରୁଣଃ" ବର (ବରଣୀୟ) ଆନନ୍ଦସ୍ୱରୂପ ଅଟନ୍ତି । ଦୟାକରି ମୋତେ ମେଧା ସର୍ବବିଦ୍ୟାସଂପନ୍ନ ବୁଦ୍ଧି ପ୍ରଦାନ କରନ୍ତୁ । "ଅଗ୍ନିଃ" ବିଜ୍ଞାନମୟ, ବିଜ୍ଞାନପ୍ରଦ, "ପ୍ରଜାପତିଃ" ସକଳ ସଂସାରର ଅଧିଷ୍ଠାତା ପାଳକ, "ଇନ୍ଦ୍ରଃ" ପରମୈଶ୍ୱର୍ଯ୍ୟବାନ୍ "ବାୟୁଃ" ବିଜ୍ଞାନବାନ୍ ଅନନ୍ତବଳ, "ଧାତା" ସମସ୍ତ ଜଗତ୍‌ର



ଧାରଣକର୍ତ୍ତା, ପାଳନକର୍ତ୍ତା ଓ ପୋଷଣ କର୍ତ୍ତା ବିଭୋ ! ମୋତେ ନିଜର କୃପାକଟାକ୍ଷରେ ଅତ୍ୟୁତ୍ତମ ମେଧା (ବୁଦ୍ଧି) ପ୍ରଦାନ କରନ୍ତୁ ॥୫୪॥

-: **ପ୍ରାର୍ଥନା** :-

**ଇଦଂ ମେ ବ୍ରହ୍ମ ଚ କ୍ଷେତ୍ରଂ ଚୋଭେ ଶ୍ରିୟମଶ୍ନୁତାମ୍ ।**

**ମୟି ଦେବା ଦଧତୁ ଶ୍ରିୟମୁତ୍ତମାଂ ତସ୍ମୈ ତେ ସ୍ୱାହା ॥୫୫॥**

(ଯଜୁଃ. ୩୦।୧୬॥

**ବ୍ୟାଖ୍ୟା :-** ହେ ମହାବିଦ୍ୟ ମହାରାଜ ସର୍ବେଶ୍ୱର ! ବ୍ରହ୍ମ (ବିଦ୍ୱାନ) ଏବଂ କ୍ଷତ୍ରିୟ (ରାଜା, ରାଜ୍ୟ, ମହାଚତୁର ନ୍ୟାୟକାରୀ ଶୂରବୀର ରାଜାଦି କ୍ଷତ୍ରିୟ) ଉଭୟେ ଆପଣଙ୍କ କୃପାକଟାକ୍ଷରେ ମୋର ଯଥାବତ୍ ଅନୁକୂଳ ହୁଅନ୍ତୁ । "ଶ୍ରିୟମ୍" ସର୍ବୋତ୍ତମ ବିଦ୍ୟାଦିଲକ୍ଷଣଯୁକ୍ତ ମହାରାଜ୍ୟଶ୍ରୀ ଆମ୍ଭେମାନେ ପ୍ରାପ୍ତ କରିବୁ । ହେ "ଦେବାଃ" ବିଦ୍ୱଦ୍‌ଗଣ ! ଦିବ୍ୟ ଈଶ୍ୱର ଗୁଣ ପରମକୃପା ଉତ୍ତମ ବିଦ୍ୟାଦି ଲକ୍ଷଣ ସମନ୍ୱିତ ଶ୍ରୀ ମୋତେ ଧାରଣ କରାନ୍ତୁ । ସେସବୁକୁ ଅତ୍ୟନ୍ତ ପ୍ରୀତିପୂର୍ବକ ମୁଁ ସ୍ୱୀକାର କରିବି ଏବଂ ଶ୍ରୀ, ବିଦ୍ୟାଦି ପଦାର୍ଥ ଗୁଡିକୁ ସଂସାରର ହିତସାଧନ ପାଇଁ ରାଜ୍ୟାଦି ସୁପ୍ରବନ୍ଧ ପାଇଁ ବ୍ୟୟ କରିବ ॥୫୫॥

॥ ଇତି ॥

**ଶ୍ରୀ ମତ୍ପରମହଂସପରିବ୍ରାଜକାଚାର୍ଯ୍ୟାଣାଂ ଶ୍ରୀଯୁତ**
**ବିରଜାନନ୍ଦ ସରସ୍ୱତୀସ୍ୱାମୀନାଂ ମହାବିଦୁଷାଂ**
**ଶିଷ୍ୟେଣ ଦୟାନନ୍ଦ ସରସ୍ୱତୀସ୍ୱାମିନା**
**ବିରଚିତ ଆର୍ଯ୍ୟାଭିବିନୟେ ଦ୍ୱିତୀୟଃ**
**ପ୍ରକାଶଃ ସଂପୂର୍ଣ୍ଣ**
**ସମାପ୍ତଶ୍ଚାଽୟଂ ଗ୍ରନ୍ଥଃ ॥**

**ସମାପ୍ତ**

## -: ସଂଗଠନ ସୂକ୍ତ :-

**ଓ୩ମ୍ ସଂ ସମିଦ୍ୟୁବସେ ବୃଷନ୍ନଗ୍ନେ ବିଶ୍ୱାନ୍ୟର୍ଯ୍ୟଆ ।**
**ଇଡ଼ସ୍ପଦେ ସମିଧ୍ୟସେ ସ ନୋ ବସୂନ୍ୟା ଭର ॥ ୧ ॥**

ହେ ପ୍ରଭୋ ! ତୁମ୍ ଶକ୍ତିଶାଳୀ ହୋ ବନାତେ ସୃଷ୍ଟିକୋ ।
ବେଦ ସବ୍ ଗାତେ ତୁମ୍‌ହେ ହେଁ କୀଜିଏ ଧନ-ବୃଷ୍ଟିକୋ ।୧।

**ଓ୩ମ୍ ସଙ୍ଗଚ୍ଛଧ୍ୱଂ ସଂବଦଧ୍ୱଂ ସଂବୋ ମନାଂସି ଜାନତାମ୍ ।**
**ଦେବାଭାଗଂ ଯଥାପୂର୍ବେ ସଂଜାନାନା ଉପାସତେ ॥ ୨ ॥**

ପ୍ରେମ୍‌ସେ ମିଲ୍‌କର୍ ଚଲୋ, ବୋଲୋ ସଭୀଜ୍ଞାନୀ ବନୋ ।
ପୂର୍ବଜୌଁକୀ ଭାନ୍ତି ତୁମ୍, କର୍ତ୍ତବ୍ୟ କେ ମାନୀ ବନୋ ।୨।

**ଓ୩ମ୍ ସମାନୋ ମନ୍ତ୍ରଃ ସମିତିଃ ସମାନୀ । ସମାନଂ ମନଃ ସହ ଚିତ୍ତମେଷାମ୍ ।**
**ସମାନଂ ମନ୍ତ୍ର ମଭିମନ୍ତ୍ରୟେ ବଃ । ସମାନେନ ବୋ ହବିଷା ଜୁହୋମି ॥ ୩ ॥**

ହୋ ବିଗ୍ଭର ସମାନ ସବ୍‌କେ ଚିତ୍ତମନ ସବ୍ ଏକ ହୋଁ ।
ଜ୍ଞାନ ଦେତାହୁଁ ବରାବର୍ ଭୋଗ୍ୟପା ସବ୍ ନେକ୍ ହୋଁ ।୩।

**ଓ୩ମ୍ ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।**
**ସମାନମସ୍ତୁ ବୋ ମନୋୟଥା ବଃ ସୁସହାସତି ॥ ୪ ॥**

ହୋଁ ସଭୀକେ ଦିଲ୍ ତଥା ସଙ୍କଳ୍ପ ଅବିରୋଧୀ ସଦା ।
ମନ୍, ଭରେ ହୋଁ ପ୍ରେମ୍ ସେ ଜିସ୍‌ସେ ବଢ଼େ ସୁଖ-ସମ୍ପଦା ।୪।

(ଋଗ୍‌ବେଦ-୧୦-୧୯୧-୧-୪)



## ମାନବିକତାର ନୀତି ଦଶକ

**(ଆର୍ଯ୍ୟ ସମାଜର ଦଶ ନିୟମ)**

୧ :- ସମସ୍ତ ସତ୍ୟବିଦ୍ୟା ଓ ଯାହାସବୁ ପଦାର୍ଥବିଦ୍ୟାଦ୍ୱାରା ଜଣାଯାଏ, ସେ ସବୁର ଆଦିମୂଳ ପରମେଶ୍ୱର ଅଟନ୍ତି ।

୨ :- ଈଶ୍ୱର ସଚ୍ଚିଦାନନ୍ଦ ସ୍ୱରୂପ, ନିରାକାର, ସର୍ବଶକ୍ତିମାନ୍, ନ୍ୟାୟକାରୀ, ଦୟାଳୁ, ଅଜନ୍ମା, ଅନନ୍ତ, ନିର୍ବିକାର, ଅନାଦି, ଅନୁପମ, ସର୍ବାଧାର, ସର୍ବେଶ୍ୱର, ସର୍ବବ୍ୟାପକ, ସର୍ବାନ୍ତର୍ଯ୍ୟାମୀ, ଅଜର, ଅମର, ଅଭୟ, ନିତ୍ୟ, ପବିତ୍ର ଓ ସୃଷ୍ଟିକର୍ତ୍ତା ଅଟନ୍ତି । ତାଙ୍କୁହିଁ ଉପାସନା କରିବା ଉଚିତ ।

୩ :- ବେଦ ହେଉଛି ସମସ୍ତ ସତ୍ୟ ବିଦ୍ୟାର ଗ୍ରନ୍ଥ । ବେଦକୁ ପଢ଼ିବା, ପଢ଼ାଇବା ଓ ଶୁଣିବା ଶୁଣାଇବା ପ୍ରତ୍ୟେକ ଆର୍ଯ୍ୟଙ୍କର ପରମ ଧର୍ମ ଅଟେ ।

୪ :- ସତ୍ୟକୁ ଗ୍ରହଣ କରିବା ଓ ଅସତ୍ୟକୁ ତ୍ୟାଗ କରିବା ପାଇଁ ସର୍ବଦା ଉଦ୍ୟମଶୀଳ ହେବା ଆବଶ୍ୟକ ।

୫ :- ସମସ୍ତ କାର୍ଯ୍ୟ ଧର୍ମାନୁସାରେ ଅର୍ଥାତ୍ ସତ୍ୟ ଓ ଅସତ୍ୟକୁ ବିଗ୍ଭର କରି କରିବା ଉଚିତ ।

୬ :- ସଂସାରର ଉପକାର କରିବା ଅର୍ଥାତ୍ ଶାରୀରିକ, ଆତ୍ମିକ ଓ ସାମାଜିକ ଉନ୍ନତି ସାଧନ କରିବା ହେଉଛି ଆର୍ଯ୍ୟସମାଜର ମୁଖ୍ୟ ଉଦ୍ଦେଶ୍ୟ ।

୭ :- ସମସ୍ତଙ୍କ ସହିତ ପ୍ରୀତିପୂର୍ବକ ଧର୍ମାନୁସାରେ ଯଥାଯୋଗ୍ୟ ବ୍ୟବହାର କରିବା ଉଚିତ ।

୮ :- ଅବିଦ୍ୟାର ବିନାଶ ଓ ବିଦ୍ୟାର ବୃଦ୍ଧି ପାଇଁ ଯତ୍ନଶୀଳ ହେବା ଆବଶ୍ୟକ ।

୯ :- ପ୍ରତ୍ୟେକ ବ୍ୟକ୍ତି କେବଳ ନିଜ ଉନ୍ନତିରେ ସନ୍ତୁଷ୍ଟ ନ ରହି, ପ୍ରତ୍ୟେକଙ୍କର ଉନ୍ନତିରେ ହିଁ ନିଜର ଉନ୍ନତି ବୋଲି ମନେକରିବା ଆବଶ୍ୟକ ।

୧୦ :- ସମସ୍ତେ ସାମାଜିକ ସର୍ବହିତକାରୀ ନିୟମ ପାଳନରେ ପରତନ୍ତ୍ର ରହିବେ ଓ ପ୍ରତ୍ୟେକ ହିତକାରୀ ନିୟମ ପାଳନରେ ସ୍ୱତନ୍ତ୍ର ରହିବେ ।